
# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୯ /୨୦୧୯ (୧୬ ପୃଷ୍ଠା) Rayagada, Tuesday, April 9 / 2019 ★

୯ମ ଭାଗ ୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





ଧରିତ୍ରୀ
DHARITRI
ମଙ୍ଗଳବାର, ୯ ଏପ୍ରିଲ, ୨୦୧୯



ରାମପୁରକୁ ଆଜମ ଖାନ୍‌ଙ୍କ ବେଆଇନ ଦଖଲରୁ ମୁକ୍ତ କରିବା ପାଇଁ ନିର୍ବାଚନ ଲଢୁଛି।
- ଜୟପ୍ରଦା,ଭାଜପା ଲୋକ ସଭା ପ୍ରାର୍ଥୀ



## ସଂକ୍ଷେପରେ

### ୧୬ରେ କର୍ତ୍ତାରପୁର କରିଡର ବୈଠକ

**ଇସ୍‌ଲାମାବାଦ,୮।୪(ପି.ଟି.)**-କର୍ତ୍ତାରପୁର କରିଡର ଉପରେ ଆସନ୍ତା ୧୬ ତାରିଖରେ ଭାରତ-ପାକିସ୍ତାନ ବୈଷୟିକସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ ବୋଲି ଇସ୍‌ଲାମାବାଦ କହିଛି। କର୍ତ୍ତାରପୁରର ଗୁରୁଦ୍ୱାରା ଦରବାର ସାହିବ ସହ ପଞ୍ଜାବର ଗୁର୍‌ଦାସପୁର ଜିଲାରେ ଥିବା ଡେରା ବାବା ନାନକ ପୀଠକୁ ସଂଯୋଗ କରିବାକୁ ଥିବା ଏହି କରିଡରର ବିଭିନ୍ନ ଦିଗ ଉପରେ ଆଲୋଚନା ହେବ। ଭାରତ ସକାରାତ୍ମକ ଆଭିମୁଖ୍ୟ ପ୍ରକାଶ କଲେ ୫୫୦ତମ ଉତ୍ସବରେ କରିଡର ବାସ୍ତବ ରୂପ ନେଇପାରିବ ବୋଲି ପାକିସ୍ତାନର ବହିର୍ବ୍ୟାପାର ମୁଖପାତ୍ର ଡ. ମହମ୍ମଦ ଫୈଜଲ ଟୁଇଟ୍ କରିଛନ୍ତି। ମାର୍ଚ୍ଚ ୧୪ରେ ଉଭୟ ପକ୍ଷ ମଧ୍ୟରେ ବୈଠକ ବସିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା।

### ପାକ୍ ପିଏମ୍‌ଓରେ ନିଆଁ



**ଇସ୍‌ଲାମାବାଦ,୮।୪(ପି.ଟି.)**-ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ କାର୍ଯ୍ୟାଳୟରେ ସୋମବାର ନିଆଁ ଲାଗିଯାଇଥିଲା। ବିଲ୍ଡିଂର ଷଷ୍ଠ ମହଲାରେ ନିଆଁ ଲାଗିଥିବାବେଳେ ଇମ୍ରାନ ପଞ୍ଚମ ମହଲାରେ ଏକ ବୈଠକରେ ଉପସ୍ଥିତ ଥିଲେ। ସଙ୍ଗେ ସଙ୍ଗେ କାର୍ଯ୍ୟାଳୟକୁ ଖାଲି କରିଦିଆଯିବା ସହ ନିଆଁକୁ ଆୟତ୍ତ କରାଯାଇଥିଲା।

**[ଇତିହାସର ଆଇନାରେ]**

### ଏପ୍ରିଲ ୯ର ପ୍ରମୁଖ ଘଟଣା

୧୯୪୮ ଏପ୍ରିଲ ୯ରେ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଏମ୍‌ପି ଜୟା ବଚ୍ଚନଙ୍କର ଜନ୍ମ। ସେ ଏବେ ସମାଜବାଦୀ ପାର୍ଟିରୁ ରାଜ୍ୟସଭା ସଦସ୍ୟ ଅଛନ୍ତି। ଜଣେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସେ ୯ ଥର ଫିଲ୍ମଫେୟାର ପୁରସ୍କାର ସମେତ ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଏବଂ ଭାରତ ସରକାରଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି। ୧୯୬୩ରେ ମହାନଗର ଚଳଚ୍ଚିତ୍ରରୁ ତାଙ୍କର ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା।

୨୦୧୪ ଏପ୍ରିଲ ୯ରେ ଫ୍ରାଙ୍କଲିନ ରିଜିଅନାଲ ହାଇସ୍କୁଲର ଜଣେ ଛାତ୍ର ୨୦ ଜଣ ସହପାଠୀ ଓ ସୁରକ୍ଷା କର୍ମୀଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ୨୨ ଜଣ ଆହତ ହୋଇଥିବାବେଳେ ୪ ଜଣ ଛାତ୍ର ଗୁରୁତର ହୋଇଥିଲେ। ୧୬ ବର୍ଷର ଆଲେକ୍ସ ହ୍ରିବାଲ ପେନ୍‌ସିଲଭାନିଆର ମୁରିସିଭିଲେସ୍ଥିତ ସ୍କୁଲରେ ପଢୁଥିଲେ।



ପଶ୍ଚିମବଙ୍ଗର କୁଚ୍‌ବିହାରରେ ଟିଏମ୍‌ସିର ଦଳୀୟ ସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ନେତୃବୃନ୍ଦ।



ଅଗରତାଲାରେ ଲୋକ ସଭା ନିର୍ବାଚନ ପାଇଁ ମୁତୟନ ସୁରକ୍ଷା କର୍ମୀ ପୋଷ୍ଟାଲ ଭୋଟ ଦେବା ପୂର୍ବରୁ ସେମାନଙ୍କ ଭୋଟର ପରିଚୟପତ୍ର ଦେଖାଉଛନ୍ତି।

■ ସଂକଳ୍ପପତ୍ର: ପ୍ରତିଶ୍ରୁତିରେ ପୋତିଦେଲା ଭାଜପା

# ବିରୋଧୀ କହିଲେ ପ୍ରତାରଣାପତ୍ର


**ନୂଆଦିଲ୍ଲୀ,୮।୪(ପି.ଟି.)**

ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ସୋମବାର ଉନ୍ମୋଚିତ ଇସ୍ତାହାରକୁ ସଂକଳ୍ପପତ୍ରର ନାମ ଦିଆଯାଇଛି। ଏଥିରେ କୃଷକ, ବ୍ୟବସାୟୀ ଓ ଛାତ୍ରୀଛାତ୍ରଙ୍କଠାରୁ ନେଇ ସବୁ ବର୍ଗର ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ୭୫ଟି ବଡ଼ ପ୍ରତିଶ୍ରୁତି ଦେଇଛି ଭାଜପା। ବିରୋଧୀ ଦଳଗୁଡ଼ିକ ସଂକଳ୍ପପତ୍ରକୁ ପ୍ରତାରଣାପତ୍ରର ଆଖ୍ୟା ଦେଇ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବ। ଏହାର ୩ ଦିନ ପୂର୍ବରୁ ଭାଜପା ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଲୋକେ ଆମକୁ ଉତ୍ତରଦାୟୀ କରନ୍ତୁ ବୋଲି ଆମେ ଚାହୁଁ। ଏଥିପାଇଁ ୨୦୨୨ ସୁଦ୍ଧା ୭୫ଟି ଲକ୍ଷ୍ୟ ପୂରଣ ପାଇଁ ଆମେ ଧାର୍ଯ୍ୟ କରିଛୁ। ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ବେଳକୁ ଭାରତ ଯେପରି ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ ସେଦିଗରେ ଏହି ସଂକଳ୍ପପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି, ଅନ୍ୟ ଦଳଗୁଡ଼ିକ ଘୋଷଣାପତ୍ର ଜାରି କରୁଥିବାବେଳେ ଆମେ ସଂକଳ୍ପପତ୍ର ଉନ୍ମୋଚନ କରିଛୁ। କାରଣ ଏଥିରେ ଭାଜପାର ସଂକଳ୍ପ ରହିଛି। ଦଳ କ୍ଷମତାକୁ ଆସିଲେ ସମସ୍ତ ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ସଂକଳ୍ପବଦ୍ଧ।

ଭାଜପା ସହଯୋଗୀ ଶିବସେନା ସଂକଳ୍ପପତ୍ରକୁ ସ୍ୱାଗତ କରିଥିବାବେଳେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଏହାକୁ ଏକ ରାଜନୈତିକ ଚାଲ ବୋଲି ଅଭିହିତ କରିଛି। ଭାଜପା ପ୍ରଥମେ ୨୦୧୪ ନିର୍ବାଚନ ବେଳର ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରୁ ବୋଲି ଏନ୍‌ସିପି ମୁଖପାତ୍ର ନୱାବ୍ ମଲିକ କହିଛନ୍ତି।

ଅନ୍ୟପକ୍ଷରେ ଭାଜପାର ଏହି ଇସ୍ତାହାରକୁ କଂଗ୍ରେସ ସମାଲୋଚନା କରିବା ସହ ୨୦୧୪ରେ ଦିଆଯାଇଥିବା ପ୍ରତିଶ୍ରୁତି ଅପୂରଣ ରହିଥିବାରୁ ୧୨୫ଟି ପ୍ରଶ୍ନ କରିଛି। ନିଯୁକ୍ତି, ଚାଷୀଙ୍କ ଆୟ ୫୦% ବୃଦ୍ଧି କରିବା, ଭ୍ରଷ୍ଟାଚାର ହଟାଇବା ଓ ବିଦେଶରୁ କଳାଧନ ଫେରାଇ ଆଣିବା ଆଦି କ୍ଷେତ୍ରରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦର୍ଶାଇ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲ କହିଛନ୍ତି, ଭାଜପାର ସଂକଳ୍ପପତ୍ର ପ୍ରକୃତରେ ଏକ ପ୍ରତାରଣାପତ୍ର। ଏଥିରେ କେବଳ ମିଛ ରହିଛି। ସେମାନେ ଏହା ବଦଳରେ ଏକ କ୍ଷମାପତ୍ର ଜାରି କରିଥିଲେ ଉଚିତ ହୋଇଥାନ୍ତା। ଏବେ 'ଭାଜପାର ମିଛ ବନାମ କଂଗ୍ରେସର ନ୍ୟାୟ'କୁ ନେଇ ଭୋଟର ବିଚାର କରିବେ।




କଂଗ୍ରେସ ନେତା ଅହମ୍ମଦ ପଟେଲ।

➘ ୨୦୧୪ରେ ଭାଜପା ଦେଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ଏବେ ନୂଆ ଘୋଷଣାପତ୍ର ଜାରି କରିବା ପାଇଁ ଭାଜପାର କୌଣସି ନୈତିକ ଅଧିକାର ନାହିଁ। ଭାଜପା ସରକାର ବିଗତ ୫ ବର୍ଷ ମଧ୍ୟରେ କ'ଣ ସବୁ କରିଛି ସେନେଇ ରିପୋର୍ଟ ଜାରି କରିଥିଲେ ଭଲ ହୋଇଥାନ୍ତା।



-ମାୟାବତୀ, ବିଏସ୍‌ପି ସୁପ୍ରିମୋ

➘ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଗଲେ ଜମ୍ମୁ-କଶ୍ମୀରର ଲୋକଙ୍କ ପାଇଁ ସ୍ୱାଧୀନତାର ବାଟ ଫିଟିଯିବ। ଭାଜପା ହୃଦୟ ଭାଙ୍ଗିବା ପରିବର୍ତ୍ତେ ଯୋଡ଼ିବା ଦରକାର।



-ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ

➘ ଭାଜପା ଇସ୍ତାହାରରେ ରାମମନ୍ଦିର ସମ୍ପର୍କରେ ଉଲ୍ଲେଖ କରାଯିବାକୁ ନେଇ ବିସ୍ମିତ ହେବାର କିଛି ନାହିଁ। ବିଗତ ୩୦ ବର୍ଷ ଧରି ଏହି ଦଳ ଭୋଟ ବେଳେ ସାମ୍ପ୍ରଦାୟିକ ଧ୍ରୁବୀକରଣକୁ ତେଜିବାରେ ଲାଗିଛି। ରାମମନ୍ଦିର ନିର୍ମାଣ ଭାଜପାର ଜୁମ୍‌ଲା ସ୍ଲୋଗାନ, ଯାହାର ପୁନରାବୃତ୍ତି ଏଥର ମଧ କରାଯାଇଛି।



-ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

➘ ଦିଲ୍ଲୀକୁ ସମ୍ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ ସମ୍ପର୍କରେ ଭାଜପାର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରାଯାଇନାହିଁ। ଏହାର ଅର୍ଥ ହେଉଛି ମୋଦି ମିଛ କହିବା ପରେ ପୁଣି କେତେଟି ଜୁମ୍‌ଲା ଜାରି କରିଛନ୍ତି।



-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଆର୍‌ଜେଡିର ପ୍ରତିବଦ୍ଧତାପତ୍ର

**ପାଟନା,୮।୪(ପି.ଟି.)**

ଆର୍‌ଜେଡି ପକ୍ଷରୁ ସୋମବାର ନିର୍ବାଚନୀ ଇସ୍ତାହାର 'ପ୍ରତିବଦ୍ଧତାପତ୍ର' ଜାରି କରାଯାଇଛି। ଉଚ୍ଚଶିକ୍ଷା, ନ୍ୟାୟପାଳିକା ଓ ଘରୋଇ କ୍ଷେତ୍ରରେ ଏସ୍‌ସି, ଏସ୍‌ଟି, ଇବିସି ଏବଂ ଓବିସିଙ୍କୁ ସଂରକ୍ଷଣ ଦେବା ପାଇଁ ଏଥିରେ ଘୋଷଣା କରାଯାଇଛି। କେନ୍ଦ୍ର ସରକାର ଆର୍ଥିକ ଅସ୍ୱଚ୍ଛଳ ବର୍ଗଙ୍କୁ ୧୦% ସଂରକ୍ଷଣ ଦେବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୫୦ ପ୍ରତିଶତ ସଂରକ୍ଷଣ ସୀମା ଅତିକ୍ରମ କରିଛନ୍ତି। ତେଣୁ ଉପରୋକ୍ତ ବର୍ଗର ଲୋକଙ୍କୁ ସେମାନଙ୍କ ଜନସଂଖ୍ୟା ଆଧାରରେ ସଂରକ୍ଷଣ ଦିଆଯିବା ଉଚିତ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି।



■ ରାହୁଲ, ସୁର୍ଜେୱାଲାଙ୍କ ବିରୋଧରେ ମାନହାନି ମାମଲା

## ମେ ୨୭ରେ ହାଜର ଲାଗି ସମନ

**ଅହମ୍ମଦାବାଦ,୮।୪(ପି.ଟି.)**

ମାନହାନି ମାମଲାରେ ଅହମ୍ମଦାବାଦର ଏକ ଅଦାଲତ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଏବଂ ଦଳର ଜାତୀୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲାଙ୍କୁ ସମନ ଜାରି କରି ମେ ୨୭ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅହମ୍ମଦାବାଦ ଜିଲା ସମବାୟ ବ୍ୟାଙ୍କ (ଏଡିସିବି) ଏବଂ ଏହାର ଅଧକ୍ଷ ଅଜୟ ପଟେଲଙ୍କ ପକ୍ଷରୁ ଏହି ମାନହାନି ମାମଲା ରୁଜୁ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଏହି ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଓ ୧୦୦୦ ଟଙ୍କିଆ ନୋଟକୁ ଅଚଳ ଘୋଷଣା କରିବାର ୫ ଦିନ ମଧ୍ୟରେ ଉକ୍ତ ବ୍ୟାଙ୍କରେ ୭୫୦ କୋଟି ଟଙ୍କାର ଅଚଳ ନୋଟ ବଦଳା ଯାଇଥିବା କଂଗ୍ରେସ ନେତା ଅଭିଯୋଗ କରିଥିଲେ। ଏହା ବିରୋଧରେ ବ୍ୟାଙ୍କ ଓ ଏହାର ଅଧକ୍ଷ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଏସ.କେ. ଗାଧଭି ଉଭୟ ନେତାଙ୍କୁ ସମନ ଜାରି କରିଛନ୍ତି।



ରଣଦୀପ୍ ସୁର୍ଜେୱାଲା ଓ ରାହୁଲ ଗାନ୍ଧୀ।

## କମଳନାଥଙ୍କ ସମ୍ପର୍କୀୟଙ୍କ ଘରେ ଦ୍ୱିତୀୟ ଦିନ ଆୟକର ଚଢ଼ାଉ ଜାରି



ଅଶ୍ୱିନୀ ଶର୍ମାଙ୍କ ଘରେ ଆଇଟି ଚଢ଼ାଉ।

**ନୂଆଦିଲ୍ଲୀ/ଭୋପାଳ,୮।୪(ପି.ଟି.)**

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ଘନିଷ୍ଠ ସହଯୋଗୀଙ୍କ ଘରେ ସୋମବାର ଦ୍ୱିତୀୟ ଦିନ ପାଇଁ ଆୟକର ଚଢ଼ାଉ ଜାରି ରହିଛି। ଏହି ଚଢ଼ାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ନଗଦ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି। ହାୱାଲା ଡିଲର ପରାସ ମାଲ୍ ଲୋଧାଙ୍କୁ ଆୟକର ବିଭାଗ ପକ୍ଷରୁ ଜେରା କରାଯାଇଛି। ରବିବାର ଭୋର ସମୟରୁ କମଳନାଥଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ପ୍ରବୀଣ କକ୍କର, ପୂର୍ବତନ ଉପଦେଷ୍ଟା ରାଜେନ୍ଦ୍ର ମିଗ୍‌ଲାନି, ଅଶ୍ୱିନୀ ଶର୍ମା ଏବଂ ତାଙ୍କ ଭିଣୋଇଙ୍କ କମ୍ପାନୀ ସହ ଜଡିତ ଅଧିକାରୀ ଏବଂ ଭଣଜା ରାତୁଲ ପୁରୀଙ୍କ କମ୍ପାନୀ ଉପରେ ଚଢ଼ାଉ ଆରମ୍ଭ ହୋଇଥିଲା। ଜବତ ଅର୍ଥ ନିର୍ବାଚନରେ ବ୍ୟବହାରର ଯଥେଷ୍ଟ ସମ୍ଭାବନା ଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି।

## ଟ୍ରିବ୍ୟୁନାଲ ଗଲେ ଭାଇସ୍ ଆଡ୍‌ମିରାଲ ବିମଲ ବର୍ମା

**ନୂଆ ନୌସେନା ମୁଖ୍ୟ ନିଯୁକ୍ତିକୁ ଚ୍ୟାଲେଞ୍ଜ**

**ନୂଆଦିଲ୍ଲୀ,୮।୪(ପି.ଟି.)**-ପରବର୍ତ୍ତୀ ନୌସେନା ମୁଖ୍ୟ ନିଯୁକ୍ତିରେ ବରିଷ୍ଠତାକୁ ଅଣଦେଖା କରାଯାଇଥିବାରୁ ଆଣ୍ଡାମାନ ନିକୋବର କମାଣ୍ଡର ମୁଖ୍ୟ କମାଣ୍ଡର ଭାଇସ୍ ଆଡ୍‌ମିରାଲ ବିମଲ ବର୍ମା ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରିଛନ୍ତି। ଟ୍ରିବ୍ୟୁନାଲ ମଙ୍ଗଳବାର ଉକ୍ତ ପିଟିଶନ୍‌ର ଶୁଣାଣି କରିପାରନ୍ତି। ବର୍ମା ସର୍ବବରିଷ୍ଠ ଅଫିସର ଥିବାବେଳେ ତାଙ୍କ ପରିବର୍ତ୍ତେ ଭାଇସ୍ ଆଡ୍‌ମିରାଲ କରମବୀର ସିଂଙ୍କୁ ସରକାର ପରବର୍ତ୍ତୀ ନୌସେନା ମୁଖ୍ୟ ନିଯୁକ୍ତି କରିଛନ୍ତି। ବର୍ତ୍ତମାନର ନୌସେନା ମୁଖ୍ୟ ଆଡ୍‌ମିରାଲ ସୁନିଲ ଲାନ୍‌ବା ମେ ୩୦ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି।

## ସେନାରେ ସାମିଲ ହେଲା ଧନୁଷ୍ କମାଣ



**ଜବଲପୁର,୮।୪(ପି.ଟି.)**-ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୬ଟି ଧନୁଷ୍ କମାଣ ସୈନ୍ୟବାହିନୀରେ ସୋମବାର ସାମିଲ ହୋଇଛି। ଗନ୍ କ୍ୟାରେଜ୍ ଫ୍ୟାକ୍ଟ୍ରିରେ ଅନୁଷ୍ଠିତ ଏକ ଉତ୍ସବରେ ଗୋଳାବାରୁଦ କାରଖାନା ବୋର୍ଡ (ଓଏଫ୍‌ବି) ଏହି କମାଣ ସୈନ୍ୟବାହିନୀକୁ ହସ୍ତାନ୍ତର କରିଛି। ଏହି କମାଣ ୩୮ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ ବୋଲି ଓଏଫ୍‌ବି ଅଧକ୍ଷ ସୌରଭ କୁମାର କହିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଇନିସିଏଟିଭ୍‌ରେ ଏହା ଏକ ବଡ଼ ସଫଳତା ବୋଲି ସେ ମତ ଦେଇଛନ୍ତି।

ଓଏଫ୍‌ବିକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୧୧୪ ଧନୁଷ୍ କମାଣ ନିର୍ମାଣ ଲାଗି ମଞ୍ଜୁରୀ ପ୍ରଦାନ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସେମାନେ ୬ଟି କମାଣ ଯୋଗାଇଛନ୍ତି। ସ୍ୱୟଂକ୍ରିୟ ପ୍ରଯୁକ୍ତିରେ ନିର୍ମିତ ଏହି କମାଣ ଘଣ୍ଟାପ୍ରତି ୪୨ ରାଉଣ୍ଡ ଫାୟାରିଂ କରିବା କ୍ଷମତା ରଖିଛି। ଗୋଟିଏ ଲକ୍ଷ୍ୟସ୍ଥଳକୁ ଏକସଙ୍ଗେ ୩ରୁ ୬ଟି କମାଣରୁ ଫାୟାରିଂ କରାଯାଇପାରିବ। ଏହାର ଓଜନ ୧୩ ଟନ୍‌ରୁ କମ୍ ହୋଇଥିବାରୁ ପାହାଡିଆ ଓ ଦୁର୍ଗମ ଅଞ୍ଚଳରେ ପରିବହନ ସହଜ ହେବ ଏବଂ ସବୁ ପ୍ରକାର ଜଳବାୟୁରେ ଏହାକୁ ବ୍ୟବହାର କରାଯାଇପାରିବ। ଓଏଫବି, ସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ), କ୍ୱାଲିଟି ଆସ୍ୟୁରାନ୍ସ ମହାନିର୍ଦ୍ଦେଶାଳୟ, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ସେଲ୍ ଏବଂ ଘରୋଇ କମ୍ପାନୀର ମିଳିତ ଉଦ୍ୟମରେ ଧନୁଷ୍ ନିର୍ମାଣ କରାଯାଇଛି।

## ଉର୍ମିଳା, ପ୍ରିୟା ଦତ୍ତଙ୍କ ନାମାଙ୍କନପତ୍ର ଦାଖଲ

**ମୁମ୍ବାଇ,୮।୪(ପି.ଟି.)**-ମହାରାଷ୍ଟ୍ରରେ ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଲାଗି ମୁମ୍ବାଇ କଂଗ୍ରେସ ସଭାପତି ମିଲିନ୍ଦ ଦେଓରା, ଦଳୀୟ ପ୍ରାର୍ଥୀ ଉର୍ମିଳା ମାତୋଣ୍ଡକର ଓ ପ୍ରିୟା ଦତ୍ତ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉର୍ମିଳା ଏକ ମୋଟରସାଇକେଲରେ ଯାଇ ଉତ୍ତର ମୁମ୍ବାଇ ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ମୁମ୍ବାଇ ଉତ୍ତର-କେନ୍ଦ୍ରୀୟ ଆସନରେ ଭାଜପାର ପୁନମ ମହାଜନଙ୍କ ବିରୋଧରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରିୟା ଦତ୍ତ ତାଙ୍କ ଭାଇ ତଥା ବଲିଉଡ ଅଭିନେତା ସଞ୍ଜୟ ଦତ୍ତଙ୍କ ସହ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

## ଭିଭିପିଏଟି ଯାଞ୍ଚ ୫ ବୁଥ୍‌କୁ ବଢ଼ାଇବା ଲାଗି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୮।୪(ପି.ଟି.)**



ଆଗାମୀ ସାଧାରଣ ନିର୍ବାଚନରେ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ଅନ୍ୟୁନ ୫ଟି ବୁଥ୍‌ର ଭୋଟର ଭେରିଫିଏବ୍ଲ ପେପର ଅଡିଟ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍ ଯାଞ୍ଚ କରିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ନିର୍ବାଚନ ପ୍ରକ୍ରିୟାରେ ଅଧିକ ସାଧୁତା ଓ ବିଶ୍ୱସନୀୟତା ଆଣିପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ସମସ୍ତ ଉଦ୍ୟମ କରାଯିବ ବୋଲି ଇସି କହିଛନ୍ତି।

ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ଗୋଟିଏ ବୁଥ୍‌ର ଭିଭିପିଏଟି ସ୍ଲିପ୍‌କୁ ଇଭିଏମ୍ ଫଳାଫଳ ସହ ଯାଞ୍ଚ କରାଯାଉଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ ବିରୋଧୀ ଦଳର ନେତା ଅନ୍ୟୁନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନ କରିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ତାହା ସମ୍ଭବ ନୁହେଁ ଏବଂ ଏଥିପାଇଁ ନିର୍ବାଚନ ଫଳାଫଳ ପ୍ରକାଶରେ ପାଖାପାଖି ୬ ଦିନ ବିଳମ୍ବ ହେବ ବୋଲି ଇସି ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ୬ ଦିନ ବିଳମ୍ବରେ କିଛି ଯାଏଆସେ ନାହିଁ ବୋଲି ୨୧ଟି ବିରୋଧୀ ଦଳର ନେତାମାନେ ସୁପ୍ରିମକୋର୍ଟଙ୍କୁ କହିଥିଲେ। ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ଏହା ଗୁରୁତର ବିଳମ୍ବ ନୁହେଁ ବୋଲି ସେମାନେ କହିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଜଷ୍ଟିସ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରୋଧୀ ଦଳଙ୍କ ଦାବିକୁ ଗ୍ରହଣ କରିନାହାନ୍ତି।



# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୯ /୨୦୧୯ | Rayagada, Tuesday, April 9 / 2019 | ପୃଷ୍ଠା-୧




**୩୬ ବର୍ଷରେ ଆଲ୍ଲୁ ଅର୍ଜୁନ**

ସାଉଥ୍ ଫିଲ୍ମ ଷ୍ଟାର୍ ଆଲ୍ଲୁ ଅର୍ଜୁନ ସୋମବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି।

**୦୨ ୧୨**

**ଶ୍ରେଷ୍ଠ ମହିଳା କ୍ରିକେଟର ପ୍ରିୟଙ୍କା**

ତାରକା ସ୍ପିନର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଓ ଉଦୀୟମାନ ଦ୍ରୁତ ବୋଲର ରାଜେଶ ମହାନ୍ତି ଯଥାକ୍ରମେ ମହିଳା ଓ ପୁରୁଷ 'କ୍ରିକେଟର ଅଫ ଦି ଇୟର' ବିବେଚିତ ହୋଇଛନ୍ତି।



## ଡିଜିପି ଭାବେ ଦାୟିତ୍ୱ ନେଲେ ବି.କେ. ଶର୍ମା

**କଟକ ଅଫିସ, ୮।୪**

ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇପିଏସ୍ ଅଫିସର ବିଜୟ ଶର୍ମା। ଡିଜିପି ଡା. ଆର.ପି. ଶର୍ମା କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏହି ଅବସରରେ ବିଜୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆଗକୁ ସାଧାରଣ ନିର୍ବାଚନ ରହିଛି। ଏହାକୁ କିପରି ଶାନ୍ତିଶୃଙ୍ଖଳାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅସଂଘୀୟ**

**ଆଜିର ମନ୍ତବ୍ୟ**

"ଡକାୟତ ଓ ମିଛୁଆ ଚୌକିଦାରଙ୍କୁ କ୍ଷମତା ଏବଂ ରାଜନୀତିରୁ ବାହାରକୁ ଫିଙ୍ଗିଦେବୁ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 08.04.2019 Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers


■ ଭାଜପା ସଂକଳ୍ପପତ୍ରରେ ୭୫ ପ୍ରତିଶ୍ରୁତି: ସମୃଦ୍ଧି, ସୁରକ୍ଷାର ସନ୍ତୁଳନ

# ଜାତୀୟତାବାଦ, ଆତଙ୍କବାଦ ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ,୮।୪(ପି.ଟି./ଆଇଏଏନ୍ଏସ୍)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପକ୍ଷରୁ ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଉଛି। ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣକୁ ୩ ଦିନ ବାକି ଥିବାବେଳେ ସୋମବାର ଭାରତୀୟ ଜନତା ପାର୍ଟି (ଭାଜପା) ଏହାର ବହୁପ୍ରତୀକ୍ଷିତ ଇସ୍ତାହାର ଜାରି କରିଛି। ଏଥିରେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ, ଜମ୍ମୁ-କଶ୍ମୀରରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ସମାନ ନାଗରିକ ସଂହିତା ଲାଗୁ କରିବା ଭଳି ଦଳର ୭୫ଟି ମୌଳିକ ବିଚାରଧାରା ସ୍ଥାନ ପାଇଛି। ସେହିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଛୋଟ ବ୍ୟବସାୟୀଙ୍କୁ ମଧ୍ୟ ପ୍ରଲୋଭିତ କରିବା ପାଇଁ ଏଥିରେ ଉଦ୍ୟମ କରାଯାଇଛି। ଭାଜପା ଇସ୍ତାହାର କମିଟି ମୁଖ୍ୟ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ୪୫ ପୃଷ୍ଠା ସମ୍ବଳିତ ଏହି ଘୋଷଣାପତ୍ରର ନାମ ରଖାଯାଇଛି ସଂକଳ୍ପପତ୍ର। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ନେଇ ଭାଜପା ଏହାର ଇସ୍ତାହାରରେ ଗୁରୁତ୍ୱ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଅନ୍ୟପକ୍ଷରେ ଏହା ୨୦୧୪ ସାଧାରଣ ନିର୍ବାଚନ ବେଳେ ଜାରି କରାଯାଇଥିବା ଘୋଷଣାପତ୍ରର ନକଲ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଅଧ୍ୟକ୍ଷ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍ଲୀ ଓ ସୁଷମା ସ୍ୱରାଜଙ୍କ ସମେତ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳର ସଂକଳ୍ପପତ୍ରକୁ ଉନ୍ମୋଚନ କରିଛନ୍ତି। 'ସଂକଳ୍ପିତ ଭାରତ, ସଶକ୍ତ ଭାରତ' ଏହାର ଟ୍ୟାଗ୍‌ଲାଇନ୍ ରଖାଯାଇଛି। ରାମମନ୍ଦିର ପ୍ରସଙ୍ଗରେ ଭାଜପା ନିଜର ପୂର୍ବଆଭିମୁଖ୍ୟକୁ ସଂକଳ୍ପପତ୍ରରେ ଦୋହରାଇଛି। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଅଯୋଧ୍ୟାରେ ଯଥାଶୀଘ୍ର ସମ୍ଭବ ରାମମନ୍ଦିର ନିର୍ମାଣ ପାଇଁ ଦଳ ସବୁ ବିକଳ୍ପ ଉପରେ ବିଚାର କରିବ ବୋଲି ଏଥିରେ କୁହାଯାଇଛି। ଘୋଷଣାପତ୍ରରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ବିଗତ ୫ ବର୍ଷରେ ଜମ୍ମୁ-କଶ୍ମୀରରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ଦୃଢ଼ ନୀତି ଜରିଆରେ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି। ଉପତ୍ୟକାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ର ଉଚ୍ଛେଦ ସପକ୍ଷରେ ଜନସଂଘ (ଭାଜପାର ପୂର୍ବ ନାମ) ଗଠନ ହେବା ଦିନଠାରୁ ଦଳ ରହିଆସିଛି। ସମ୍ବିଧାନର ଅନୁଚ୍ଛେଦ ୩୫ କ ଅସ୍ଥାୟୀ ବାସିନ୍ଦା ଓ ମହିଳାଙ୍କ ବିରୋଧରେ ଭେଦଭାବ ସୃଷ୍ଟି କରୁଥିବାରୁ ଏହାକୁ ହଟାଇବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। କାରଣ ରାଜ୍ୟର ବିକାଶ ପଥରେ ଅନୁଚ୍ଛେଦ ୩୫ କ ଏକ ପ୍ରତିବନ୍ଧକ। ସେହିପରି କଶ୍ମୀରୀ ପଣ୍ଡିତଙ୍କ ସୁରକ୍ଷା ସୁନିଶ୍ଚିତ କରିବା ☞ପୃଷ୍ଠା-୨



**୪୫ ପୃଷ୍ଠାର ଇସ୍ତାହାର**

- ■ରାମମନ୍ଦିର ନିର୍ମାଣ ପାଇଁ ସବୁ ବିକଳ୍ପ ଉପରେ ବିଚାର
- ■ଅନୁଚ୍ଛେଦ ୩୭୦, ୩୫ କ'ର ଉଚ୍ଛେଦ କରାଯିବ
- ■ସମାନ ନାଗରିକ ସଂହିତା ଲାଗୁ କରାଯିବ
- ■ପର୍ଯ୍ୟାୟକ୍ରମେ ଲାଗୁ ହେବ ଏନ୍ଆର୍‌ସି
- ■୬୦ ବର୍ଷ ବୟସ୍କ ଚାଷୀଙ୍କୁ ପେନ୍‌ସନ
- ■୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ ହେବ
- ■ଜିଏସ୍‌ଟିର ସରଳୀକରଣ, ବ୍ୟବସାୟୀଙ୍କ ପାଇଁ ନୂଆ ଯୋଜନା

■ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ମେଗା ପ୍ରଚାର

# ଚାଷୀଙ୍କୁ ଭୁଲାଉଛନ୍ତି କେନ୍ଦ୍ରୀୟ ନେତା

**ନୂଆପଡା ଅଫିସ/ଖଡିଆଳ/ସିନାପାଲି, ୮।୪(ଡି.ଏନ.ଏ.)**


ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ଦୁଇଦିନ ବାକିଥିବାବେଳେ ମୁଖ୍ୟମନ୍ତ୍ରୀ ସୋମବାର ନୂଆପଡା ଜିଲା ଗସ୍ତ କରି ମେଗା ପ୍ରଚାର କରିଛନ୍ତି। ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଭାଜପା ଓ କଂଗ୍ରେସର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପରେ ବର୍ଷିଥିଲେ। କଳାହାଣ୍ଡି ଜିଲା ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ତରବେଡ଼ାଠାରେ ଆୟୋଜିତ ଦଳୀୟ ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିର୍ବାଚନ ସମୟରେ କେନ୍ଦ୍ରୀୟ ନେତାମାନଙ୍କ କଳାହାଣ୍ଡି ନୂଆପଡ଼ା କଥା ମନେପଡ଼େ। ଭୋଟ ହାତେଇ ଲୋକଙ୍କୁ ଭୁଆଁ ବୁଲାଇବା ସେମାନଙ୍କ କାମ। ଏଠାକାର ଚାଷୀ ସବୁବେଳେ ଅବହେଳିତ ବୋଲି ନବୀନ କହିବା ସହ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହି ଅବସରରେ ନବୀନ ଦଳର ଇସ୍ତାହାରପତ୍ର ଘୋଷଣା କରିଥିଲେ। ଏଥିରେ ମା',ଝିଅମାନଙ୍କୁ ବିଶେଷଭାବେ ଦଳ ଗୁରୁତ୍ୱ ଦେଇଛି। ମିଶନ ଶକ୍ତି ଯୋଜନାରେ ମା'ମାନଙ୍କୁ ବର୍ଷକୁ ୫ହଜାର କୋଟି ଟଙ୍କାର ସରକାରୀ କାମ ଯୋଗାଇ ଦିଆଯିବା ସହ ସମସ୍ତ ମହିଳା ସ୍ୱୟଂ ସାହାଯିକା ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ସବୁ ସ୍ୱୟଂ ସହାୟିକା ଗୋଷ୍ଠୀର ମା' ମାନଙ୍କ ପାଇଁ ଦୁର୍ଘଟଣା ବୀମା, ଗରିବ ଝିଅଙ୍କ ବିବାହ ପାଇଁ ୨୫ହଜାର ଟଙ୍କା ସହାୟତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ମହିଳାଙ୍କ ଚିକିତ୍ସା ସୁବିଧାକୁ ୭ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ସବୁ ଝିଅ ମାଗଣାରେ ପାଠ ପଢ଼ିବେ। ଏପରିକି ମଧ୍ୟାହ୍ନ ଭୋଜନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଧାନ ସଂଗ୍ରହଠାରୁ ଆରମ୍ଭ କରି ଆଶ୍ରମ ସ୍କୁଲ ପରିଚାଳନା, ପରିବହନ କ୍ଷେତ୍ର ପରିଚାଳନା, ଟିକସ ଆଦାୟ, ସ୍କୁଲ୍ ୟୁନିଫର୍ମ ଯୋଗାଣ ☞ପୃଷ୍ଠା-୨

**ଦଳୀୟ ଇସ୍ତାହାରପତ୍ର ଘୋଷଣା**

- ■ମହିଳା, ଝିଅମାନଙ୍କୁ ଗୁରୁତ୍ୱ
- ■ବିଏସ୍‌କେୱାଇରେ ମହିଳାଙ୍କ ପାଇଁ ଚିକିତ୍ସା ସୁବିଧା ୧୦ଲକ୍ଷକୁ ବୃଦ୍ଧି
- ■ସବୁ ଝିଅଙ୍କୁ ମାଗଣାରେ ଶିକ୍ଷାଦାନ
- ■ଏସ୍‌ଏସ୍‌ଜିକୁ ୫ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ


ବିଜେପି

ନୂଆ ଓଡ଼ିଶା ପାଇଁ ସଂକଳ୍ପ



ପ୍ରତି ପରିବାରର ଜଣକୁ ନିଯୁକ୍ତି/ଆତ୍ମନିଯୁକ୍ତି

୧୫ ବର୍ଷରୁ କମ୍ ବୟସର ବାଳିକାମାନଙ୍କ ସହ ଦୁଷ୍କର୍ମ ସହ ସମ୍ପୃକ୍ତ ଥିବା ଅପରାଧୀଙ୍କୁ ମୃତ୍ୟୁଦଣ୍ଡ

ସୁଭଦ୍ରା ସମୃଦ୍ଧି ଯୋଜନାରେ କନ୍ୟା ସନ୍ତାନ ଜନ୍ମ ହେଲେ ବ୍ୟାଙ୍କ୍ ଖାତା ଖୋଲି ଗ୍ରାଜୁଏସନ୍ ନାମ ଲେଖାଇବା ପର୍ଯ୍ୟନ୍ତ ବ୍ୟାଙ୍କ୍ ଖାତାରେ ବିଭିନ୍ନ କିସ୍ତିରେ ୫୦,୦୦୦ ଟଙ୍କା ।

୨୦୨୨ ସୁଦ୍ଧା ପ୍ରତି ପରିବାରକୁ ପଟ୍ଟା ସହ ପକ୍କାଘର

ଅଙ୍ଗନବାଡ଼ି କର୍ମୀଙ୍କ ମାସିକ ଭତ୍ତା ୧୫,୦୦୦ ଟଙ୍କା ଏବଂ ସହାୟିକାମାନଙ୍କ ଭତ୍ତା ୯,୦୦୦ ଟଙ୍କାକୁ ବୃଦ୍ଧି।

ଚାଷୀଙ୍କୁ ପେନସନ୍ ୩୦୦୦ ଟଙ୍କା

ଶୈଳବାଳା ଟୁ ହ୍ୱିଲର ଯୋଜନାରେ +୨ ଶେଷ କରୁଥିବା ମେଧାବୀ ଛାତ୍ରୀଙ୍କୁ ମାଗଣା ଦୁଇଚକିଆ ଯାନ

ଓଡ଼ିଶାର ଉପକୂଳରେ ୧୫ଟି ବନ୍ଦର ନିର୍ମାଣ

ସବୁ ଘରକୁ ୨୪ ଘଣ୍ଟା ପାଇପ୍ ଯୋଗେ ପାଣି ଏବଂ ବିଜୁଳି ଯୋଗାଣ

ସବୁ ଜିଲ୍ଲାରେ ମେଡିକାଲ କଲେଜ୍ ପ୍ରତିଷ୍ଠା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

ନୂଆ ଆଶା, ପୂରା ଭରସା
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର

Issued by BJP, 4R-3/2, Kharavel Nagar, Unit-3, Bhubaneswar

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ନିଶିଶ୍
ପରିବାରବର୍ଗ


ଝୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଶ୍ରୀମନ୍ଦିର ପରିଚାଳନାରେ ସରକାରୀ ଅଧିକାରୀ

# ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୪(ପି.ଟି.)

ପୁରୀର ଜଗନ୍ନାଥ ମନ୍ଦିର ସମେତ ଦେଶର ବିଭିନ୍ନ ମନ୍ଦିର ଓ ଧର୍ମପୀଠର ପରିଚାଳନା ଦାୟିତ୍ୱରେ ସରକାରୀ ଅଧିକାରୀ ରହିଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପ୍ରତିଦିନ ଜଗନ୍ନାଥ ମନ୍ଦିର ଦର୍ଶନରେ ଆସୁଥିବା ଶହ ଶହ ଭକ୍ତ ନିରାଶ ହେଉଥିବା ଜଷ୍ଟିସ ଏସ୍.ଏ. ବୋବଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ମନ୍ଦିର ସେବାୟତ ଭକ୍ତମାନଙ୍କୁ ହଇରାଣ ଓ ଶୋଷଣ କରୁଥିବା ନେଇ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା।

ଏହି ମାମଲାରେ ଆମିକସ୍ କ୍ୟୁରି ଭାବେ ଅଦାଲତଙ୍କୁ ସହାୟତା କରୁଥିବା ବରିଷ୍ଠ ଆଇନଜୀବୀ ରଞ୍ଜିତ କୁମାର ଶ୍ରୀମନ୍ଦିର ପରିଦର୍ଶନ କରି ସବିଶେଷ ରିପୋର୍ଟ ଦାଖଲ କରିସାରିଛନ୍ତି। ବିଭିନ୍ନ କାରଣରୁ ଭକ୍ତମାନେ ହଇରାଣ ହରକତ ହେଉଥିବା ଉକ୍ତ ରିପୋର୍ଟରୁ ଖଣ୍ଡପୀଠ ଜାଣିବାକୁ ପାଇଛନ୍ତି। ପୁରୀ ଜିଲା ଜଜ୍‌ଙ୍କ ପକ୍ଷରୁ ଏହି ମାମଲାରେ ଦାଏର ରିପୋର୍ଟ ଉପରେ ଶ୍ରୀମନ୍ଦିର ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା କୋର୍ଟଙ୍କୁ ଜଣାଇବା ଆବଶ୍ୟକ ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କୁ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସକୁ ଧାର୍ଯ୍ୟ ହୋଇଛି।

ଶ୍ରୀମନ୍ଦିରରେ ଉପଯୁକ୍ତ ଗହଳି ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ ଧାଡ଼ି ବ୍ୟବସ୍ଥାର ଅଭାବ ବଡ଼ ସମସ୍ୟା ବୋଲି ପୂର୍ବରୁ ଆମିକସ୍ କ୍ୟୁରି କୋର୍ଟଙ୍କୁ ଜଣାଇଥିଲେ। ତେବେ ଶ୍ରୀମନ୍ଦିରର ସ୍ଥାପତ୍ୟ କଳା ଭିନ୍ନ ହୋଇଥିବାରୁ ଭକ୍ତଙ୍କ ପାଇଁ ଧାଡ଼ି ବ୍ୟବସ୍ଥା କରିବା ଏତେ ସହଜ ନୁହେଁ ବୋଲି ଓଡ଼ିଶା ପକ୍ଷରୁ ଲଢୁଥିବା ଓକିଲ କହିଥିଲେ। ଧର୍ମମତ ନିର୍ବିଶେଷରେ ସମସ୍ତଙ୍କୁ ମନ୍ଦିର ପ୍ରବେଶ ଅନୁମତି ଦେବାକୁ ଗତବର୍ଷ ଜୁଲାଇରେ ସୁପ୍ରିମକୋର୍ଟ ଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭକ୍ତମାନଙ୍କୁ କରାଯାଉଥିବା ଶୋଷଣ ଅଭିଯୋଗ, ବଂଶାନୁକ୍ରମିକ ସେବାୟତ ପ୍ରଥା ଉଚ୍ଛେଦ ନେଇ ପୁରୀ ଜିଲା ଜଜ୍ ଉଠାଇଥିବା ପ୍ରସଙ୍ଗ ଅନୁଧ୍ୟାନ କରିବା ଲାଗି ଏକ କମିଟି ଗଠନ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କୋର୍ଟରେ ହାଜର ହୋଇ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଥିଲେ, କେରଳର ସାବରିମାଲା ମନ୍ଦିର ଟ୍ରାଭାଙ୍କୋର ଦେବସ୍ୱମ୍ ବୋର୍ଡ (ଟିଡିବି) ଦ୍ୱାରା ପରିଚାଳିତ ହେଉଛି। ସରକାରଙ୍କ ଦ୍ୱାରା ନିଯୁକ୍ତ ବୋର୍ଡ ଦେଶର ବିଭିନ୍ନ ମନ୍ଦିର ପରିଚାଳନା କରୁଥିବା ସେ ଅଦାଲତଙ୍କୁ ଜଣାଇଥିଲେ। ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସରକାର କେତେଦିନ ମନ୍ଦିରକୁ ନିୟନ୍ତ୍ରଣରେ ରଖିବେ ବା ପରିଚାଳନା କରିବେ ବୋଲି ବେଣୁଗୋପାଳ ପ୍ରଶ୍ନ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଚାଷୀଙ୍କୁ ଭୁଡାଉଛନ୍ତି...

ଆଦି ଯୋଗାଇ ଦେବାକୁ ନବୀନ ଇସ୍ତାହାରରେ ଘୋଷଣା କରିଛନ୍ତି। ନିଜ ଦଳର ଇସ୍ତାହାର ପ୍ରକାଶ କରିବା ସହ ନବୀନ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ଭବାନୀପାଟଣା ରେଳ ୱାଗନ କାରଖାନା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିବା ସହ ୨ଗୁଣା ଏମଏସ୍‌ପି, ସବୁ କ୍ଷେତକୁ ପାଣି ଓ କେବିକେ ଯୋଜନା କାହିଁକି ବନ୍ଦ ହେଲା ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ସ୍ଥାନୀୟ ବିଧାୟକ ଏବଂ ଲୋକ ସଭା ପ୍ରାର୍ଥୀଙ୍କ ସକାଶେ ଭୋଟ ପାଇଁ ନବୀନ ନିବେଦନ କରିଥିଲେ। ତରବେଡା ଜନସମାବେଶକୁ ଉଦ୍‌ବୋଧନ ଦେବା ପରେ ନବୀନ ଖଡିଆଳ ବିଧାନ ସଭା ନିର୍ବାଚନମଣ୍ଡଳୀର ଖଡିଆଳରୁ ସିନାପାଲିକୁ ଦୀର୍ଘ ୪୦ କି.ମି.ର ମେଗା ରୋଡ ଶୋ' କରିଥିଲେ। ତରବୋଡସ୍ଥିତ ହାଇସ୍କୁଲ ଖେଳ ପଡିଆରେ ହୋଇଥିବା କାର୍ଯ୍ୟକ୍ରମରେ କୋମନା ବ୍ଲକ ସଭାପତି ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ, ଲୋକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ନବୀନ ଶଙ୍ଖ ଚିହ୍ନରେ ମୋହର ମାରି ହାତ ମୁଠାକୁ ଟାଣ କରନ୍ତୁ ବୋଲି ସେ ଭୋଟ ଭିକ୍ଷା କରିଥିଲେ । ପରେ ସିନାପାଲି ଠାରେ ରୋଡ ଶୋ' କରିଥିଲେ। ସାଙ୍ଗରେ ଦୁଇ ନେତା ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ ଏବଂ ଲୋକ ସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ସମସ୍ତଙ୍କୁ ହାତଯୋଡି ଭୋଟ ଭିକ୍ଷା କରି ଚାଲିଥିଲେ । ସବୁଗାଁରେ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ପାଇ ଖୁସିରେ ବାଜା ବାଣ ବଜାଇ ବିଭୋର ହୋଇଥିବା ଦେଖାଯାଇଥିଲା । ସନ୍ଧ୍ୟା ୬ଟାରେ କଳାହାଣ୍ଡି ଅଭିମୁଖେ ଯାଇଥିଲେ ।

### ଜାତୀୟତାବାଦ, ଆତଙ୍କବାଦ...

ଏବଂ ପଶ୍ଚିମ ପାକିସ୍ତାନ ଓ ପାକ୍-ଅଧିକୃତ ଜମ୍ମୁ-କଶ୍ମୀର (ପିଓଜେକେ)ର ଶରଣାର୍ଥୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ପୁନଃ ଥଇଥାନ ନିମନ୍ତେ ଦଳ ଏହି ସଂକଳ୍ପପତ୍ରରେ ପ୍ରତିଶ୍ରୁତି ଦେଇଛି। ଏହାସହ ସମ୍ବିଧାନର ଅନୁଚ୍ଛେଦ ୪୪ ଅନୁସାରେ ସମାନ ନାଗରିକ ସଂହିତା ପାଇଁ ଏକ ଚିଠା ପ୍ରସ୍ତୁତ କରାଯିବ। ଏହାଦ୍ୱାରା ମହିଳାଙ୍କ ଅଧିକାରଗୁଡ଼ିକ ସୁରକ୍ଷିତ ରହିବା ସହ ଲିଙ୍ଗଗତ ଅସମାନତା ମଧ୍ୟ ଦୂର ହେବ ବୋଲି ଏଥିରେ କୁହାଯାଇଛି। ଅନୁରୂପ ଭାବେ ବିବାଦୀୟ ନାଗରିକ ସଂଶୋଧନ ବିଧେୟକକୁ ମଧ୍ୟ ଭାଜପା ଗୁରୁତ୍ୱ ଦେଇଛି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଲୋକଙ୍କୁ ଏହି ବିଲ୍ ସମ୍ପର୍କରେ ବୁଝାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ଭାଗରେ ଲାଗୁ କରାଯିବ। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସୁରକ୍ଷା ବଳକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।

କ୍ଷମତାକୁ ଫେରିବା ପାଇଁ ଭାଜପା ସମୃଦ୍ଧି ଓ ସୁରକ୍ଷାକୁ ଗୁରୁତ୍ୱ ଦେଇଛି। ଏହାର ଅନ୍ୟ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରେ ରହିଛି ୩ ବର୍ଷ ମଧ୍ୟରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ୨୦୩୦ ସୁଦ୍ଧା ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବା, ସ୍ୱାଧୀନତା ପ୍ରାପ୍ତିର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ପର୍ଯ୍ୟନ୍ତ ଭାରତକୁ ବିକାଶଶୀଳ ରାଷ୍ଟ୍ରରୁ ବିକଶିତ କରିବା। ଦଳ କ୍ଷମତାକୁ ଫେରିଲେ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଆୟ ସମର୍ଥନ ଦିଆଯିବ। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ କୃଷକଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରାଯିବ। ୬୦ ଓ ତଦୂର୍ଦ୍ଧ୍ୱ ବୟସର ସମସ୍ତ ଚାଷୀଙ୍କୁ ପେନ୍‌ସନ ଦିଆଯିବ। କୃଷି ଓ ଗ୍ରାମୀଣ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଆଗାମୀ ୫ ବର୍ଷରେ ୨୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସାମଗ୍ରୀ ଓ ସେବା କର (ଜିଏସ୍‌ଟି)ର ସରଳୀକରଣ ପାଇଁ ସବୁ ପକ୍ଷଙ୍କ ସହ ଆଲୋଚନା କରାଯିବା ସହ ଛୋଟ ବ୍ୟବସାୟୀଙ୍କ ପାଇଁ ଏକାଧିକ ମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଏଥିରେ କୁହାଯାଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଯେଉଁ ବ୍ଲକ୍‌ଗୁଡ଼ିକର ୫୦% ଜନସଂଖ୍ୟା ଏସ୍‌ଟି ଏବଂ ଅନ୍ୟୂନ ୨୦,୦୦୦ ଆଦିବାସୀ ଜନସଂଖ୍ୟା ବିଶିଷ୍ଟ ବ୍ଲକ୍‌ରେ ଏକଲବ୍ୟ ଆଦର୍ଶ ଆବାସିକ ସ୍କୁଲ ପ୍ରତିଷ୍ଠା କରାଯିବ। ଅଙ୍ଗନୱାଡ଼ି ଓ ପ୍ରି-ସ୍କୁଲ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ସଂକଳ୍ପପତ୍ରରେ ସ୍ୱଚ୍ଛ ଭାରତ ମିଶନ, ଉଜ୍ଜ୍ୱଳା ଯୋଜନା, ସୌଭାଗ୍ୟ ଯୋଜନା, ବିମୁଦ୍ରୀକରଣ, ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାର୍ ଷ୍ଟ୍ରାଇକ୍ ଭଳି ନିଷ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରାଯାଇଛି।

### ଡିଜିପି ଭାବେ...

ସହିତ ସମ୍ପନ୍ନ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ନିର୍ବାଚନ କମିଶନଙ୍କ ଗାଇଡଲାଇନ୍ ଅନୁଯାୟୀ ଅବାଧ ଏବଂ ନିରପେକ୍ଷ ନିର୍ବାଚନ କରିବା ପୋଲିସର ପ୍ରାଥମିକତା ରହିବ। ପୋଲିସ ବାହିନୀ କିଭଳି ଭାବେ ନିର୍ବାଚନ ପରିଚାଳନା କରିବେ, ସେଥିପ୍ରତି ଯତ୍ନବାନ ହେବୁ। ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ନକ୍ସଲ ପ୍ରବଣ ଅଞ୍ଚଳରେ ନିର୍ବାଚନ ପରିଚାଳନା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ରହିବ। ଗୋଇନ୍ଦା ତଥ୍ୟ ଆଧାରରେ ଗାଡ଼ି ଚେକିଂ କରାଯାଇ ନିର୍ବାଚନ ପାଇଁ ବେଆଇନ ଟଙ୍କା ଚାଲାଣ ଉପରେ କଡ଼ା ନଜର ରଖାଯିବ ବୋଲି ବିଜୟ ସୂଚନା ଦେଇଛନ୍ତି।

## ସାଉଥ୍ ସୁପରଷ୍ଟାର ଆଲୁଙ୍କ ଜନ୍ମଦିନ

ଚେନ୍ନାଇ

ସାଉଥ୍ ଫିଲ୍ମ ଷ୍ଟାର୍ ଆଲୁ ଅର୍ଜୁନ ସୋମବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୩ ଏପ୍ରିଲ ୮ରେ ଚେନ୍ନାଇଠାରେ ଜନ୍ମଗ୍ରହଣ କରିଥିଲେ। ଛୋଟ ପିଲା ଥିବାବେଳେ ସେ ଫିଲ୍ମରେ ଅଭିନୟ କରିବା ଆରମ୍ଭ କରିଥିଲେ। ଦାମୀ କାର୍ ଚଳାଇବା ତାଙ୍କର ସୌକ୍। ଏବେ ତାଙ୍କ ପାଖରେ ବହୁ ନାମୀଦାମୀ କମ୍ପାନୀର କାର୍ ରହିଛି। ଏହାସହିତ ଆଲୁଙ୍କ ପାଖରେ କୋଟି କୋଟି ଟଙ୍କାର ବହୁମୂଲ୍ୟ ପ୍ରାସାଦ, ଅନେକ ସ୍ଥାବର ତଥା ଅସ୍ଥାବର ସମ୍ପତ୍ତି ରହିଛି। ସେ ରୋମାଣ୍ଟିକ୍ ଭୂମିକାରେ ଅଭିନୟ କରିବା ସହିତ ଆକ୍ସନ୍ ସିନ୍ କରିବାକୁ ବେଶ୍ ପସନ୍ଦ କରନ୍ତି। ସେ ସାଉଥ୍ ସୁପରଷ୍ଟାର ଚୀରଞ୍ଜିବୀଙ୍କ ଭଣଜା। ୨୦୧୧ରେ ସ୍ନେହା ରେଡ୍ଡୀଙ୍କୁ ବିବାହ କରିଥିଲେ।



# ଭୋଟ ପାଇଁ ସରକାରୀ ଛୁଟି

ଭୁବନେଶ୍ୱର,୮।୪(ବ୍ୟୁରୋ)

ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରି, ବ୍ୟାଙ୍କ ଏବଂ ବ୍ୟାଙ୍କିଙ୍ଗ୍ ଇନ୍‌ଷ୍ଟିଚ୍ୟୁଶନ ଆଦି ମତଦାନ ଦିବସରେ ବନ୍ଦ ରହିବ। ଯେଉଁ ପର୍ଯ୍ୟାୟରେ ଯେଉଁଠି ମତଦାନ ହେବ, ସେହି ଅଞ୍ଚଳ ପାଇଁ ସେହି ଦିବସ ଛୁଟି ରହିବ। ଏପ୍ରିଲ ୧୧ ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର, କୋରାପୁଟ ଲୋକ ସଭା ଏବଂ ଏହା ଅଧୀନ ୨୮ଟି ବିଧାନସଭା ଅଞ୍ଚଳ ପାଇଁ ଛୁଟି ଘୋଷଣା କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ମତଦାନ ହେବାକୁ ଥିବା ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସ୍କା ଲୋକ ସଭା ନିର୍ବାଚନ ମଣ୍ଡଳୀ ଓ ଏହା ଅଧୀନରେ ଥିବା ୩୫ଟି ବିଧାନସଭା କ୍ଷେତ୍ର, ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ୨୩ ତାରିଖରେ ହେବାକୁ ଥିବା ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକ ସଭା ଆସନ ସହ ଏହା ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ଏବଂ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୯ ତାରିଖରେ ହେବାକୁ ଥିବା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ଥିବା ୪୨ଟି ବିଧାନସଭା କ୍ଷେତ୍ର ପାଇଁ ଏହି ଛୁଟି ଲାଗୁ କରାଯିବ। କର୍ମଚାରୀମାନେ ମତଦାନ କରିବା ପାଇଁ ଏହି ଛୁଟି ଘୋଷଣା କରାଯାଇଛି।

## ଦଳ ବିରୋଧୀ କାର୍ଯ୍ୟ ପାଇଁ ଜିଲା କଂଗ୍ରେସର ୧୯ ନେତା ବହିଷ୍କୃତ

ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.)

ଚଳିତ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଜିଲା କଂଗ୍ରେସର ୧୯ଜଣ ନେତାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳରୁ ବହିଷ୍କୃତ କରିଛନ୍ତି । ନିଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ଅନ୍ୟତମ ପ୍ରଭାରୀ ପି.ଏସ୍.ସିଂଦେଓଙ୍କ ଅନୁମୋଦନକ୍ରମେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ବହିଷ୍କୃତ ହୋଇଥିବା ନେତାମାନେ ହେଲେ ଡ.ତିରୁପତି ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ଏସ୍.ଗଜପତି ରାଓ, ବର୍ତ୍ତମାନର କାର୍ଯ୍ୟକାରୀ ଜିଲା ସଭାପତି ଜି.ତିରୁପତି ରାଓ, ଅଖିଳ କୁମାର ପାତ୍ର, କୃଷ୍ଣଚନ୍ଦ୍ର ଦୋରା, ଏସ୍.ବାଲାରାଜୁ, ଜିଲା ପରିଷଦ ସଭ୍ୟ ହିମାଂଶୁ ଲିମ୍ମା, ଗୁଞ୍ଜୁ ଗମାଙ୍ଗ, ଏମ୍.କ୍ରିଷ୍ଣା ରାଓ, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ରହିଛନ୍ତି। ଏମାନେ ସମସ୍ତେ ଦଳ ବିରୋଧ କାର୍ଯ୍ୟରେ ଲିପ୍ତ ଥିବାରୁ ଏମାନଙ୍କୁ ଦଳରୁ ବହିଷ୍କୃତ କରାଯାଇଛି ବୋଲି ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ବୈଜୟନ୍ତଙ୍କ ବିରୋଧରେ ନବୀନଙ୍କ ଅଭିଯୋଗ

## 'ମୋ ସ୍ୱାସ୍ଥ୍ୟ ବିଷୟରେ ଗୁଜବ କରିଥିଲେ'

ଭୁବନେଶ୍ୱର,୮।୪(ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କେନ୍ଦ୍ରାପଡ଼ା ଲୋକ ସଭା ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ସଙ୍ଗିନ୍ ଅଭିଯୋଗ ଆଣିଛନ୍ତି। ବୈଜୟନ୍ତ କିଭଳି ତାଙ୍କ ଚୌକି ହାତେଇବାକୁ ଷଡ଼ଯନ୍ତ୍ର ରଚିଥିଲେ ନବୀନ ସାକ୍ଷାତ୍‌କାର ବେଳେ ନିଜେ ଏହାର ଖୋଲାସା କରିଛନ୍ତି। ବରିଷ୍ଠ ଖବରଦାତା ଶ୍ରୀନିବାସନ ଜୈନ ନବୀନଙ୍କ ସାକ୍ଷାତ୍‌କାର ବେଳର କେତେକ ଫଟୋ ମଧ୍ୟ ଶେୟାର କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି ଯେ ସାକ୍ଷାତ୍‌କାର ବେଳେ ନବୀନ କେତେକ ସାଂଘାତିକ ଅଭିଯୋଗ କରିଛନ୍ତି। ମୋ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ବିଷୟରେ କେନ୍ଦ୍ରାପଡ଼ା ଏମପି ବୈଜୟନ୍ତ ପଣ୍ଡା ଗୁଜବ କରିଥିଲେ। ଏଥିରେ ତାଙ୍କର କ୍ଷମତା ହାସଲ କରିବା ଥିଲା ମୂଳ ଲକ୍ଷ୍ୟ ବୋଲି ନବୀନ କହିଥିବା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଜୈନଙ୍କ ଏହି ଟୁଇଟ୍ ଉପରେ ରି ଟୁଇଟ୍ କରି ନିଜର ପ୍ରତିକ୍ରିୟାରେ ବୈଜୟନ୍ତ କହିଛନ୍ତି ଯେ ନବୀନଙ୍କ ଏଭଳି ଆରୋପ ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ମିଛ ବୋଲି କହିବାକୁ ପଡୁଛି। ମୋ ପ୍ରତି ତାଙ୍କର ଏଭଳି ପାଗଳାମି ଦେଖି ଆଶ୍ଚର୍ଯ୍ୟ ଲାଗୁଛି। ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ଏଭଳି ଅମୂଳକ ଆରୋପ ନ କରିବାକୁ ଜ୍ଞାନ ଦିଅନ୍ତୁ। ତାଙ୍କ ସ୍ୱାସ୍ଥ୍ୟ ଭଲ ରହିବାକୁ ପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ ।

ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ନବୀନ ନିଜର ସ୍ୱାସ୍ଥ୍ୟ ଠିକ୍ ଥିବା ନେଇ ପରୋକ୍ଷ ସୂଚନା ଦେଇଥିଲେ। ସେ ନିଜର କେତେକ ବ୍ୟାୟାମ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ପ୍ରଥମ ଥର ପାଇଁ ନବୀନ ନିଜର ଏଭଳି ପୋଜ ଫଟୋ ପୋଷ୍ଟ କରିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଥିଲା।

### ପୋଖରୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ

ବଡ଼ମ୍ବା,୮।୪(ଡି.ଏନ.ଏ.): କଟକ ଜିଲା ବଡ଼ମ୍ବା ଥାନା ଅଧୀନ ମାଳତି ଗ୍ରାମରେ ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ୨ ଭାଇଙ୍କ ଝିଅପୁଅ ପୋଖରୀରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକଦ୍ୱୟ ହେଲେ ଗ୍ରାମର ବିଜୟ ପଲେଇଙ୍କ ଝିଅ ପ୍ରିୟଦର୍ଶିନୀ ପଲେଇ(୯) ଓ ତାଙ୍କ ବଡ଼ଭାଇ ଅଜୟ ପଲେଇଙ୍କ ଏକମାତ୍ର ପୁଅ ଆଶୁତୋଷ ପଲେଇ(୮)। ଉଭୟ ଭଉଣୀଭାଇ ଗାଁ ସ୍କୁଲରେ ପଢୁଥିଲେ। ପ୍ରିୟଦର୍ଶିନୀ ୪ର୍ଥ ଶ୍ରେଣୀରେ ପଢୁଥିବାବେଳେ ଆଶୁତୋଷ ୩ୟ ଶ୍ରେଣୀରେ ପଢୁଥିଲେ। ବିଦ୍ୟାଳୟରୁ ଫେରିବା ପରେ ସେମାନେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସେଠାରେ ବୁଡ଼ି ଯାଇଥିଲେ। ଖବର ପ୍ରଚାରିତ ହେବାପରେ ବାଲିଝାରୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ।

**କିଛି ତଥ୍ୟ**

୨୦୧୫-୧୬ରେ ୨.୧୧ ଲକ୍ଷ କୋଟି ଟଙ୍କାର ସେବା ଟିକସ ଆଦାୟ ହୋଇଥିବା ବେଳେ ଏହା ୨୦୧୬-୧୭ରେ ୨.୫୪ ଲକ୍ଷ କୋଟି ଟଙ୍କା ରହିଛି।

– ଅର୍ଥ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ଆପଣ ଯେମିତି ଯାହା ଚାହିଁବେ ତାହା ସୁବିଧାରେ ପ୍ରାପ୍ତ ହେବ। ହଠାତ୍ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇପାରନ୍ତି। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରିବେ। ସଭାସମିତି, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧି ଆଶଙ୍କା ରହିଛି।

**ବୃଷ** ଉଚ୍ଚ ରାଶିରୁ ଚନ୍ଦ୍ରଙ୍କ ସପ୍ତମ ସ୍ଥାନ ପ୍ରତି ଦୃଷ୍ଟି କାରଣରୁ ନୂତନ କର୍ମାରମ୍ଭ, ଯାତ୍ରା, ପରିବହନ, ଆଇନ, ଅଦାଲତ ସମ୍ପର୍କିତ ସମସ୍ତ କ୍ଷେତ୍ର ଶୁଭପ୍ରଦ ରହିବ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବା ସହ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ।

**ମିଥୁନ** ଧନାଧିପ ଚନ୍ଦ୍ର କର୍ମାଧିପଙ୍କ ସହ ଲାଭଭାବସ୍ଥ ଯୋଗୁ କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରିବେ। କିନ୍ତୁ ଶନି ଦୃଷ୍ଟ ବୁଧ କାରଣରୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ତର୍କବିତର୍କ ଲାଗିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଏକାଦଶ ସ୍ଥାନରେ ଭୂମିପୁତ୍ର ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ଇଚ୍ଛା ଓ ଅଭିଳାଷ ପୂରଣ କରିବ। ବନ୍ଧୁଙ୍କ ପ୍ରେରଣାରେ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟକରିବା ସକାଶେ ମନ ବଳାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜି ଆପଣ ଯାହା କରନ୍ତୁ ନା କାହିଁକି ସହଜ ଓ ସୁବିଧାରେ କୌଣସି କାମ ହାସଲ ହୋଇପାରିବ ନାହିଁ। ଅବଶ୍ୟ ଅର୍ଥପ୍ରାପ୍ତି, ବନ୍ଧୁସମ୍ପର୍କ ସ୍ଥାପିତ ହେବା ସହ ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ। ପଡ଼ୋଶୀ ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରିପାରନ୍ତି। ଆଲୋଚନା ବ୍ୟତିରେକ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ।

**କନ୍ୟା** ରାଶ୍ୟାଧିପ ଭାଗ୍ୟାଧିପଙ୍କ ସହ ଦୁଃସ୍ଥାନସ୍ଥ ହେତୁ ଚେଷ୍ଟା କରୁଥିବା କାମରେ ସଫଳତା ମିଳିବା କଷ୍ଟକର ହୋଇପାରେ। ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ତାହାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଧନହାନି ସମ୍ଭାବନା ରହିଛି। ଗତକାଲିଠାରୁ ଚିନ୍ତା କରିଥିବା କାମଗୁଡ଼ିକ ଆଜି ପରିସ୍ଥିତି ବଶତଃ ବାସ୍ତବରେ ଓଲଟା ହୋଇପାରେ।

**ତୁଳା** କୌଣସି ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟ, ସହଯୋଗ ଲାଭକରି ସ୍ଥଗିତ କାମକୁ ସମ୍ପନ୍ନ କରିବେ। ତଥାପି ପ୍ରତିଟି କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ଭାଗ୍ୟାଧିପତିଙ୍କ ଉଚ୍ଚରାଶିରେ ରାଶ୍ୟାଧିପ ମଙ୍ଗଳ କୌଣସି ନୂତନ କର୍ମାରମ୍ଭ ସକାଶେ ସିଦ୍ଧାନ୍ତ ନେଇପାରନ୍ତି। ଅନୁରାଧା ନକ୍ଷତ୍ରର ଅତୀତ ଘଟଣା ପ୍ରବାହ ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ମାନସିକ ସ୍ଥିତିକୁ ଚିନ୍ତିତ କରାଇପାରେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିବ।

**ଧନୁ** ଉଚ୍ଚାରୋହୀ ରବିଙ୍କ ଆଶୀର୍ବାଦରୁ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଗୃହନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି। ଅନ୍ତରଙ୍ଗ ବନ୍ଧୁଙ୍କ ସହ ଆଜିର ପ୍ରାତଃ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। କଠିନ ଶ୍ରମ ଯୋଗୁ ସାମୟିକ ଭାବେ ଅପରାହ୍ନରେ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** ସପ୍ତମାଧିପତି କୋଣଭାବରେ ନୂତନ ମିତ୍ରତା ସୃଷ୍ଟି କରି ଆଶାକୁ ଚରିତାର୍ଥ କରାଇପାରେ। କିନ୍ତୁ ଧନିଷ୍ଠାର କେତେକ କ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବ, କିନ୍ତୁ ନିଜ ଦୋଷରୁ ତାହା ହରାଇପାରନ୍ତି। ମନ ବୁଝିଲା ଭଳି କଥା କହି ପାଖପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ପାରିବାରିକ ସ୍ଥିରତା ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଆପଣଙ୍କ କାମକୁ ଆଗକୁ ବଢ଼ାଇନେବ। ଖୋଜୁଥିବା ଜିନିଷ ଅତି ନିକଟରେ ପାଇବା ସହ ଏଥିପାଇଁ ସାମୟିକ ଅସ୍ଥିରତା ମଧ୍ୟରେ ଗତି କରିବେ। କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ।

**ମୀନ** ସନ୍ତାନଙ୍କ କାର୍ଯ୍ୟକଳାପକୁ କେନ୍ଦ୍ରକରି ପାଖପଡ଼ୋଶୀଙ୍କ ସହ କଳହ ଲାଗିପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିବ। ଆଗାମୀ ମାଙ୍ଗଳିକ ଉତ୍ସବ କିମ୍ବା ଆନୁଷ୍ଠାନିକ କାମରେ ଗୁରୁଦାୟିତ୍ୱ ବହନକରି ପ୍ରବୃତ୍ତି ପଥେ କର୍ମମୁଖର ରହିପାରନ୍ତି। ଶୁଣାକଥାକୁ ବିଶ୍ୱାସ ନ କରି ଏବଂ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ।

ଆଜି ଚୈତ୍ର ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ,ଚୈତ୍ର ମଙ୍ଗଳବାର ଓଷା ତୃତୀୟପାଳି, ଏପ୍ରିଲ ୯ତାରିଖ, ରାଶିନକ୍ଷତ୍ର- ଦିବା ଘ ୧୧ ।୦୩ମି. ଗତେ, ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ ୮ ।୪୧ମି. ଗତେ, ଘ ୧୦ ।୧୩ମି. ମଧ୍ୟେ ଘ ୧୧ ।୪୫ମି. ଗତେ, ଘ ୧ ।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ ୧୦ ।୧୩ମି. ଗତେ ଘ ୧୧ ।୪୫ମି. ମଧ୍ୟେ, ଘ ୨ ।୫୭ମି. ଗତେ ଘ ୪ ।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ ୨ ।୫୪ମି. ଗତେ ଘ ୪ ।୨୭ମି. ମଧ୍ୟେ ରାହୁକାଳ।

classifieds


SALE

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (out-right). 9776934361, 8144706560. D-66317

Bhubaneswar GITA College ଠାରେ 1200 sqft. 4,50,000/-ରେ de-marcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 9439206202. D-66308

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

ଭୁବନେଶ୍ୱର ପାହାଳରେ Bank finance ଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316

ଫୁଲନଖରାରେ ନିର୍ମିତ ବୃହତମ ମାର୍କେଟ (Grand Bazar) NH-5ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot କିଣନ୍ତୁ। 9777342153. D-66322

ଘାଟିକିଆରେ ମୋର commercial corner ପ୍ଲଟ୍ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196, 9937273159. D- 12031



2BHK with modular kitchen, open garage with compound and dressing table in MBR Northern Heights, Kalarahanga, Bhubaneswar. 8455021180. D- 65632




ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଳେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

ଜନ୍ମଦିନ ଶୁଭେଚ୍ଛା


(ଝୁନୁ)

ଶ୍ରୀମତୀ ପ୍ରବୀଣା ପଟ୍ଟନାୟକ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆଜି ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛୁ।
ପୁଅ, ବୋହୂ, ନାତୁଣୀନାତିମାନେ ଓ ପଟ୍ଟନାୟକ ପରିବାରବର୍ଗ।
ଧ-୧୨୦୪୫

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


"ମା' ମାନେ ହେଉଛନ୍ତି ବିକାଶର ପ୍ରକୃତ ଡବଲ ଇଞ୍ଜିନ । ବିଜୁ ଜନତା ଦଳର ଇସ୍ତାହାରରେ ଆମେ ମା' ମାନଙ୍କୁ, ଝିଅ ମାନଙ୍କୁ ବିଶେଷ ଗୁରୁତ୍ୱ ଦେଇଛୁ ।"
ବିଜୁ ଜନତା ଦଳ ସରକାର ଗଠନ ହେବା ପରେ ମିଶନ ଶକ୍ତିର ମା' ମାନଙ୍କୁ ମିଳିବ ବର୍ଷକୁ ୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ସରକାରୀ କାମ । ଆଉ ୫ ଶହ କୋଟି ଟଙ୍କାର ଲାଭ
ଗରିବ ଝିଅଙ୍କ ବାହାଘର ପାଇଁ ପଚିଶ ହଜାର ଟଙ୍କା ସହାୟତା ।
ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମା' ମାନଙ୍କ ପାଇଁ ଦୁର୍ଘଟଣା ବୀମା ।
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା
ସବୁ ଝିଅଙ୍କ ପାଠ ପଢା ମାଗଣା, କେଜିରୁ କଲେଜ, ମେଡିକାଲ, ଇଞ୍ଜିନିୟରିଙ୍ଗ୍ ପର୍ଯ୍ୟନ୍ତ
ବିଜୁ ଜନତା ଦଳ
ମହିଳା ସଶକ୍ତିକରଣରେ ବ୍ରତୀ
'ଶଙ୍ଖ' ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ
ଥରେ ଏମ୍.ପି. ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।

> ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ।
> -ଶ୍ରୀମା



# ଅସଂଘୀୟ

ଦିଲ୍ଲୀ ଆୟକର ଅଧିକାରୀଙ୍କ ଏକ ଟିମ୍ ୭ ଏପ୍ରିଲ ୨୦୧୯ରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ଘନିଷ୍ଠ ସହଯୋଗୀ ପ୍ରବୀଣ କକ୍କର ଏବଂ ଆର୍. କେ. ମିଗ୍ଲାନିଙ୍କ ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଗୋଆରେ ଥିବା ବାସଗୃହ ଏବଂ କାର୍ଯ୍ୟାଳୟ ଉପରେ ଅଚାନକ ଚଢ଼ାଉ କରିବା ଘଟଣା ଏବେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ବେଳେ ଆୟକର (ଆଇଟି) ବିଭାଗର ଅଣଭାଜପା ଶାସିତ ରାଜ୍ୟ ଓ ନେତାମାନଙ୍କ ଉପରେ ଚଢ଼ାଉ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଭଳି ଚଢ଼ାଉ କେବଳ ରାଜନୈତିକ ଦୃଷ୍ଟିକୋଣରୁ କରାଯାଉଛି ବୋଲି ଯେଉଁମାନେ କହୁଛନ୍ତି, ସେମାନେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ଭାଜପାର କୌଣସି ନେତାଙ୍କ ଉପରେ ଆୟକର ବିଭାଗର ଦୃଷ୍ଟି ପଡୁ ନ ଥିବା ଅତ୍ୟନ୍ତ ସନ୍ଦେହଜନକ। ତେବେ କମଲନାଥଙ୍କ ସହଯୋଗୀଙ୍କ ଘର ଉପରେ ଚଢ଼ାଉ ବେଳେ ପଶ୍ଚିମବଙ୍ଗ ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ , ଦୁଇ ମାସ ତଳେ ସିବିଆଇ ଅଧିକାରୀମାନେ ତତ୍କାଳୀନ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଜେରା କରିବାକୁ ଯାଇଥିବା ବେଳେ ସେମାନଙ୍କୁ ପଶ୍ଚିମବଙ୍ଗ ପୋଲିସ ବାଧା ଦେଇଥିଲା। ରାଜନୈତିକ ଫାଇଦା ପାଇଁ ନରେନ୍ଦ୍ର ମୋଦି ସରକାର ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ ଆଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ବିରୋଧରେ ରଣହୁଙ୍କାର ଦେଇଥିଲେ। ତା'ପରେ ମମତା ଘଟଣାର ପ୍ରତିବାଦ କରି ଧାରଣାରେ ବସିଥିଲେ। ସେତେବେଳେ ଏହି ଘଟଣା ସମଗ୍ର ଦେଶରେ ଚହଳ ପକାଇଥିଲା। ସମାନ ଢଙ୍ଗରେ କମଲନାଥଙ୍କ ସହଯୋଗୀଙ୍କ ବାସଭବନରେ ଆୟକର ଅଧିକାରୀ ଚଢ଼ାଉ କରୁଥିବା ବେଳେ ବାହାରେ ମୁତୟନ ଥିବା ସିଆର୍‌ପିଏଫ୍ ଯବାନଙ୍କ ସହ ମଧ୍ୟପ୍ରଦେଶ ପୋଲିସର ଧସ୍ତାଧସ୍ତି ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ୧୫୦ ସିଆର୍‌ପିଏଫ୍ ଯବାନଙ୍କୁ ଏପ୍ରିଲ ୬ରେ ଦିଲ୍ଲୀରୁ ମଧ୍ୟପ୍ରଦେଶକୁ ପଠାଯାଇଥିଲା। ନିର୍ବାଚନ ଓ କେତେକ ଆନୁଷଙ୍ଗିକ କାର୍ଯ୍ୟ ଲାଗି ଯବାନଙ୍କୁ ପଠାଯାଉଥିବା କଥା ମଧ୍ୟପ୍ରଦେଶ ଗୋଇନ୍ଦା ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା। ମାତ୍ର ଆୟକର ଅଧିକାରୀମାନେ କମଲନାଥଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିବା ପରେ କେନ୍ଦ୍ରର ଉଦ୍ଦେଶ୍ୟ ଭିନ୍ନ ରହିଥିବା ଜଣାପଡ଼ିଛି।

ଭାରତୀୟ ସମ୍ବିଧାନ ଅନୁଯାୟୀ, କେନ୍ଦ୍ର ତା'ର ପୋଲିସ ବଳ କୌଣସି ରାଜ୍ୟକୁ ପଠାଇବା ପୂର୍ବରୁ ସମ୍ପୃକ୍ତ ରାଜ୍ୟର ଅନୁମତି ଲୋଡ଼ିବା ଆବଶ୍ୟକ। ଏହାକୁ 'ଜେନେରାଲ କନ୍‌ସେଣ୍ଟ' ବା 'ସାଧାରଣ ସମ୍ମତି' କୁହାଯାଇଥାଏ। ତେଣୁ ଯେଉଁ ଉଦ୍ଦେଶ୍ୟରେ ସାମରିକ, ଅର୍ଦ୍ଧସାମରିକ କିମ୍ବା ତଦନ୍ତକାରୀ ବାହିନୀ ଗୋଟିଏ ରାଜ୍ୟକୁ ପଠାଯାଏ, ସେମାନେ ସେହି କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ନାହିଁ। ଏଠାରେ କମଲନାଥ ବା କଂଗ୍ରେସକୁ ସମର୍ଥନ ଜଣାଇବାର କୌଣସି ପ୍ରଶ୍ନ ଉଠୁନାହିଁ। ମଧ୍ୟପ୍ରଦେଶ ସରକାର କୌଣସି ରାଜନୈତିକ ଦଳର ପୈତୃକ ସମ୍ପତ୍ତି ନୁହେଁ। ସେଥିପାଇଁ ଅସତ୍ୟ କହି ଏବଂ ନିର୍ବାଚନକୁ ଆଳ କରି କେନ୍ଦ୍ରୀୟ ପୋଲିସ ବଳ ମଧ୍ୟପ୍ରଦେଶରେ ପ୍ରବେଶ କରିବା ଭାରତୀୟ ସମ୍ବିଧାନର ଘୋର ବିରୋଧାଚରଣ କରୁଛି।

ଏପ୍ରିଲ ୭ର ଚଢ଼ାଉ ନେଇ ଆୟକର ଅଧିକାରୀମାନେ କହିଛନ୍ତି ଯେ, ଅତ୍ୟଧିକ ନଗଦ ଅର୍ଥ ନେବା ଆଣିବା ହେଉଥିବା ଖବର ମିଳିବା ପରେ ଏପରି ପଦକ୍ଷେପ ନିଆଯାଇଛି। ଦୁର୍ନୀତିକୁ ରୋକିବା ସକାଶେ ଆୟକର ବିଭାଗର ତତ୍ପରତା ପ୍ରଶଂସନୀୟ। ଅବଶ୍ୟ ଏଭଳି ତତ୍ପରତା କେବଳ ବିରୋଧୀଙ୍କ ନିକଟରେ ସୀମିତ ନ ରଖି ଶାସକ, ତା'ର ସହଯୋଗୀ ଦଳ ଓ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିଲେ ଆୟକର ବିଭାଗର ଦୀର୍ଘମିଆଦୀ ବିଶ୍ୱସନୀୟତା ବୃଦ୍ଧି ପାଇପାରନ୍ତା। ତାହା କରାଯାଉ ନ ଥିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଆଇଟି ବିଭାଗ ମଧ୍ୟ ଦଳର ବୋଲକରା ସାଜିଥିବା ଦୋଷାରୋପକୁ ଖୋରାକ ଯୋଗାଉଛି। ବିଡ଼ମ୍ବନାର ବିଷୟ ଯେ, ଏ ଦେଶରେ ଧୀରେ ଧୀରେ ସବୁ ସ୍ୱାଧୀନ ସଂସ୍ଥା ଦୁର୍ବଳ ହେବାରେ ଲାଗିଛନ୍ତି। ସିବିଆଇ, ଆର୍‌ବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆଇଟି, ଏପରିକି ନିର୍ବାଚନ କମିଶନ (ଇସି) ଏବଂ ସୁପ୍ରିମକୋର୍ଟଙ୍କ ଉପରେ ନିକଟ ଅତୀତରେ ବାରମ୍ବାର ଅଙ୍ଗୁଳି ନିର୍ଦ୍ଦେଶ ହୋଇସାରିଛି।

ଭାଜପା କହୁଛି ଯେ, ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ସର୍ବଦା ଚେଷ୍ଟା କରୁଛନ୍ତି। ଏହାର ଦୃଷ୍ଟାନ୍ତ ଭାବେ ନୀତି ଆୟୋଗ ଗଠନ ଓ ତା'ର କାର୍ଯ୍ୟଶୈଳୀକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। ଯୋଜନା କମିଶନ ରାଜ୍ୟ ସରକାରଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସକ୍ଷମ ନ ହେବାରୁ ତାହାକୁ ଉଚ୍ଛେଦ କରାଯାଇ ନୀତି ଆୟୋଗ ଗଠନ କରାଗଲା ବୋଲି ଦର୍ଶାଯାଇଛି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ କେନ୍ଦ୍ର-ରାଜ୍ୟ ସମ୍ପର୍କରେ ଗତ ୫ ବର୍ଷ ହେବ ଅସନ୍ତୁଳନ ଦେଖାଦେଇଛି। କେବଳ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ସହଯୋଗ ବୃଦ୍ଧି ପାଉଛି। ଏହାର ପ୍ରମାଣ ଏବର ନିର୍ବାଚନ ସମୟରେ ଭାଜପା କହୁଥିବା ଡବଲ ଇଞ୍ଜିନ୍ କଥାରୁ ପ୍ରତୀୟମାନ। ଭାଜପାର ଶୀର୍ଷଠାରୁ ସ୍ଥାନୀୟ ନେତାଙ୍କ ପର୍ଯ୍ୟନ୍ତ ପ୍ରଚାର ସମୟରେ କହି ବୁଲୁଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟରେ ଭାଜପା ଶାସନ କଲେ ତାହାର ସୁଫଳ ରାଜ୍ୟକୁ ମିଳିପାରିବ। ଏହାର ଅର୍ଥ ପରୋକ୍ଷରେ ବୁଝିବାକୁ ହେବ ଯେ, ଅନ୍ୟ ଯେଉଁ ରାଜ୍ୟରେ ବିରୋଧୀ ଶାସନ କରୁଛନ୍ତି, ସେମାନଙ୍କୁ ହଇରାଣ କରାଯିବ। ଏହି 'ଡବଲ ଇଞ୍ଜିନ୍' ଚିନ୍ତାଧାରାକୁ କଂଗ୍ରେସରେ ମଧ୍ୟ ପ୍ରୋତ୍ସାହନ ଦିଆଯାଉଥିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଏହାକୁ 'ମେନ୍‌ଷ୍ଟ୍ରିମ୍' ବା ମୁଖ୍ୟସ୍ରୋତରେ ରାଜ୍ୟଗୁଡ଼ିକ ସାମିଲ ହୁଅନ୍ତୁ ବୋଲି ଆହ୍ୱାନ ଦିଆଯାଉଥିଲା। ସେତେବେଳେ ଅଣକଂଗ୍ରେସ ରାଜ୍ୟଗୁଡ଼ିକୁ ଜାଣିଶୁଣି ଦୁର୍ବଳ କରାଯାଉଥିଲା। ଏବେ ମନେହେଉଛି ଯେପରି ଅନେକ ଦଶନ୍ଧି ବିତିଯିବା ପରେ ଭାରତର ଗଣତନ୍ତ୍ର ଏବଂ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେହି ଚେଷ୍ଟା କରୁନାହାନ୍ତି। କେବଳ ସେତିକି ନୁହେଁ, ଉଭୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାକୁ ସକ୍ରିୟ ଭାବେ ଆଘାତ ପହଞ୍ଚାଇବାର ଉଦ୍ୟମ ଲାଗି ରହିଛି। ଏହି ଦୁଇଟି ଶବ୍ଦ ସାଧାରଣରେ ବୁଝିବା ସହଜ ନୁହେଁ। ସମ୍ଭବତଃ ସେଥିପାଇଁ ଭୋଟ ଦେବାକୁ ଯାଉଥିବା ମତଦାତା ଏହିସବୁ ଆଧୁନିକ ପାଶ୍ଚାତ୍ୟ ଚିନ୍ତାଧାରାର ଧାର ଧାରନ୍ତି ନାହିଁ ବୋଲି ଦୟନୀୟ ପରିସ୍ଥିତିରେ ଆସି ଆମ ଦେଶ ପହଞ୍ଚିଛି।

### ଚିରନ୍ତନୀ

ଡାକି ଉଠେ ଶମଶାନେ ପିଶାଚ ଶକୁନି କରି ରଡ଼ି
ମହାତମସାର କୋଳେ ମୋର ମହାଦୀପ ଉଠେ ଜଳି। (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | | | | | | | 2 | D | | 5 | | 8 |
| | | | | | 5 | 0 | C | | E | | 3 | 2 | | |
| | | | | 6 | | | | 1 | | 8 | 7 | | | 3 |
| | | | C | 9 | 8 | 2 | | | 5 | | 6 | 4 | | |
| 1 | A | | | 4 | | D | | | | | C | | | |
| | | | B | | | | | | | 2 | A | | | |
| | | | | | | 3 | 0 | | 9 | 1 | | | | 6 |
| 2 | | 6 | | | | | | A | | | E | | | |
| A | | 1 | 7 | C | | | | 4 | 6 | | | | | |
| | 7 | | A | 8 | 3 | | 9 | B | | | | | | |
| 6 | 2 | | | | | B | | | | C | | | | 9 |
| D | | 0 | 4 | | | E | 1 | | | | B | | | A |
| | B | | 2 | 1 | E | | 7 | | | 6 | | | | |
| 4 | | | | | | 5 | | D | | 7 | | | | |
| 3 | | C | 9 | A | | | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | B | 1 | D | A | E | 8 | 9 | 2 | 7 | 6 | 5 | 3 | 4 |
| 6 | 4 | 3 | E | B | 7 | 1 | 0 | D | 5 | A | C | 2 | 8 | 9 |
| 8 | D | 7 | 2 | 6 | 9 | A | C | 5 | 3 | 1 | 4 | B | E | 0 |
| 5 | 2 | 1 | 8 | 0 | 4 | 7 | 6 | 3 | E | B | 9 | A | C | D |
| 9 | A | E | 5 | C | 3 | 4 | B | 2 | D | 0 | 8 | 6 | 7 | 1 |
| E | B | 6 | D | 3 | C | 0 | 7 | 1 | 9 | 5 | A | 8 | 4 | 2 |
| D | 8 | 2 | 4 | 7 | E | B | 5 | 6 | 0 | C | 3 | 1 | 9 | A |
| 7 | 9 | 0 | B | A | 5 | D | 4 | E | 8 | 2 | 1 | C | 6 | 3 |
| 4 | 3 | C | 0 | 1 | 2 | 9 | A | 8 | 7 | 6 | B | D | 5 | E |
| A | 1 | 5 | 9 | 8 | 6 | 2 | 3 | C | 4 | E | D | 7 | 0 | B |
| B | 0 | 8 | 6 | 2 | 1 | 3 | D | 7 | C | 9 | E | 4 | A | 5 |
| 3 | 6 | 4 | A | 9 | D | C | 1 | 0 | B | 8 | 5 | E | 2 | 7 |
| 1 | 5 | 9 | C | E | B | 8 | 2 | 4 | A | 3 | 7 | 0 | D | 6 |
| C | 7 | A | 3 | 4 | 0 | 5 | E | B | 6 | D | 2 | 9 | 1 | 8 |
| 2 | E | D | 7 | 5 | 8 | 6 | 9 | A | 1 | 4 | 0 | 3 | B | C |

ଗତକାଲିର ଉତ୍ତର

# ବିକ୍ରି ହେଉଛି ନାଗରିକତ୍ୱ



ସହଦେବ ସାହୁ

ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କରୁ ବହୁକୋଟି ଟଙ୍କା ଜାଲିଆତିରେ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଏବେ ଏପ୍ରିଲ ୨୬ ଯାଏ ଲଣ୍ଡନର ଏକ ଜେଲରେ ଭର୍ତ୍ତି ହେବାର କୋର୍ଟ ଆଦେଶ ପୂର୍ବରୁ ଆଣ୍ଟିଗୁଆରେ ନାଗରିକତ୍ୱ ହାସଲ କରିବା ଚେଷ୍ଟାରେ ବିଫଳ ହୋଇଥିବା ଖବର ସମସ୍ତେ ପଢ଼ିଥିବେ। ନୀରବ ମୋଦି ବିଲାତର ନାଗରିକତ୍ୱ କିଣିଥିବାରୁ ଭାରତର ଅନୁରୋଧ ସତ୍ତ୍ୱେ ଆଗରୁ ବିଲାତର କୋର୍ଟମାନେ ତାଙ୍କୁ ଛାଡ଼ିଦେଉଥିଲେ, କାରଣ ସେ ବିଲାତୀ ନାଗରିକତ୍ୱ ଗ୍ରହଣ କରିଥିଲେ। ଆଣ୍ଟିଗୁଆ, ଗ୍ରେନାଡା ଭଳି ଛୋଟ ଛୋଟ କାରିବିଆନ୍ ଦେଶ ନିଜର ସମୃଦ୍ଧି ବଢ଼ାଇବା ଲାଗି ପୁଞ୍ଜିନିବେଶ ଜରିଆରେ ନାଗରିକତ୍ୱ -ସିଟିଜେନ୍‌ଶିପ୍ ବାଇ ଇନ୍‌ଭେଷ୍ଟମେଣ୍ଟ (ସିବିଆଇ) ଯୋଜନା ଚାଲୁ କରିଛନ୍ତି। ବିଲାତରେ ଏ ଯୋଜନାର ନାମ ଗୋଲ୍‌ଡେନ୍ ଭିସା। ସାରା ପୃଥିବୀରେ ଏଭଳି ଯୋଜନା ଏକ ସାଧାରଣ କଥା ହୋଇଯାଇଛି। ଏ କାମରେ ବହୁତ ଆନ୍ତର୍ଜାତିକ କମ୍ପାନୀ ଦଲାଲି କାମ କରୁଛନ୍ତି।

ନିଜ ନାଗରିକକୁ କେହି ବିଦେଶର ଆଇନରେ ଦଣ୍ଡିତ ହେବାକୁ ଦିଏ ନାହିଁ, ଭାରତକୁ ପ୍ରତ୍ୟର୍ପଣ ତ ଦୂରର କଥା। ଏତକ ବୁଝିବା ପାଇଁ ଆମକୁ ନାଗରିକତ୍ୱର ଖରିଦବିକ୍ରି ସମ୍ପର୍କରେ ବୁଝିବାକୁ ପଡ଼ିବ। ବିଦେଶ ଯିବାକୁ ହେଲେ ନିଜ ନାଗରିକତ୍ୱର ପରିଚୟପତ୍ର ପାସ୍‌ପୋର୍ଟ ଦରକାର। ତାକୁ ଦେଖାଇ ଗନ୍ତବ୍ୟ ଦେଶରୁ ପ୍ରବେଶ ଅନୁମତି ପତ୍ର ଭିସା ନିଆଯାଏ। ଭିସାର ସର୍ତ୍ତ ଖିଲାପକଲେ ଭିସାଧାରୀକୁ ଜବରଦସ୍ତ ସ୍ୱଦେଶ ଫେରାଇଦିଆଯାଏ, ଭିସା ରଦ୍ଦ କରାଯାଏ। ମାତୃଭୂମିରେ ଅପରାଧ କରିଥିଲେ ପାସ୍‌ପୋର୍ଟ ରଦ୍ଦ କରାଯାଏ। ତେଣୁ ଭିସା ଆପେ ଆପେ ରଦ୍ଦ ହୋଇଥାଏ। କିନ୍ତୁ ବିଦେଶର ନାଗରିକତ୍ୱ ପାଇଗଲେ ଭିସା ପାସ୍‌ପୋର୍ଟ ହୋଇଯାଏ। ବିଦେଶରେ ଚଳିବା ପାଇଁ ବିଦେଶୀ ମୁଦ୍ରା ଦରକାର। ଆମ ଦେଶରେ ୨୦୦୦ ମସିହା ପୂର୍ବରୁ ବିଦେଶୀ ମୁଦ୍ରା କିଣିବା ଉପରେ ସରକାରୀ କଟକଣା ଥିଲା। ଆମ ଲୋକେ କ୍ୱଚିତ୍ ବିଦେଶ ଯାଉଥିଲେ। ଯିଏ ଯାଉଥିଲେ ସିଏ ଡଲାର ଭଳି ବିଦେଶୀ ମୁଦ୍ରା ଚୋରାରେ କିଣୁଥିଲେ। ଆଜିକାଲି ସେ ଅସୁବିଧା ନାହିଁ, ଆମେ ଟଙ୍କାରେ ଡଲାର, ପାଉଣ୍ଡ ଭଳି ବିଦେଶୀ ମୁଦ୍ରା ଓ ନୋଟ୍ କିଣିପାରୁଛୁ। ବିଦେଶରେ ବ୍ୟବସାୟ ପାଇଁ ବେଶି ପୁଞ୍ଜି ଦରକାର ହେଲେ ରିଜର୍ଭ ବ୍ୟାଙ୍କ ସମ୍ମତି ଦେଉଛି। ଜିଡିପି ବଢ଼ାଇବା ଲାଗି ନିଜ ଦେଶରେ ଘରୋଇ ପୁଞ୍ଜି ସୀମିତ। ନାଗରିକମାନଙ୍କ ଉପରେ ଟିକସ ବୋଝ ବଢ଼ାଇବା ମାନେ ଗଣତନ୍ତ୍ରରେ ଗାଦି ହରାଇବା। ତେଣୁ ବିକଳ୍ପ ହେଲା ବିଦେଶୀ ପୁଞ୍ଜି। ପ୍ରାୟ ପ୍ରତି ଦେଶରେ ସେ ଦେଶର ନାଗରିକ ସହ ସହବନ୍ଧନ ନ ହେଲେ ବ୍ୟବସାୟ କରିବା କଷ୍ଟକର। ଏପରି ଅସୁବିଧା ଦୂରକରିବା ଲାଗି ପ୍ରାୟ ସବୁ ଦେଶ ପୁଞ୍ଜିନିବେଶ କରୁଥିବା ବିଦେଶୀକୁ ନାଗରିକତ୍ୱ ଦେଉଛନ୍ତି। ଭାରତୀୟଟିଏ ବାହାର ଦେଶରେ ନାଗରିକ ହେଲେ ସେ ଦେଶର ଆଇନକାନୁନର ଅଧୀନ ହେବ, ଭାରତର ଆଇନ ତା' ପ୍ରତି ଲାଗୁହେବ ନାହିଁ। ଭାରତର ଅର୍ଜି ସତ୍ତ୍ୱେ ବିଲାତର କୋର୍ଟମାନେ ଆଗରୁ ନୀରବ ମୋଦିଙ୍କୁ ଛାଡ଼ିଦେଉଥିବାର କାରଣ ସେ ବିଲାତର ନାଗରିକତ୍ୱ ହାସଲ କରିଥିଲେ, ସିବିଆଇ ଯୋଜନା ଭଳି ବିଲାତର ଗୋଲ୍‌ଡେନ ଭିସା ଯୋଜନା ଜରିଆରେ। ଅର୍ଥାତ୍ ନୀରବ ମୋଦିଙ୍କ ଭଳି ଚଞ୍ଚକମାନେ ନିଜ ଦେଶରୁ ହଡ଼ପ କରିଥିବା ଟଙ୍କାରେ ବିଦେଶର ନାଗରିକତ୍ୱ କିଣିପାରୁଛନ୍ତି। ନାଗରିକତ୍ୱର କ୍ରୟମୂଲ୍ୟ ରୂପେ ପୁଞ୍ଜିନିବେଶ ପରିମାଣ ଭିନ୍ନ ଭିନ୍ନ ଦେଶରେ ଭିନ୍ନ।

ବିଲାତରେ ୨୦୦୮ରେ ଆରମ୍ଭ ହୋଇଥିବା 'ଗୋଲ୍‌ଡେନ୍ ଭିସା' ଯୋଜନାରେ ଅଣବିଲାତୀମାନେ ଅତି କମ୍‌ରେ ୨୦ ଲକ୍ଷ ପାଉଣ୍ଡ, ପ୍ରାୟ ୧୮ କୋଟି ଟଙ୍କା, ୟୁକେ ଗଭର୍ନମେଣ୍ଟ ବଣ୍ଡ୍ କିଣିବା କିମ୍ବା ବିଲାତରେ କୌଣସି କମ୍ପାନୀ ବା ବ୍ୟବସାୟରେ ସେତିକି ବା ବେଶି ଖଟାଇବା ଦରକାର। ହୀରା-କୁବେର ନୀରବ ମୋଦି ବିଲାତରେ ହୀରା ବ୍ୟବସାୟ କରିବାରେ ୨୦ଲକ୍ଷରୁ ଅଧିକ ପାଉଣ୍ଡ ନିବେଶକରି 'ଗୋଲ୍‌ଡେନ ଭିସା' ହାସଲ କରିଥିବାରୁ ବିଲାତର ଆଇନ ଅନୁଯାୟୀ ସେ ବିଲାତ ନାଗରିକ ଭଳି ବସବାସ କରିବାର, କାମ କରିବାର, ପଢ଼ାପଢ଼ି କରିବାର, ଘରଦ୍ୱାର ଓ ଜମିବାଡି ହାସଲ କରିବାର ଅଧିକାର ପାଇଥିଲେ। ୨୦୦୮ରେ ନିୟମ ଥିଲା ନିବେଶକାରୀଙ୍କୁ ପ୍ରତିବର୍ଷ ୪୯ କୋଟି ୮୦ ଲକ୍ଷ ୟୁରୋ (୩,୮୯୭କୋଟି ଟଙ୍କା) ନିବେଶ କରିବାକୁ ପଡ଼ିବ। ଆଗେ ଦରଖାସ୍ତକାରୀମାନଙ୍କୁ ବିଲାତରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପୂର୍ବରୁ ଭିସା ଦିଆଯାଉଥିଲା। ତେଣୁ ବ୍ୟାଙ୍କଗୁଡ଼ିକ ଭାବୁଥିଲେ ଯେ ଭିସା ଦେବା ପୂର୍ବରୁ ବିଲାତର ହୋମ୍ ଅଫିସ୍ ସବୁ ଯାଞ୍ଚ କରିଥିବ, ନିବେଶିତ ଧନ ସଚ୍ଚୋଟ ହୋଇଥିବ। ଏବେ ବିଲାତ ସରକାରଙ୍କ ହୋମ୍ ଅଫିସ୍ ଭୁଲ୍ ବୁଝିଲାଣି ଏବଂ ୟୁରୋପିଆନ୍ ୟୁନିୟନ ଏହାର ବିରୋଧ କଲାଣି। ୩୦୦୦ରୁ ଅଧିକ କଳାକାରବାରୀ ଧନୀ ବିଲାତରେ ପଶି ସାରିଥିଲେ, ଭ୍ରଷ୍ଟାଚାରରେ ଲିପ୍ତ ବ୍ୟକ୍ତିମାନଙ୍କ ପାଇଁ ଗୋଲ୍‌ଡେନ୍ ଭିସା ଏକ ଅତ୍ୟାବଶ୍ୟକ, ଅତିଗ୍ରହଣୀୟ ସ୍କିମ୍ ଥିଲା। ୨୦୧୮ ଡିସେମ୍ବର ୬ରେ ହୋମ୍ ଅଫିସ୍ ସାମୟିକଭାବେ ଗୋଲ୍‌ଡେନ ଭିସା ବନ୍ଦ କରିଦେଲା। କିନ୍ତୁ ଗୋଲ୍‌ଡେନ ଭିସା ବିକୁଥିବା କମ୍ପାନୀଗୁଡ଼ିକ (ବିଲାତରେ ଭିସା ଦେବା ବେସରକାରୀ ହୋଇଛି)ର ପ୍ରବଳ ଚାପ ଯୋଗୁ ସରକାର ଡିସେମ୍ବର ୧୧ରେ ଗୋଲ୍‌ଡେନ ଭିସାର ପୁନଃପ୍ରଚଳନ କଲେ। ଏବେ ଭାରତ ସରକାରଙ୍କ ପ୍ରବଳ ଚାପ ଫଳରେ ନୀରବ ମୋଦିଙ୍କ ଗୋଲ୍‌ଡେନ୍ ଭିସା ରଦ୍ଦ କରାଯାଇଥିବାରୁ ତାଙ୍କୁ ଜେଲ ପଠାଇବା ସମ୍ଭବ ହୋଇଛି। ସମ୍ଭବତଃ କୋର୍ଟ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବ।

ମନେରଖିବା କଥା ଆଗରୁ ଗୋଲ୍‌ଡେନ ଭିସା ଦେବା ସମୟରେ ନିବେଶକାରୀ କେଉଁ ଉପାୟରେ ପୁଞ୍ଜି ଆଣୁଛି, ସେ ପୁଞ୍ଜି ଚୋରିଡକାୟତିର ଫଳ ବା ବେଆଇନ କି ନୁହେଁ ତାହା ତନଖି କରାଯାଉ ନ ଥିଲା। ଆମ ଦେଶରେ ୧୯୯୦ ଦଶକ ଆରମ୍ଭରେ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ 'ଟଙ୍କାର ରଙ୍ଗ' କ'ଣ ତନଖି କରାଯାଉଥିଲା, ଏବେ କରାଯାଉନାହିଁ। ଆମ ଦେଶରେ ତ ସାଧୁସନ୍ଥ ଓ ଗଡ୍‌ମେନ୍ ଭକ୍ତମାନେ ଦେଉଥିବା ଦାନ କଳାଟଙ୍କା କି ନା- ତାହା ଦେଖାଯାଏ ନାହିଁ। ସେମାନେ ଭକ୍ତଙ୍କ ଟଙ୍କାରେ ଡାକ୍ତରଖାନା, ଜଳସେଚନ, ଜଳଯୋଗାଣ ଆଦି ନିର୍ମାଣ କାର୍ଯ୍ୟ କଲେ ଆମେ ନିର୍ମାଣରେ ଲାଗିଥିବା ପଇସାର ରଙ୍ଗ ଦେଖୁନାହୁଁ। କଳାପୁଞ୍ଜି ନିବେଶକଲେ ବି ଆମେ ନିବେଶକାରୀକୁ ସାଧୁସନ୍ଥ ଭଳି ପାଛୋଟି ଆଣୁଛୁ। ପାନାମା ପେପର୍ସ ଭଳି ତନ୍ନ ତନ୍ନ ଯାଞ୍ଚକାରୀ (ଇନ୍‌ଭେଷ୍ଟିଗେଟିଭ୍) ସାମ୍ବାଦିକତା ଯୋଗୁ ଦୁନିଆ ଜାଣିଲା ଯେ ସୁଧ ବା ଜମା ଉପରେ ଟିକସ ପଡୁ ନ ଥିବା ଦେଶ (ଟାକ୍ସ ହାଭେନ୍)ରେ ମାନ୍ୟଗଣ୍ୟ ଲୋକେ ବି ସେମାନଙ୍କ ପୁଞ୍ଜି ଲୁଚାଇ ରଖୁଛନ୍ତି, ଯାହା ମାତୃଭୂମିର କାମରେ ଆସୁନାହିଁ। ମାତୃଭୂମି କ୍ଷତି ସହୁଛି , ଅଥଚ ଟାକ୍ସ ହାଭେନ୍‌ଗୁଡ଼ିକ ମାଲାମାଲ ହେଉଛନ୍ତି।

ଗୋଲଡେନ୍ ଭିସା ବା ଦ୍ୱୈତ ନାଗରିକ ପାସ୍‌ପୋର୍ଟ ମନି ଲଣ୍ଡରିଂ (ଚୋରା ଟଙ୍କାପଇସା କାରବାର), ଆନ୍ତର୍ଜାତିକ ସ୍ତରରେ ସଂଗଠିତ ଅପରାଧ ଏବଂ ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣ ଭଳି ଅପରାଧର ଆଧାର ହୋଇଛି ବୋଲି ବହୁ ଦେଶ ହୃଦୟଙ୍ଗମ କଲେଣି। ଏଭଳି ସ୍କିମ୍ ରଖିଥିବା ୨୦ଟି ୟୁରୋପିଆନ ଦେଶ ଭିତରେ ଅଛନ୍ତି ସାଇପ୍ରସ୍, ମାଲ୍‌ଟା ଓ ବୁଲଗେରିଆ ଯେଉଁମାନେ ଅଣୟୁରୋପୀୟ ଲୋକଙ୍କୁ ପାସ୍‌ପୋର୍ଟ ଦେଉଛନ୍ତି ଯଦି ସେମାନେ ୧୦ଲକ୍ଷ ୟୁରୋରୁ ୨୦ ଲକ୍ଷ ୟୁରୋ ଭିତରେ ପୁଞ୍ଜି ନିବେଶ କରନ୍ତି। ମାତ୍ର ୧୩ ହଜାର ପାଉଣ୍ଡ ନିବେଶ କଲେ କ୍ରୋଏସିଆ ସରକାର ଆବାସ (ରେସିଡେନ୍ସି) ସାର୍ଟିଫିକେଟ ଦେଉଛି। ଲଗ୍‌ଜେମ୍ବର୍ଗ ଓ ସ୍ଲୋଭାକିଆ ୫୦ଲକ୍ଷ ୟୁରୋ ନିବେଶକାରୀକୁ ଆବାସ ସାର୍ଟିଫିକେଟ ବା ନାଗରିକତ୍ୱ ଦେଉଛି। ମାଲ୍‌ଟା ସରକାର ୨୦୧୪ରୁ ପାସ୍‌ପୋର୍ଟ ବିକିବା ଆରମ୍ଭ କରିଛି। ଜଣେ ବ୍ୟକ୍ତି ୮,୮୦,୦୦୦ ୟୁରୋ ନିବେଶ କଲେ ଏବଂ ତାହାର ଏକ ତୃତୀୟାଂଶ ମାଲ୍‌ଟାର ନ୍ୟାଶ୍‌ନାଲ ଡେଭଲପ୍‌ମେଣ୍ଟ ଆଣ୍ଡ୍ ସୋସିଆଲ ଫଣ୍ଡ୍‌ରେ ଏବଂ ବାକିତା ସରକାରୀ ବଣ୍ଡ୍‌ରେ ଜମା ରଖିଲେ ନିଜର ଘର ତିଆରି ବା ଅତିକମ୍‌ରେ ୫ ବର୍ଷ ପାଇଁ ଘରଭଡ଼ାରେ ସେ ମାଲ୍‌ଟାର ନାଗରିକତ୍ୱ ପାଇବ। ପରିବାରର ଦ୍ୱିତୀୟ ବ୍ୟକ୍ତି ମାଲ୍‌ଟାରେ ରହିବାକୁ ଚାହିଁଲେ ସେହି ପରିମାଣର ପୁଞ୍ଜିନିବେଶ ଦରକାର। ମାଲ୍‌ଟାରେ ଭଡାରେ ଘର ନେଇ ଅଧିକାଂଶ ବିଦେଶୀ ୟୁରୋପିଆନ ୟୁନିୟନର ଦେଶଗୁଡ଼ିକରେ ଅବାଧରେ ପଶିପାରନ୍ତି।

ଆଗେ ଏକଛତ୍ରବାଦୀମାନେ ଦେଶ ଛାଡ଼ି ପଳାୟନ କରୁଥିଲେ, ଦେଶରୁ ଲୁଟ୍ କରିଥିବା ଧନ ବିଦେଶ ନେଇଯାଉଥିଲେ। ଏବେ ନେତା ଓ ସରକାରୀ ଅଧିକାରୀମାନଙ୍କ ସଲାସୁତୁରାରେ ଅଥବା ଲୋକଙ୍କୁ ଭଣ୍ଡାଇ ଶେୟାର ଅଥବା ଚିଟ୍‌ଫଣ୍ଡ ଜରିଆରେ କୁବେର ହୋଇଥିବା ଲୋକେ 'ସିବିଆଇ' ସ୍କିମ୍‌ରେ ବିଦେଶରେ ନାଗରିକ ହୋଇ ଆଇନର ହାତରୁ ଦୂରରେ ରହିବା ସମ୍ଭବ ହେଲାଣି, ଯାହାର ଦୃଢ଼ ପ୍ରତିକାର ଜରୁରୀ।

ଇମେଲ୍: sahadevas@yahoo.com

# ଅଫେରା ପୁଅ

ପ୍ରତିମା ଜେନା (ବିଶ୍ୱାଳ)

ରାସ୍ତା ମଝିରେ ଯେଉଁ ରକ୍ତାକ୍ତ ଶବଟି ପଡିରହିଛି, ତା'ର ଚାରିଘଣ୍ଟା ପୂର୍ବରୁ ଆକ୍ସିଡେଣ୍ଟ ହୋଇଛି। ଆନୁମାନିକ ବୟସ ବାଇଶରୁ ଚବିଶ ଭିତରେ। ମିଡିଆବାଲା ଫଟୋ ଉଠେଇବାରେ ବ୍ୟସ୍ତ। ଅନ୍ୟମାନେ ତା' ପକେଟ୍ ଭିତରେ ଥିବା ମୋବାଇଲ ବାହାର କରି ପରିବାର ଲୋକଙ୍କୁ ଫୋନ କରୁଛନ୍ତି। ପରିବାର ଲୋକ ଆସିବା ବହୁତ ଡେରି ହୋଇପାରେ। ଯାହା ଲାଗୁଛି କେଉଁ ଏକ ନିପଟ ମଫସଲ ଗାଁ, ସେଠୁ ଏ ସହରକୁ ଆସିବାକୁ ଅତି କମ୍‌ରେ ତିନିଘଣ୍ଟା ଲାଗିପାରେ। କେତେଜଣ କୁହାକୁହି ହେଉଛନ୍ତି- ଯେଉଁ ଯୁବକଟି ଏଠି ମରି ପଡିଛି, ସେ ଆଗେ ଆସୁଥିବା ଟ୍ରକ୍ ସହ ତା' ବାଇକ୍‌କୁ ପିଟିଦେଲା। ଟ୍ରକ୍ ଡ୍ରାଇଭରର କିଛି ଦୋଷ ନାହିଁ। ଯୁବକଟି ବେଶି ମାତ୍ରାରେ ଡ୍ରିଙ୍କ୍ କରିଥିଲା, ହୋସ୍‌ରେ ନ ଥାଇ ଗାଡ଼ି ଚଲାଉଥିଲା। ଇଏ କେବଳ ଗୋଟିଏ ଦୁର୍ଘଟଣା ନୁହେଁ, ଏଭଳି ଦୁର୍ଘଟଣା ଘଟୁଛି ପ୍ରତିଦିନ। ଏଥିପାଇଁ ଦାୟୀ ନିଜର ବେପରୁଆ ଗାଡ଼ି ଚାଳନା ଓ ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଇବା।

ଆମ ରାଜ୍ୟ ତଥା ଦେଶରେ ଷାଠିଏ ଭାଗ ଲୋକ ନିଶାସକ୍ତ। ଗାଁରୁ ସହର ଯାଏ ରାଜ୍ୟରୁ ଦେଶଯାଏ ସବୁଠି ମଦର ଖୋଲା ବେପାର। ମଦ ନ ପିଇଲେ ଆଜିକାଲି ଲୋକମାନେ କାମ କରିବାକୁ ରାଜି ହେଉନାହାନ୍ତି। ମଦ ନ ହେଲେ ସାଙ୍ଗସାଥୀମାନେ ବରଯାତ୍ରୀ ହୋଇ ଯିବାକୁ ମନା କରିଦେଉଛନ୍ତି। ବାହାଘରରେ ନାଚଗୀତ କିଛି ଜମିବନି ମଦ ବିନା। ଏମିତିକି ଦେଖାଯାଉଛି ଆଜିକାଲି ଗାଁ ଗହଳିରେ ମଦ ନ ପିଇଲେ ମଡ଼ାସାଙ୍ଗିଆ ଭାଇମାନେ ଶବ କାନ୍ଧେଇ ମଶାଣିକୁ ଯିବାକୁ ମନା କରୁଛନ୍ତି। ଏହା କ'ଣ ଆମେ ଉଚ୍ଚଶିକ୍ଷିତ ହେବାର ପ୍ରମାଣ ? ଆଜିକାଲି ଏଇ ମଦ ପାଇଁ ପ୍ରତି ପରିବାରରେ ଯେତେସବୁ ଅଶାନ୍ତି ଲାଗିରହିଛି। ନିଶା ପାଇଁ ସମ୍ପର୍କ ତିକ୍ତ। ବାପାମା'ମାନେ ଚିନ୍ତାଗ୍ରସ୍ତ। ସେମାନେ ଆଶା ରଖିଥାନ୍ତି ସେମାନଙ୍କ ପୁଅ ଭଲ ପାଠପଢ଼ି ଉଚ୍ଚଶିକ୍ଷିତ ହୋଇ ଭଲ ମଣିଷ ହେବ। ଦେଶଜାତିର ନାଁ ରଖିବ। ବାପାଙ୍କର ସ୍ୱପ୍ନ ସ୍ୱପ୍ନ ହୋଇ ରହିଯାଉଛି। ପୁଅଟି କଲେଜ ଗଲା ପରେ ଦିୱାନା ହୋଇ କୌଶଳ ଖଞ୍ଜେ ରାଧାମାନଙ୍କୁ ପାଇବାପାଇଁ। ପାଠପଢ଼ି ଚାକିରି କରି ପରିବାର ପୋଷିବ କ'ଣ, ବିଫଳ ପ୍ରେମର ପରିଣତିସ୍ୱରୂପ ବା କୁସଙ୍ଗରେ ପଡ଼ି ମଦ ପିଇ ବାପ-ଅର୍ଜିତ ଧନ ସାରେ। ବାପାଙ୍କ ରକ୍ତଚାପ ବଢ଼େ।

ଏ ଦେଶରେ ଜଣେ ଯୁବକ ଥିଲେ ବିବେକାନନ୍ଦ। ତାଙ୍କ ବିଷୟରେ ପଢ଼ି ତାଙ୍କ ଚରିତ୍ର, ତାଙ୍କ ଆଦର୍ଶରେ ନିଜକୁ ଗଢ଼ିପାରିଲେ କେତେ ସୁନ୍ଦର ହୁଅନ୍ତା ଆମ ଜୀବନର ବଞ୍ଚିବା ଶୈଳୀ। କେତେ ଶାନ୍ତି ଭରିଯାନ୍ତା ଆମ ପରିବାରରେ, ଗାଁଠାରୁ ସହର ଯାଏ କେତେ ସୁନାମ ରଟନ୍ତା ! ନିଶାପାଇଁ ଯେତେସବୁ ଦୁର୍ଘଟଣା, ଅକାଳ ବିୟୋଗ, ନିଜ ନିଜ ଭିତରେ କେତେ ରକ୍ତପାତ। ଏ ସବୁ ବନ୍ଦ ହୋଇଯାନ୍ତା ଆମର ଟିକିଏ ମାନସିକ ପରିବର୍ତ୍ତନରେ। ଯେଉଁମାନେ ନିଶାରେ ସର୍ବଦା ବୁଡି ରହୁଛନ୍ତି, ସେମାନେ ଅସମୟରେ ନିଜ ଦେହକୁ ନାନାପ୍ରକାର ରୋଗ ଡାକି ଆଣୁଛନ୍ତି, ଯାହା ପରିଶେଷରେ ମୃତ୍ୟୁର କାରଣ ହେଉଛି।

ରାସ୍ତା ମଝିରେ ଏ ଯେଉଁ ଯୁବକର ଶବ ପଡିରହିଛି ତାଙ୍କ ପରିବାର ଲୋକେ ଆସି ସେ ଶବ ପାଖରେ କି ବିକଳରେ କାନ୍ଦୁଛନ୍ତି ! ଯୁବକଟିର ମା' ମଥାପିଟି ଆକୁଳ ହୋଇ କାନ୍ଦୁଛନ୍ତି। ଧନରେ, ତୁ ମୋର ଏକମାତ୍ର ପୁଅ ଥିଲୁ। କେମିତି ତତେ ଭୁଲି ଆମେ ବଞ୍ଚି ରହିବୁ। ଇଏ କେବଳ ଗୋଟିଏ ମା'ର କ୍ରନ୍ଦନ ନୁହେଁ। ପ୍ରତିଦିନ ଅନେକ ମା' ସେମାନଙ୍କ ସନ୍ତାନକୁ ହରେଇ ବସନ୍ତି।

ଯେତେ ସବୁ ଅଘଟଣ ସମାଜରେ ଘଟୁଛି ନିଶାପାଇଁ। ନିଶାରେ ମାତାଲ ହୋଇ ଯୁବକମାନେ ଯେତେ ସବୁ ଦୁଷ୍କର୍ମରେ ଲିପ୍ତ ହେଉଛନ୍ତି। ଶେଷରେ ମୋର ସମସ୍ତ ଯୁବବନ୍ଧୁଙ୍କୁ ଅନୁରୋଧ, ସାନ ହୁଅନ୍ତୁ କି ବଡ଼, ନିଶାଠାରୁ ଦୂରରେ ରହି ନିଜର ମୂଲ୍ୟବାନ୍ ଜୀବନ ରକ୍ଷାକରିବା ସହିତ ନିଜର ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ। ଏପରି ହେଲେ ପରିବାରରେ ଶାନ୍ତି ଆସିବା ସହିତ ଦେଶ ଓ ଜାତିର ମଙ୍ଗଳ ହେବ।

-ପୋଇଓ, ଆରୋଡ଼େଇ, ତିରଣ,
ଜଗତ୍‌ସିଂହପୁର, ମୋ- ୯୭୭୬୨୯୦୦୮୪

## ଏଇ ଭାରତରେ

ସାଧାରଣ ନିର୍ବାଚନ ପାଇଁ ଏପ୍ରିଲ ୧୧ରୁ ଭୋଟଗ୍ରହଣ ଆରମ୍ଭ ହୋଇ ମେ ୧୯ରେ ସରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଭୋଟ ମହାପର୍ବରେ ସାମିଲ ହେବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଅଭିଯାନ ଜାରି ରହିଛି। ସାଧାରଣତଃ ଭୋଟଗ୍ରହଣ ଦିନ ସମ୍ପୃକ୍ତ ଅଞ୍ଚଳକୁ ଛୁଟି ଘୋଷଣା କରାଯାଇଥାଏ। ଏହାର ଫାଇଦା ନେଇ କିଛି ଲୋକ ଭୋଟ ଦେବାକୁ ନ ଯାଇ ଘରେ ବିଶ୍ରାମ ନେଇଥାଆନ୍ତି ବା ଅନ୍ୟ କାମରେ ବ୍ୟସ୍ତ ରହୁଥିବା ଦେଖାଯାଇଥାଏ। ତେଣୁ ନାଗରିକଙ୍କୁ ସଚେତନ କରିବା ଲାଗି ଉତ୍ତରପ୍ରଦେଶ ବାରାଣସୀର ତାରାପୁର ଓ ମୁଦାଦେବ ଗାଁର ମହିଳାମାନେ ଢୋଲ, କରତାଳର ତାଳେ ତାଳେ ଲୋକଗୀତ ଗାଇ ବୁଲୁଥିବା ଦେଖିବାକୁ ମିଳିଛି। 'ଗ୍ରୀନ୍ ଗ୍ରୁପ୍' ନାମରେ ପରିଚିତ ଏହି ଦଳର ପ୍ରତ୍ୟେକ ମହିଳା ସବୁଜ ଶାଢ଼ି ପିନ୍ଧି ଭୋଟ ଦେଲା ଲାଗି ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନମଣ୍ଡଳୀ ବାରାଣସୀ, ଯେଉଁଠାରେ ବିଧିବଦ୍ଧ ଭାବେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇନାହିଁ, ସେଠାରେ ଏହି ମହିଳାଙ୍କ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୯୪

- ଆଣବିକ ଶକ୍ତି ପ୍ରକଳ୍ପରେ ବ୍ୟବହାର ପାଇଁ ଭାରତ ଦକ୍ଷିଣ କୋରିଆକୁ ୧୦୦ ଟନ୍ ଭାରିଜଳ ଯୋଗାଇଦେବା ସଂକ୍ରାନ୍ତ ଏକ ରାଜିନାମା ସିଓଲଠାରେ ସ୍ୱାକ୍ଷରିତ।
- ଜାପାନ ପ୍ରଧାନମନ୍ତ୍ରୀ ମୋଚିହିରୋ ହେସୋକାୱା ତାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଆର୍ଥିକ ଦୁର୍ନୀତିଜନିତ ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରିବାରେ ବିଫଳ ହୋଇ ପଦବୀରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭ୍ରୂଣହତ୍ୟା ରୋକାଯାଉ

ମହାଶୟ,

ଯୁଗ ବହୁତ ଆଗେଇଲାଣି। ଲୋକେ ଶିକ୍ଷିତ ହେଲେଣି। ଏହା ସତ୍ତ୍ୱେ ଦମ୍ପତିମାନେ ଭ୍ରୂଣହତ୍ୟା ବିଶେଷତଃ କନ୍ୟା ଭ୍ରୂଣହତ୍ୟା ଭଳି କଦର୍ଯ୍ୟ କାର୍ଯ୍ୟ କରିବା ଲଜ୍ଜାଜନକ ଘଟଣା। ଭ୍ରୂଣହତ୍ୟା ମହାପାପ। ତେଣୁ ଯେଉଁ ଦମ୍ପତି ବେଆଇନଭାବେ କନ୍ୟା ଭ୍ରୂଣହତ୍ୟା କରୁଛନ୍ତି ସେମାନଙ୍କ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ନଚେତ୍ ସମାଜରେ ପୁରୁଷ ଓ ନାରୀ ସଂଖ୍ୟାରେ ଅତିମାତ୍ରାରେ ବୈଷମ୍ୟ ଦେଖାଦେବ।

ଡା. ଅଜିତ କୁମାର ବେଉରା, ଶୈଳଶ୍ରୀବିହାର, ଭୁବନେଶ୍ୱର

### ଚିତ୍ର-ଚରିତ୍ରର ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ

ଧରିତ୍ରୀ(୧୭।୩)ର ସମ୍ପାଦକୀୟ ପୃଷ୍ଠାରେ ଚିତ୍ର-ଚରିତ୍ରର ସ୍ତମ୍ଭକାର ନିରଞ୍ଜନ ପାଢ଼ୀ ବାଢ଼ିଥିବା ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ ହୃଦୟସ୍ପର୍ଶୀ ହୋଇଛି। ଶିଶୁଭବନ ଛକରୁ ଅସହାୟ ବାପପୁଅଙ୍କୁ ଅଟୋରେ ଆଣି ଶରତ ନିଜର ଦୁର୍ବଳ ସମ୍ବଳ ମଧ୍ୟରେ ଆଶ୍ରୟ ଦେଇ ଗଣମାଧ୍ୟମରେ ଖବର ପ୍ରକାଶ କରାଇ ଚିକିତ୍ସାର ମାର୍ଗ ଉନ୍ମୋଚନ କରିଦେଲେ। ପୁନଶ୍ଚ ସର୍ବଦା ଲାଞ୍ଚଠାରୁ ଦୂରରେ ରହୁଥିବା ରାଜନ ଜଣେ ମେଧାବୀ ଗରିବ ଡାକ୍ତରୀ ଛାତ୍ର ପାଇଁ ମଦ ବେପାରୀଙ୍କ ଦ୍ୱାରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶିକ୍ଷା ଅନୁଦାନ ବ୍ୟବସ୍ଥା କରିବା ଘଟଣା ଅତ୍ୟନ୍ତ ବିରଳ। ଲେଖକଙ୍କୁ ଅଶେଷ ଧନ୍ୟବାଦ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ବଡ଼ଦେଉଳରେ ମେଟାଲ ଡିଟେକ୍ଟର

ନିକଟରେ ପ୍ରକାଶ ପାଇଛି ଯେ 'କେବଳ ସିଂହଦ୍ୱାର'ରେ ମେଟାଲ ଡିଟେକ୍ଟର କାମ କରୁଛି ଏବଂ ଅନ୍ୟ ତିନୋଟି ଦ୍ୱାରରେ ନାହିଁ। ୨୦୦୨ ସେପ୍ଟେମ୍ବର ୨୪ରେ ଗୁଜରାଟର ଗାନ୍ଧୀନଗରସ୍ଥିତ ପ୍ରସିଦ୍ଧ ଅକ୍ଷରଧାମ ମନ୍ଦିରରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୩୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟୂନ ୮୦ ଜଣ ଆହତ ହୋଇଥିଲେ। ତେଣୁ ଏହି ଘଟଣା ପ୍ରମାଣିତ କରେ ଯେ, ଆତଙ୍କବାଦୀମାନେ କେତେ ହିଂସ୍ର ଓ ନାରକୀୟ କାଣ୍ଡ କରି ହିନ୍ଦୁ ଭକ୍ତଙ୍କର ପ୍ରାଣ ନେଇପାରନ୍ତି। ତେଣୁ ଶ୍ରୀମନ୍ଦିରର ସମସ୍ତ ଦ୍ୱାରରେ ମେଟାଲ ଡିଟେକ୍ଟର ଲଗାଯାଉ ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

### ବିଏମ୍‌ସିର ମନମୁଖି ଶାସନ


ଗୃହ ନିର୍ମାଣ ଅଥବା ମରାମତି ବେଳେ ନିର୍ମାଣ ସାମଗ୍ରୀ କିମ୍ବା ଅଦରକାରୀ ଭଗ୍ନାବଶେଷ ପାଚେରି ବାହାରେ ରାସ୍ତାକୁ ଅବରୋଧ ନ କରି ରହିଥିଲେ ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ମଚାରୀଙ୍କ ତାଗିଦ୍ ପରେ ପରେ ଘର ମାଲିକମାନେ ସେସବୁକୁ ନିଜ ଉଦ୍ୟମ ଓ ଖର୍ଚ୍ଚରେ ଯଥାଶୀଘ୍ର ଅପସାରଣ କରିଥାଆନ୍ତି। ଏହା ସତ୍ତ୍ୱେ ପିଛିଲା ତାରିଖ ପକାଇ ମାସେ ଦୁଇମାସ ପରେ ଅପସାରଣ ଖର୍ଚ୍ଚକୁ ମିଶାଇ ପାଞ୍ଚହଜାର ଟଙ୍କାର ଡିମାଣ୍ଡ ନୋଟିସ ବିଏମ୍‌ସି ଦ୍ୱାରା ଘର ମାଲିକମାନଙ୍କୁ ପଠାଇ ଦିଆଯାଉଛି। ଜରିମାନା ସହିତ ଅପସାରଣ ଖର୍ଚ୍ଚ ବେନିୟମ ଭାବରେ ମିଶାଯାଉଛି। ଆଶଙ୍କା ଯେ, ଏହି ଅପସାରଣ ଖର୍ଚ୍ଚ ପରିମାଣ ମିଥ୍ୟା ବିଲ୍ ମାଧ୍ୟମରେ ବାଟମାରଣା ହୋଇଯାଉଛି। ଏହାର ତଦନ୍ତ ହେବା ଆବଶ୍ୟକ।

ରଞ୍ଜନ ନାୟକ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଳବିକାଶ ଆରାଧନା ମହୋତ୍ସବ



ଦାମନଯୋଡ଼ି,୮।୪(ଡ଼ି.ଏନ.ଏ): କୋରାପୁଟ ଜିଲା ନାଲକୋ ଶିଳ୍ପାଞ୍ଚଳସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ବାଲବିକାଶ କେନ୍ଦ୍ର ପକ୍ଷରୁ ଆରାଧନା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ମଛିଲିଗୁଡ଼ା, ସେକ୍ଟର ୧ ଏବଂ ସମିତି ମଧ୍ୟରେ ଚାଲୁଥିବା ବାଲବିକାଶ କେନ୍ଦ୍ରର ୮୫ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବେଦପାଠ, ଭଜନ, ଭକ୍ତିସଙ୍ଗୀତ, ପ୍ରଶ୍ନୋତ୍ତୋର କାର୍ଯ୍ୟକ୍ରମ, ଖେଳକୁଦ ଆୟୋଜିତ ହୋଇଥିଲା । ଏଥିସହିତ 'ଭକ୍ତ ବଡ଼ ନା ଭଗବାନ ବଡ଼' ଏକ ନାଟକ ପରିବେଷଣ ହୋଇଥିଲା । ଶିକ୍ଷା ସଂଯୋଜିକା ସୁଜାତା କୁମାରୀ ସାହୁ, ଆଶାଲତା ପଣ୍ଡା, ସବିତା ପାଣିଗ୍ରାହୀ, ପ୍ରିୟଦର୍ଶିନୀ ରଥ, ରଞ୍ଜୁବାଳା ପ୍ରଧାନ, ଅନିତା ସ୍ୱାଇଁ, ହରପ୍ରିୟା ପାତ୍ର, ନିହାରିକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ଼ଃ. ରାଜେନ୍ଦ୍ର ପଣ୍ଡା, ବିନୋଦ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ସାମଲ, ଗଣେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

### ୪୧୧ ସ୍ଥାନରେ ଅବକାରୀ ଚଢ଼ାଉ: ୯୫ ଗିରଫ

କୋରାପୁଟ,୮।୪(ସ୍ୱ.ପ୍ର)- ଆସନ୍ତା ୧୧ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ନେଇ କୋରାପୁଟ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗ ପକ୍ଷରୁ ଗତ ୧୦ ତାରିଖରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪୧୧ ଟି ସ୍ଥାନରେ ଚଢ଼ାଉ କରାଯାଇ ୯୫ ଜଣଙ୍କୁ ଗିରଫ କରାଯାଇଛି । ସେହିପରି ମଙ୍ଗଳବାରଠାରୁ ଗୁରବାର ନିର୍ବାଚନ ଯାଏ ଜିଲାର ସମସ୍ତ ମଦ ଦୋକାନ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାର କୋରାପୁଟ, ଜୟପୁର, କୋଟପାଡ,ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀରେ ଚଢ଼ାଉ କରାଯାଇଛି । ଏଥିସହ ୨୬୪୯ ଲିଟର ଆଇଡିଏଲ, ୩୩୨ ଲିଟର ଆଇଏମଏଫଏଲ, ୧୩୨.୭୫ ଲିଟର ବିଅର ଜବତ କରାଯାଇଥିବା ବେଳେ ୪୮ ହଜାର ୫୦୦ ଲିଟର ପୋଚ ନଷ୍ଟ କରାଯାଇଥିବା କୋରାପୁଟ ଜିଲା ଅବକାରୀ ଅଧୀକ୍ଷକ ସୁବାସଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

### ବାଟମଙ୍ଗଳା ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ

କୋରାପୁଟ,୮।୪(ସ୍ୱ.ପ୍ର)- ସୋମବାର କୋରାପୁଟ ସହରରେ ମହାଆଡମ୍ବରରେ ବାଟମଙ୍ଗଳା ଠାକୁରାଣୀଙ୍କ ନବଦିନ ଘଟଯାତ୍ରା ଆରମ୍ଭ ହୋଇଛି । ବାଟମଙ୍ଗଳା ପୂଜା କମିଟି ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରେ ଶତାଧିକ ଭକ୍ତ ଏକ ପଟୁଆରରେ ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କୋଲନୀଠାରେ ଥିବା ମା'ଙ୍କ ସ୍ଥାୟୀ ମନ୍ଦିରକୁ ଯାଇ ମା'ଙ୍କୁ ଘଟଯାତ୍ରା ନିମନ୍ତେ ନିମନ୍ତ୍ରଣ କରିଥିଲେ । ପରେ ସେଠାରେ ଆବାହନ ପୂଜାର୍ଚ୍ଚନା କରାଯାଇଥିଲା । ରାତ୍ର ୭ଟା ୨୦ ମିନିଟରେ ମା'ଙ୍କୁ ତାଙ୍କର ସ୍ଥାୟୀ ମନ୍ଦିରରୁ ଶତାଧିକ ଭକ୍ତ ବାଜା ଓ ବାଣ ଫୁଟାଇ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ଅମଲାକୁଟିର ଲାଇନରେ ଥିବା ଅସ୍ଥାୟୀ ମନ୍ଦିରକୁ ଆଣିଥିଲେ । ରାସ୍ତାରେ ଭକ୍ତମାନେ ଲୁଗାପକାଇ ମା'ଙ୍କୁ ଆଣିଥିଲେ । ଏହି ଅବସରରେ ରାସ୍ତାର ଉଭୟ ପାର୍ଶରେ ଶତାଧିକ ଭକ୍ତ ମାଙ୍କୁ ଦର୍ଶନ କରିବା ପାଇଁ ଭିଡ ଜମାଇଥିଲେ । ମଙ୍ଗଳବାର ମା' ସହରର ବିଭିନ୍ନ ସାହି ପରିକ୍ରମା କରିବେ ବୋଲି ପୂଜା କମିଟି ସଭାପତି ଅଭିମନ୍ୟୁ ପଣ୍ଡା ପ୍ରକାଶ କରିଛନ୍ତି ।

■ ବିଷମକଟକ ନିର୍ବାଚନମଣ୍ଡଳୀରେ ଚତୁର୍ମୁଖୀ ଲଢେଇ

# ଦଳ ପାଇଁ ମହଙ୍ଗା ହୋଇପାରନ୍ତି ଅସନ୍ତୁଷ୍ଟ

ମୁନିଗୁଡା, ୮।୪(ଡି.ଏନ୍.ଏ.)



ଜଗନ୍ନାଥ ସାରକା



ଶିବଶଙ୍କର ଉଲ୍ଲାକା



ନୀଳମାଧବ ହିକ୍କା



ଜିତୁ ଜାକେସିକା

ରାୟଗଡା ଜିଲା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଷମକଟକ, ମୁନିଗୁଡା, କୋଲନରା ଓ କଲ୍ୟାଣସିଂପୁର ବ୍ଲକକୁ ନେଇ ଗଠିତ। ଏଠାରେ ଚଳିତ ନିର୍ବାଚନ ବେଶ୍ ରୋମାଞ୍ଚକର ହେବ। ତିନି ପ୍ରମୁଖ ଦଳ ଓ ବିଏସ୍‌ପି ମଧ୍ୟରେ କଡା ଟକ୍କର ହେବ। ତିନି ପ୍ରମୁଖ ଦଳର ଟାଣୁଆ ନେତା ଟିକେଟ୍ ନ ପାଇବାରୁ କିଏ ଦଳ ଛାଡିଛନ୍ତି ତ କିଏ ଦଳରେ ଥିଲେ ମଧ୍ୟ ସେପରି ସକ୍ରିୟ ଥିବାର ଦେଖିବାକୁ ମିଳୁ ନାହିଁ। ଏ ସବୁ ଦଳ ପାଇଁ ମହଙ୍ଗା ହୋଇପାରେ । ସେହିଭଳି ବିଏସ୍‌ପି ପ୍ରାର୍ଥୀଙ୍କ ପତିଆରା ବିଷମକଟକରେ ବେଶ୍ ରହିଥିବାରୁ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ବିଜେଡି ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ବିରୋଧୀ ଦଳ ବେକାରି, ଚାଷୀ ସମସ୍ୟା ସମେତ ଅନ୍ୟାନ୍ୟ ପ୍ରସଙ୍ଗକୁ ନିର୍ବାଚନ ଇସ୍ୟୁ କରିଛି।

ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ଜଗନ୍ନାଥ ସାରକା, କଂଗ୍ରେସରୁ ନୀଳମାଧବ ହିକ୍କା, ଭାଜପାରୁ ଶିବଶଙ୍କର ଉଲ୍ଲାକା ଓ ବିଏସ୍‌ପିରୁ ଜିତୁ ଯାକେଶିକା ନିର୍ବାଚନ ରଣାଙ୍ଗନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜେଡି ଚଳିତ ବର୍ଷ ପୁଣିଥରେ ବିଧାୟକ ଜଗନ୍ନାଥ ସାରକାଙ୍କୁ ଟିକେଟ ଦେଇଛି। କିନ୍ତୁ କିଛି ମାସ ପୂର୍ବରୁ ବିଜେଡିର ତୁଙ୍ଗ ଆଦିବାସୀ ଡଙ୍ଗରିଆ ନେତା ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଜିତୁ ଯାକେଶିକା ଦଳ ଛାଡି ବିଏସ୍‌ପିରେ ଯୋଗ ଦେଇ ପ୍ରାର୍ଥୀ ହୋଇଛନ୍ତି। ଜିତୁଙ୍କ ହାତରେ ଆଦିବାସୀ ଭୋଟ ରହିଛି।ଏହା ବିଜେଡି ସମେତ ଅନ୍ୟ ଦଳ ପାଇଁ ଅଡୁଆ ସୃଷ୍ଟି କରିପାରେ। ବିଜେଡି ପ୍ରାର୍ଥୀଙ୍କ ପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ବିଷମ କଟକ ଆସି ପ୍ରଚାର କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଭୋଟରଙ୍କୁ ବୁଝାଇ ବିଜେଡି ପ୍ରାର୍ଥୀ ଭୋଟ ହାତେଇବାକୁ ଚେଷ୍ଟା କରୁଛନ୍ତି।

କଂଗ୍ରେସ ଭେଟରାନ ନେତା ଡମ୍ବୁରୁ ଉଲ୍ଲାକାଙ୍କୁ ଟିକେଟ ନ ଦେଇ ଯୁବ ସଂଗଠକ ନୀଳ ମାଧବ ହିକ୍କାଙ୍କୁ ପ୍ରାର୍ଥୀ କରିଛି। ସେ ବିଷମକଟକ ବ୍ଲକର ପୂର୍ବତନ ଚେୟାରମ୍ୟାନ ଥିଲେ। ଡମ୍ବରୁଧର ଦଳ ଛାଡି ନ ଥିଲେ ମଧ୍ୟ ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ଯାହାକି ଦଳର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିପାରେ। ସେହିପରି ଭାଜପା ରାୟଗଡ଼ା ଜିଲା ସଭାପତି ଶିବ ଶଙ୍କର ଉଲ୍ଲାକାଙ୍କୁ ପ୍ରାର୍ଥୀ କରିଛି। ଭାଜପା ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକାଙ୍କୁ ଚଳିତ ବର୍ଷ ଟିକେଟ ନ ମିଳିବାରୁ ସେ ଦଳ ଛାଡି ବିଜେଡିରେ ମିଶିଛନ୍ତି। ଏହା ଭାଜପା ପାଇଁ ମହଙ୍ଗା ପଡିପାରେ। କେନ୍ଦ୍ରମନ୍ତ୍ରୀ ଓ ଅନୁ ଚୌଧୁରୀଙ୍କ ଭଳି ସିନେ ତାରକା ଭାଜପାର ନିର୍ବାଚନ ପ୍ରଚାରରେ ସାମିଲ ହେଉଛନ୍ତି। ଏଥିସହ ମୋଦିଙ୍କ ହାୱା ନେଇ ଭାଜପା ପ୍ରାର୍ଥୀ ନିର୍ବାଚନୀ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ଆଦିବାସୀଙ୍କ ଭୋଟ ବିଏସପି ପ୍ରାର୍ଥୀ ଜିତୁଙ୍କ ହାତରେ ପ୍ରାୟ ରହିବ। ବିଏସ୍‌ପି ଏଥର ନିର୍ବାଚନ ଅଙ୍କ ବଦଳାଇପାରେ ବୋଲି ଚର୍ଚ୍ଚା ହେଉଛି। ଜିତୁ ମଧ୍ୟ ଲୋକଙ୍କ ନିକଟତର ହୋଇ ସଙ୍ଗଠନକୁ ମଜଭୁତ କରୁଛନ୍ତି। ଏସବୁକୁ ଦେଖିଲେ ବିଷମକଟକ ନିର୍ବାଚନମଣ୍ଡଳୀରେ ଚତୁର୍ମୁଖୀ ଲଢେଇ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

# ତ୍ରିନାଥଙ୍କ ନିର୍ବାଚନୀ ଶୋଭାଯାତ୍ରା



ତ୍ରିନାଥ ଗମାଙ୍ଗ ଶୋଭାଯାତ୍ରାରେ ଯାଉଛନ୍ତି।

ଗୁଣପୁର,୮।୪(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦଳୀୟ ପ୍ରାର୍ଥୀଙ୍କ ଉଦ୍ଦେଶ୍ୟରେ ଗୁଣପୁରରେ ପ୍ରଚାର କରିଥିଲେ। ସୋମବାର ବିଜେଡିକୁ କାଉଣ୍ଟର ଦେବାକୁ ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢୁଥିବା ତ୍ରିନାଥ ଗମାଙ୍ଗ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ ଜଗନ୍ନାଥ ମନ୍ଦିରଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଗୁଣପୁର କଲେଜ ପର୍ଯ୍ୟନ୍ତ ଯାଇ ନିର୍ବାଚନୀ ପ୍ରଚାର କରିଥିଲେ। ମାଠିଆ ଚିହ୍ନ ସହ ଆକର୍ଷଣୀୟ ରଥ ସହର ପରିକ୍ରମା କରିଥିଲା। ଗୁଣପୁର ଏନ୍‌ଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ଏସୋ ଶବର ଉପସ୍ଥିତ ଥିଲେ। ସେହିପରି ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ତଥା ଭାଜପାର ବିଦ୍ରୋହୀ ପ୍ରାର୍ଥୀ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁତ୍ତିକାଙ୍କ ପକ୍ଷରୁ ମଧ୍ୟ ଶୋଭାଯାତ୍ରା କରାଯାଇଥିଲା।

# ଗୁଡ଼ାରୀରେ ପୁରୁଷୋତ୍ତମଙ୍କ ପ୍ରଚାର

ଗୁଡାରୀ,୮।୪(ଡି.ଏନ୍.ଏ.)



କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ପ୍ରଚାର କରୁଛନ୍ତି।

■ କଂଗ୍ରେସରେ ଗୋଷ୍ଠୀ କନ୍ଦଳ
■ ରାଲିରେ ସାମିଲ ହେଲେନି ରଘୁନାଥ ପାତ୍ର

ସୋମବାର ଗୁଣପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗ ପର୍ଯ୍ୟବେକ୍ଷକ ଦିନେଶ ଗଉଡ଼ଙ୍କ ସହ ଏକ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଶାନ୍ତି ଜାଗାରାଙ୍ଗାଙ୍କ ନେତୃତ୍ୱରେ ହୋଇଥିବା ଏହି ର୍‍ୟାଲିରେ ବିଭିନ୍ନ ପଞ୍ଚାୟତରୁ ଶହ ଶହ କର୍ମୀ ଯୋଗଦେଇଥିଲେ। କଂଗ୍ରେସ ଶାସନକୁ ଫେରିଲେ ଗୁଡାରୀ ଅଞ୍ଚଳରେ ଚାଷ, ଚାଷୀଙ୍କୁ ଗୁରୁତ୍ୱ ଦେବ ଏବଂ ଗୁଡାରୀର ଦାଦନ ଶ୍ରମିକଙ୍କୁ ସ୍ଥାନୀୟ ଅଞ୍ଚଳରେ ଥଇଥାନ କରାଯିବ ବୋଲି ନିର୍ବାଚନୀ ପ୍ରଚାରରେ ପୁରୁଷୋତ୍ତମ କହିଛନ୍ତି। ଏଥିସହ ଆଦିବାସୀ ହରିଜନ ଛାତ୍ରଙ୍କ ନିମନ୍ତେ ହାଇସ୍କୁଲ ଏବଂ ଏକ ବଡ଼ ହଷ୍ଟେଲ ସ୍ଥାପନ କରାଯିବା ସହ ଅଞ୍ଚଳର ସାମୁହିକ ବିକାଶ ନିମନ୍ତେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଦଳୀୟ ସମର୍ଥକମାନେ ଗୁଡାରୀରେ କଂଗ୍ରେସ ଅଧିକ ସଫଳ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କିନ୍ତୁ ଗୁଡାରୀ କଂଗ୍ରେସର ପିତାମହ କୁହାଯାଉଥିବା ରଘୁନାଥ ପାତ୍ର ଏହି ର୍‍ୟାଲିରେ ଯୋଗଦେଇ ନ ଥିଲେ। ସେ ବିଧାନସଭା ପାଇଁ ବିଜେଡିକୁ ଓ ଏମ୍‌ପି ପାଇଁ କଂଗ୍ରେସକୁ ସମର୍ଥନ କରୁଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ଆଜିର ରାଲି ଉକ୍ତ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। କଂଗ୍ରେସ ରୋଡ ଶୋରେ ତାଙ୍କ ଅନୁପସ୍ଥିତିରୁ ଏହା ପ୍ରମାଣିତ ହୋଇଛି କହିଲେ ଭୁଲ୍ ହେବନାହିଁ । ଗୁଡାରୀ ବ୍ଲକକୁ କଂଗ୍ରେସର ଗଡ଼ କୁହାଯାଉଥିବା ବେଳେ ଗତ ଦୁଇ ନିର୍ବାଚନରେ ଏଠାରେ ବିଜେଡି ବାଜିମାତ କରିଥିଲା। ଗତ ନିର୍ବାଚନରେ ଦଳ ପ୍ରାୟ ୩,୫୦୦ ଭୋଟ ବ୍ୟବଧାନରେ ବିଜେଡିଠାରୁ ପଛୁଆ ରହିଥିଲା । କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ବ୍ଲକ ଅଧ୍ୟକ୍ଷା ପଦ ହାତେଇ ପତିଆରା ବିଛେଇବାରେ ସମର୍ଥ ହୋଇଥିଲା ।

### ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାୟଗଡା ଅଫିସ୍, ୮।୪

ସୋମବାର ରାୟଗଡ଼ା ପୋଲିସ ପକ୍ଷରୁ ଦ୍ୱିତୀୟଥର ପାଇଁ ଫ୍ଲାଗମାର୍ଚ୍ଚ କରାଯାଇଛି। ଜିଲାର ୩ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯିବା ସହ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଏସ୍‌ପି ଡା. ଶ୍ରବଣ ବିବେକ ଏମ୍ ସୂଚନା ଦେଇଛନ୍ତି। ଖୋଦ ଏସ୍‌ପିଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। ଜିସିଡି ପଡିଆରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଯବାନ୍‌ଙ୍କୁ ଏସ୍‌ପି ନିଜେ ନିର୍ବାଚନ ସମୟରେ କ'ଣ ପଦକ୍ଷେପ ଗ୍ରହଣ ହେବ ସେ ସମ୍ପର୍କରେ ବୁଝାଇଥିଲେ । ଏହି ଫ୍ଲାଗମାର୍ଚ୍ଚରେ ସିଆର୍‌ପିଏଫ୍, ଏସ୍‌ଏସ୍‌ବିଏନ୍, ବିଏସ୍‌ଏଫ୍ ଓ ଡିଭିଏଫ୍ ଯବାନ ସାମିଲ ଥିଲେ। ଅପରପକ୍ଷରେ ଅତି ସମ୍ବେଦନଶୀଳ ଅଞ୍ଚଳରେ ବିଏସ୍‌ଏଫ୍ ଓ ଡିଭିଏଫ୍ ଯବାନ୍ ପକ୍ଷରୁ ମଧ୍ୟ ଫ୍ଲାଗମାର୍ଚ୍ଚ କରାଯାଇଛି। ସେହିପରି ମାଓବାଦୀ ପ୍ରବଣ କଲ୍ୟାଣସିଂହପୁର, ଚନ୍ଦ୍ରପୁର, କାଶୀପୁର, ଆମ୍ବାଦୋଳା, ବିଷମକଟକ ଓ ମୁନିଗୁଡା ଥାନା ଅଞ୍ଚଳରେ କୋମ୍ବିଂ ଅପରେସନକୁ ଜୋରଦାର କରାଯାଇଥିବା ସୂଚନା ମିଳିଛି । ଚଳିତ ନିର୍ବାଚନରେ ୧୧ପ୍ଲାଟୁନ ସିଆର୍‌ପିଏଫ୍, ୨ପ୍ଲାଟୁନ ଲେଖାଏଁ ବିଏସ୍‌ଏଫ୍ ଓ ଏସ୍‌ଏସ୍‌ବିଏନ୍ ନିୟୋଜିତ ହେବେବୋଲି ଏସ୍‌ପି କହିଛନ୍ତି।

# ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରିଲା ଠିକା ଶ୍ରମିକ ସଂଘ




ପରିବର୍ତ୍ତିତ ନିଷ୍ପତ୍ତି ସମ୍ପର୍କରେ ସିଟୁର ସଦସ୍ୟମାନେ ସୂଚନା ଦେଉଛନ୍ତି।

ଜେକେପୁର, ୮।୪(ଡି.ଏନ୍.ଏ)

ଜେକେ କାଗଜ କଳ ସେମାନଙ୍କ ବିଭିନ୍ନ ଦାବି ପୂରଣ କରୁ ନ ଥିବା ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ପ୍ରତିବାଦରେ କାଗଜ କଳ ଠିକା ଶ୍ରମିକ ସଂଘ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲା। ବର୍ତ୍ତମାନ ନିର୍ବାଚନ ଆଚରଣବିଧି ଲାଗି ଥିବାରୁ ଓ ସେ ନିର୍ବାଚନ କାମରେ ବ୍ୟସ୍ତ ଥିବାରୁ ଜେକେ ପେପର ମିଲ୍‌ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇପାରିବ ନାହିଁ ବୋଲି ଜିଲାପାଳ ପ୍ରମୋଦ କୁକାର ବେହେରା ଠିକା ଶ୍ରମିକ ସଂଘର କର୍ମକର୍ତ୍ତାମାନଙ୍କୁ କହିଛନ୍ତି। ନିର୍ବାଚନ ପରେ ଜେକେ ପେପର ମିଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଠିକା ଶ୍ରମିକ ସଂଘ ଦାବିର ସମାଧାନ କରାଯିବ ବୋଲି ସେ କହିଛନ୍ତି। ଏଣୁ ଜେକେ ପେପର ମିଲ୍‌ର ଠିକା ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଆଦେଶକୁ ସମ୍ମାନ ଦେଇ ଭୋଟ ବର୍ଜନ ନିଷ୍ପତ୍ତିକୁ ପ୍ରତ୍ୟାହାର କଲେ ବୋଲି ସିଟୁ ସଂଘର କର୍ମକର୍ତ୍ତାମାନେ ସୋମବାର ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ପେଦେଣ୍ଟି ରାମୁଲୁ, ସଭାପତି ପେଦେଣ୍ଟି ସୀତାରାମ, ଆଲୁଶଙ୍କର ରାଓ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ରାୟଗଡା ଜିଲା ଜେକେପୁର ପେପରମିଲ୍‌ର ଠିକା ଶ୍ରମିକ ସଂଘ ଗତ ୩୦ରେ ଶ୍ରମ ଆୟୁକ୍ତଙ୍କୁ ଜଣାଇଥିଲେ।

# ଅନ୍ଧାରରେ ସରକାରୀ ହାଇସ୍କୁଲ ଛାତ୍ରାବାସ ଅନ୍ତେବାସୀ

ଟିକିରି,୮।୪(ଡି.ଏନ୍.ଏ.)

**ପଇଠ ହୋଇନି ବିଦ୍ୟୁତ ବିଲ୍**

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ସରକାରୀ ହାଇସ୍କୁଲ ଛାତ୍ରାବାସରେ ଆଜକୁ ପ୍ରାୟ ଏକ ସପ୍ତାହ ହେବ ବିଦ୍ୟୁତ ସଂଯୋଗ ନାହିଁ। ବିଦ୍ୟୁତ ବିଲ୍ ପୈଠ ହୋଇ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଯଦ୍ୱାରା ହଷ୍ଟେଲ ଅନ୍ତେବାସୀ ଅନ୍ଧାରରେ। ବିଦ୍ୟୁତ୍ ନ ଥିବା ଯୋଗୁ ପାଣି ରହୁ ନାହିଁ । ଫଳରେ ପିଲାମାନେ ରୋଷେଇ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶହେ ଶଯ୍ୟା ବିଶିଷ୍ଟ ଛାତ୍ରାବାସରେ ବର୍ତ୍ତମାନ ୮୬ଜଣ ରହୁଛନ୍ତି। ରାଜ୍ୟ ସରକାର ଗରିବ ଆଦିବାସୀ ପିଲାଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ବିଦ୍ୟୁତ୍ ବିଲ୍ ପଇଠ କରାଯାଇ ନ ଥିବାରୁ ବିଦ୍ୟୁତ୍ କାଟ ହୋଇଥିବା ଜଣାଯାଇଛି। ଶିକ୍ଷକ ଓ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ପିଲାମାନେ ହଇରାଣ ହେଉଥିବା ଗ୍ରାମବାସୀ କହିଛନ୍ତି। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବେହୁରି ବାବୁଙ୍କୁ ପଚାରିବାକୁ ସେ କହିଛନ୍ତି ଦୁଇତିନି ବର୍ଷ ହେଲା ବିଦ୍ୟୁତ୍ ବିଲ ପଇଠ କରାଯାଇ ନାହିଁ। ତେଣୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଗତବର୍ଷ ପୂର୍ବତନ ପ୍ରଧାନଶିକ୍ଷକ ଅନୁରୋଧ କରିଥିବାରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ବିଲ୍ ପଇଠ ହୋଇନାହିଁ। ଏହି ଘଟଣାରେ କାଶୀପୁର ବିଡିଓ ଜଗଦୀଶ ଚନ୍ଦ୍ର ସିଂଙ୍କୁ ପଚାରିବାରୁ ଆକାଉଣ୍ଟରେ ଟଙ୍କା ଅଛି କିନ୍ତୁ ଠିକ୍ ସମୟରେ ଟଙ୍କା ଉଠାଯାଇପାରିଲା ନାହିଁ, ତେଣୁ ବିଭାଗ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଛି। ଟଙ୍କା ଉଠାଯାଇ ବିଲ୍ ପଇଠ କରିଦିଆଯିବ ବୋଲି ସେ କହିଛନ୍ତି। ଦୁଇ ତିନି ଦିନ ଭିତରେ ତୁରନ୍ତ ସଂଯୋଗ ହୋଇଯିବ।

RSPL
WALK IN INTERVIEW
GHADI DETERGENT
A LEADING COMPANY IN FMCG REQUIRES
TERRITORY SALES INCHARGE
FUNCTIONAL AREA: SALES
FUNCTIONAL ROLE: Territory Sales Incharge.
ELIGIBILITY:
1. Graduate with Min 2 years of work experience in FMCG.
2. Only male candidates need to apply (age not to exceed 30 years as on 31-03-2019).
SALARY: CTC upto 2.50 LPA + TA & DA
DATE OF INTERVIEW: 12-04-2019 and 13-04-2019
JOB LOCATION : Odisha
VENUE OF INTERVIEW: Hotel Grand Residency, Palamandap, Badambadi, Nearby Durga Filling Station Cuttack, Odisha.
Interested candidates should send their resume / CV at apply.od@rsplgroup.com or contact us on +91 7311160982
Rajesh Kumar: 8709987942, B Umashankar: 7873096108, Dheerendra Kumar: 8001588088
RSPL LIMITED
Head Office:-119-121, Block P&T, Fazal Ganj, Kalpi Road, Kanpur, Uttar Pradesh 208012
Corporate Office:-124, Sector 44, Gurugram, Haryana 122003

■ ଜିଲା ପ୍ରଶାସନ ଦ୍ୱାରସ୍ଥ ହେଲେ ତଳସିକାବାଡି ଗ୍ରାମବାସୀ

# ପାଣି ସମସ୍ୟା ସମାଧାନ ଦାବି

ରାୟଗଡା ଅଫିସ୍, ୮।୪

ଅଞ୍ଚଳରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସୋମବାର ରାୟଗଡା ଜିଲା କୋଲନରା ବ୍ଲକ୍ ତଳସିକାବାଡି ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବର୍ଷ ବର୍ଷ ବିତି ଯାଉଥିଲେ ମଧ୍ୟ ଗ୍ରାମରେ ଥିବା ଜଳ ସଙ୍କଟ ଦୂର ହେଉନଥିବା ସେମାନେ ଲିଖିତଭାବେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ମାତ୍ର ଗୋଟିଏ ନଳକୂଅ ରହିଛି। ଯାହା ସେମାନଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନାହିଁ। ଖରାଦିନ ଆସିଲେ ଏହି ନଳକୂପରେ ପାଣି ଶୁଖି ଯାଉଥିବାବେଳେ ଅନ୍ୟ ଦିନରେ ନଳକୂଅରୁ ଗୋଳିଆ ପାଣି ବାହାରୁଛି। ଯାହାକି ପିଇବା ଉପଯୋଗୀ ନୁହେଁ। ତେଣୁ ଗ୍ରାମବାସୀ ବାଧ ହୋଇ ଝରଣା ଓ ବୁଆପାଣି ଉପରେ ନିର୍ଭର କରୁଛନ୍ତି। ଦୂଷିତ ପାଣି ଯୋଗୁ ଗ୍ରାମବାସୀ ଜ୍ୱର, ଝାଡାବାନ୍ତି ଭଳି ବିଭିନ୍ନ ସଂକ୍ରମଣ ରୋଗର ଶିକାର ହେଉଛନ୍ତି। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କେଉଁ କାରଣରୁ ଅଧିକ ନଳକୂପ ଖନନ କରାଯାଉନାହିଁ ତାହା ଲୋକଙ୍କୁ ଅବଗତ କରାଯାଉନାହିଁ। ଏହିଭଳି ସ୍ଥିତିରେ ଗ୍ରାମବାସୀ ହିନସ୍ତା ହେବାଛଡା ଆଉକିଛି ନାହିଁ ବୋଲି ପ୍ରକାଶ କରିଛନ୍ତି। ଗାଁରେ ଆଉ ୨ଟି ନଳକୂପ ଖନନ କରିବାକୁ ପ୍ରଶାସନକୁ ଲିଖିତ ଭାବେ ନିବେଦନ କରିଛନ୍ତି।



ସମସ୍ୟା ଜଣାଇବାକୁ ଆସିଥିବା ତଳସିକାବାଡି ଗ୍ରାମବାସୀ।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଚଇତି ମଡ଼ା କଲା**
**ଗାଉଡ଼ ଗାଈ ଦୁହିଁ ଦୁହିଁ ମଲା ।**

ଚୈତ୍ର ମାସରେ ବର୍ଷା ହେଲେ ବିଲ ପଡ଼ିଆରେ ବହୁତ ଘାସ ହୁଏ । ଗାଈଙ୍କୁ ଘାସ ଅଭାବ ହୁଏ ନାହିଁ, ଫଳସ୍ୱରୂପ ଗାଈ ବହୁତ କ୍ଷୀର ଦିଏ । ଏପରିକ୍ଷେତ୍ରେ ଗଉଡ଼ଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଗାଈ ଦୁହିଁବାକୁ ପଡ଼ିଥାଏ ଓ ସେ ସବୁବେଳେ ଗାଈ କାମରେ ବ୍ୟସ୍ତ ରହୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ମତେ ନ ଅଣ୍ଟେ ସାହି ଗୋବର**
**ପଡ଼ିଶା ଘରେ ମୁଁ ବାଣ୍ଟେ ମହୁର ।**

କିଛି ବ୍ୟକ୍ତି ଅଛନ୍ତି ନିଜେ ଯେତେ ଦୁଃଖେ କି ଯାହା ନୁହିଁଛି ତା'ଠାରୁ କାହିଁ କେତେ ଅଧିକ ଦେଖେଇ ହୁଅନ୍ତି । ମିଛରେ ନିଜର ଆତ୍ମପ୍ରତିମା ଦେଖେଇ ହୋଇ ପ୍ରଶଂସା ସାଉଁଟିବାକୁ ଚେଷ୍ଟା କରାଉଥାନ୍ତି । ନିଜକୁ ଅଣ୍ଟୁନି ବୋଲି ଚାହିଁଥାନ୍ତି ଗୁହ ଭୋଜନ ନ ମାନି ଯାହା ପାଉଛି ସାଉଁଟି ଆଣୁଥିବା ଲୋକ ମିଛରେ ଭଲରେ ଚଳୁଛି ବୋଲି ଦେଖେଇ ହେବା ପାଇଁ ସାଇପଡ଼ିଶାରେ ନ'ଭୁଣ ଛ ଭଜା କରି ବାଣ୍ଟିବା ଭଳି କଥା କହିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଉଗଡ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ବଡ଼ରାଉଳାକାନ୍ତ ମଠ ପରିସରରେ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ପ୍ରସନ୍ନ ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ବୈଠକରେ ମୁଖ୍ୟତଃ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟଜନିତ ଭତ୍ତା ଲାଗୁ ହୋଇ ନ ଥିବାରୁ ତାହାକୁ ନେଇ ଆଗାମୀ ଦିନରେ ସଂଘ ପଦକ୍ଷେପ ନେବ ବୋଲି ଆଲୋଚନା ହୋଇଥିଲା । ସେହିପରି ପାରଳାଖେମୁଣ୍ଡି ସହରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସଠିକ୍ ଭାବେ ହେଉ ନ ଥିବାରୁ ଗ୍ରୀଷ୍ମ ଋତୁରେ ଅନେକ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେନେଇ ଆଲୋଚନା ହୋଇଥିଲା । ଏନେଇ ସଂଘ ଆଗାମୀ ଦିନରେ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା । ସହରର ବିଭିନ୍ନ ସ୍ଥାନରେ ଥିବା ନାଳନର୍ଦ୍ଦମାଗୁଡ଼ିକ ସଠିକ ରୂପେ ପରିଷ୍କାର ହେଉ ନ ଥିବାରୁ ଏହା ପରିବେଶକୁ ଖରାପ କରୁଛି ବୋଲି ବୈଠକରେ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା । ବୈଠକରେ ସଂଘର ଉପସଭାପତି ବନମାଳୀ ମହାପାତ୍ର, ବରିଷ୍ଠ ସଭ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

■ ମହିଳା ଡିଗ୍ରୀ କଲେଜ

# ଭୋଟଦାନ ନେଇ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ +୩ ମହିଳା ମହାବିଦ୍ୟାଳୟଠାରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଏକ ଭୋଟଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନୂତନ ଭୋଟରମାନେ ଭୋଟ ଦେଇ ଆଗାମୀ ୫ ବର୍ଷ ପାଇଁ କିପରି ଉତ୍ତମ ଶାସକଙ୍କୁ ନିର୍ବାଚିତ କରିବେ ସେନେଇ ଏହି ମତଦାନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । କଲେଜ ଅଧ୍ୟକ୍ଷା ଡ.ରୀନା ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରଥମ ଥର ପାଇଁ ଚଳିତ ନିର୍ବାଚନରେ ଭୋଟ ଦେବାକୁ ଥିବା ମହାବିଦ୍ୟାଳୟର ଶତାଧିକ ନୂତନ ଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ସେହିପରି କୌଣସି ପ୍ରଲୋଭନର ଶିକାର ନ ହୋଇ ନିର୍ଭୟରେ ଭୋଟ ଦେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଭୋଟଦେବା ଏକ ସାମ୍ବିଧାନିକ ଅଧିକାର । ଏହା ମଣିଷର ଏକ ନୈତିକ ଓ ମୌଳିକ ଅଧିକାର ହୋଇଥିବାରୁ ଭୋଟଦାନ ଉପରେ କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ.ଭାରତୀ ପାଣିଗ୍ରାହୀ ଗୁରୁତ୍ୱାରୋପ କରି ମତଦାନ ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପିକା ବରଦା ଆଚାର୍ଯ୍ୟ ଏବଂ ସି.ଏଚ୍. ନିର୍ମଳା ପ୍ରମୁଖ ମଞ୍ଚାସୀନ ଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଶୋଭାଯାତ୍ରାରେ ଭାଜପାର ସହର ପରିକ୍ରମା

ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.) –

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାମନଗର ଛକଠାରୁ ଭାଜପାର ପାରଳାଖେମୁଣ୍ଡି ବିଧାନସଭା ପ୍ରାର୍ଥୀ କେ.ନାରାୟଣ ରାଓ ଏକ ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରା ରାମନଗରଠାରୁ ବାହାରି ପାରଳାଖେମୁଣ୍ଡିସ୍ଥିତ ଓଁ ଶାନ୍ତି କଲୋନୀ, ଓଡ଼ିଆ ଦୁର୍ଗାସାହି, ଓଡ଼ିଆ ଭଣ୍ଡାରୀ ସାହି, ପ୍ୟାଲେସ ରୋଡ୍ ଆଦି ଅଞ୍ଚଳ ସହ ସହର ପରିକ୍ରମା କରିଥିଲା । ମୂଳତ ଭାବେ ବିଜେଡ଼ିରୁ ଭାଜପାକୁ ଯାଇ ବିଧାୟକ ପ୍ରାର୍ଥୀ ହୋଇଥିବା ରାଓଙ୍କ ସମର୍ଥନରେ ଶତାଧିକ ବାଇକ ଆରୋହୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଶୋଭାଯାତ୍ରା ସମୟରେ ଭାଜପା ଜିଲା ସଭାପତିଙ୍କୁ ଦେଖିବାକୁ ମିଳିନ ଥିଲା । ଏହି କାର୍ଯ୍ୟକ୍ରମରେ ଭାଜପାର ପୂର୍ବତନ ନଗରପାଳ ତ୍ରିପତି ନାୟକ, ବରିଷ୍ଠ ଭାଜପାନେତା ସିଦ୍ଧେଶ୍ୱର ମିଶ୍ର ଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ ।



ଭାଜପା ପକ୍ଷରୁ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

# ନିର୍ବାଚନୀ ପ୍ରଚାର ପୋଷ୍ଟର ସହ ନଗଦ ଟଙ୍କା ଜବତ

ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.)–

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଛକ ଠାରେ ପୋଲିସ ଏକ ଗାଡ଼ିରୁ ନଗଦ ୮୦ହଜାର ଟଙ୍କା ଏବଂ ନିର୍ବାଚନ ପ୍ରଚାରର ପୋଷ୍ଟର, ବ୍ୟାନରକୁ ଜବତ କରିଛି । କାଶୀନଗରରୁ ପାରଳାଖେମୁଣ୍ଡି ଆଡ଼କୁ ଆସୁଥିବା ଏକ ବୋଲେରୋ (ଓଆର୦୨ ବିଏସ୍-୪୮୮୮)କୁ ପୋଲିସ ଅଟକାଇ ଖୋଳତାଡ଼ କରିବାରୁ ଏସବୁ ସାମଗ୍ରୀ ସହ ଟଙ୍କା ଜବତ ହୋଇଥିଲା । ଗାଡ଼ିରେ ବସିଥିବା କାଶୀନଗର ବ୍ଲକ ସାରା ଗ୍ରାମର ଉଗ୍ରସେନ ସାହୁଙ୍କ ନିକଟରୁ ପୋଲିସ ଉପରୋକ୍ତ ଟଙ୍କା ଜବତ କରିଛି । ଗାଡ଼ିରେ ଥିବା ପୋଷ୍ଟର ବ୍ୟାନରଗୁଡ଼ିକ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ୁଥିବା ଡ.ତିରୁପତି ପାଣିଗ୍ରାହୀଙ୍କର ବୋଲି ପାରଳାଖେମୁଣ୍ଡି ପୋଲିସ ପ୍ରକାଶ କରିଛି ।



ଜବତ ହୋଇଥିବା ବୋଲେରୋ ଓ ପୋଷ୍ଟର ।

# ହୋଟେଲରୁ ୨ ଲକ୍ଷ ଟଙ୍କା ଜବତ

ମାଲକାନଗିରି, ୮।୪ (ଡି.ଏନ.ଏ.)

ମାଲକାନଗିରିରେ ଏକ ହୋଟେଲରୁ ୨ଲକ୍ଷ ଟଙ୍କା ଜବତ ହୋଇଛି । ସୋମବାର ମାଲକାନଗିରିରେ ଏହି ହୋଟେଲର ୨୦୭ ନମ୍ବର ରୁମରେ ଟଙ୍କା ରଖାଯାଇଥିବା ପୋଲିସ ଖବର ପାଇଥିଲା । ପରେ ପୋଲିସର ଏକ ଟିମ୍ ହୋଟେଲ ଉପରେ ଚଢ଼ାଉ କରି ରୁମରେ ଥିବା ସୁଶାନ୍ତ ପଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ନିକଟରୁ ୨ଲକ୍ଷ ଟଙ୍କା ଜବତ କରିଥିଲା । ଏହି ଟଙ୍କା ସୁଶାନ୍ତଙ୍କ ନିକଟକୁ କିପରି ଆସିଲା ପୋଲିସ ତାର ତଦନ୍ତ କରୁଛି ।

## ମନେ ପଡ଼ନ୍ତି


### ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ ଲୁନା ମଲ୍ଲ (ବଗୁଲା)
ଆବିର୍ଭାବ : ୩୧.୦୨.୧୯୮୦ରିଖ
ତିରୋଧାନ : ୩୧.୦୫.୨୦୧୮ରିଖ

ତାହୁଁ ତାହୁଁ ଏକ ବର୍ଷ ବିତିଗଲା । ତୋର ଅନୁପସ୍ଥିତିରେ ଆମେ ସମସ୍ତେ ଦୁଃଖିତ । ତୋର ଉକ୍ତି, ସ୍ନେହ, ଶ୍ରଦ୍ଧା ଓ ଦ୍ୟାଗ ଆମମାନଙ୍କର ପାଥେୟ ହୋଇ ରହିବ । ପୁଣି ଥରେ ଆମ ପରିବାରରେ ଜନ୍ମ ନେବାକୁ ଜୋଡ଼ହସ୍ତ ଜଣାଉଛି ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ ।

-: ଶୋକସନ୍ତପ୍ତ :-
ବୋଉ, ବାପା (ଶ୍ରୀ ରାଷ୍ଟ୍ର ମଲ୍ଲ), ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୦୩୩


### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୋନାଲି ଦେଓ (ଟୋନି)
ଆବିର୍ଭାବ: ୦୯।୦୩।୧୯୭୫
ତିରୋଧାନ: ୦୯।୦୪।୧୯୯୮

କାଲି ପରି ଲାଗୁଛି ତାହୁଁ ତାହୁଁ ୨୧ ବର୍ଷ ବିତିଗଲା । ତୁ ଆମକୁ ଏପରି ଅସମୟରେ ଛାଡ଼ି ଚାଲିଯିବୁ ବୋଲି ଆମେ ସ୍ୱପ୍ନରେ ଭାବି ନଥିଲୁ । ... ତୋ ଆତ୍ମାର ସଦ୍‌ଗତି କାମନା କରୁଛୁ ।
ଧ-୬୫୯୭

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୋପୀନାଥ ଦାଶ
କୁଞ୍ଜକାନ୍ତ, ଢେଙ୍କାନାଳ
ତିରୋଧାନ: ୦୭।୦୪।୨୦୧୧

ବାପା, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସ୍ୱାଭିମାନ ଆମର ଚିରସ୍ମରଣୀୟ, ଆଶୀର୍ବାଦ ଆମର ସଦା ପାଥେୟ । ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା । ଆପଣଙ୍କର ପତ୍ନୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ । ଧ-୬୨୦୭

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନିରଞ୍ଜନ ନାୟକ
ଗ୍ରାମ: ତାଲଗଡ଼, ଜିଲ୍ଲା: ସମ୍ବଲପୁର
ଆବିର୍ଭାବ: ୧୩।୦୮।୧୯୫୧
ତିରୋଧାନ: ୦୯।୦୩।୨୦୧୯

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଓ ... ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ । ଶୋକସନ୍ତପ୍ତ: ସ୍ତ୍ରୀ - ସାବିତ୍ରୀ ନାୟକ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଭାଇ, ଭଉଣୀ ଓ ପରିବାରବର୍ଗ । ଧ-୬୨୪୨


# ୮ ବଖରା ଜଳିଗଲା

ପୁରୁଷୋତ୍ତମପୁର, ୮।୪ (ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ସମା ପଞ୍ଚାୟତ ସିଙ୍ଗିପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି ୮ ପରିବାରର ଖାଦ୍ୟଶସ୍ୟ ଧାନ, ଚାଉଳ, ମୁଗ, ବିରି, ଟଙ୍କା ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି ।


+PILES CLINIC+
Near Budheswari Temple, ମହାବିଦ୍ୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) ମଳଦ୍ୱାରକ୍ଷ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


DECLARATION ABOUT CRIMINAL CASES

| | | |
|---|---|---|
| Name and address of candidate | : | Khageshwar Pujari |
| Name of Political Party | : | Bharatiya Janata Party (BJP) |
| Name of election | : | 142- Kotpad (ST) Assembly Constituency |

I, Khageshwar Pujari candidate for the above mentioned election, declare for public information the following details about my criminal antecedents:

| S.N. | Pending Criminal cases: Name of Court | Case No. and status of case | Section(s) of Acts concerned and brief description of offence(s) | Details about cases on conviction for criminal offences: Name of Court & date(s) of orders (s) | Description of offence(s) punishment imposed |
|---|---|---|---|---|---|
| 1. | Nill | Nill | Nill | Special Judge, Jagdalpur, Passed orders of conviction dt. 02.03.2001 in S.C. 54/2000, released from jail custody on dt.10.10.2002 | That on 10.10.2000 Nagarnar Police seized Kg.7.50gms of contraband Ganja on N.H.26 from the exclusive & conscious possession, of the accused, at Vill. Chokawand, registered the case U/S 20(b) of NDPS Act, forwarded to the court of Special Judge, Jagdalpur. Punishment imposed R.I. for 2 years, and a fine of Rs. 3000/- |


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କେଟିଂ, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ । 2% ସୁଧ, 40% ରିହାତି ସହିତ । ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି ।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
କେନ୍ଦ୍ରୀୟ କଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କେଟିଂ, ପ୍ରପର୍ଟି, ଏଗ୍ରିକଲ୍ଚର, ଛାତି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add.: T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କେଟିଂ, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 ଜଣଙ୍କୁ ବିଶେଷ ରିହାତି
ଟଙ୍କା ନେଇକୁ, ଧୋକା ଦେଇକୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଟିଂ, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
50D- 106, Second Floor, Vishal Tower, Connaught Place, Delhi.

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କେଟିଂ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି ।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ । ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟିଂ, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ । ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ । ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କେଟିଂ ଆଧାରକାର୍ଡ, ସମ୍ପତ୍ତି, ବାଣିଜ୍ୟିକ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ଼ । ଘରେ ବସି ପାଆନ୍ତୁ (ବିଦ୍ୟାର୍ଥୀ / ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

FINANCE
ପର୍ସନାଲ ଲୋନ୍, ହୋମ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଗାନିଆ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY
ବାବା ଆଲାମ ଖାନ
9773820765
8512004851

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଆର.ଉଦୟଗିରି,୮।୪(ଡି.ଏନ.ଏ.)- ସ୍ତ୍ରୀଙ୍କୁ ହତ୍ୟାକରି ଫେରାର ଥିବା ଆର୍.ଉଦୟଗିରି ଟାଙ୍ଗିଲିପଦରରର ସୁବାସ ନାୟକଙ୍କୁ ସୋମବାର ପୋଲିସ ଗିରଫ କରିଛି। ଶିକୁଲିପଦର ଗ୍ରାମ ନିକଟସ୍ଥ ପୁଇପଡା ଗ୍ରାମର ଏକ ଗଛ ଉପରେ ସୁବାସ ଲୁଚି ରହିଥିବା ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୋଲିସ ପହଞ୍ଚିଥିଲା। ପୋଲିସକୁ ଦେଖି ସୁବାସ ଗଛରୁ ଡେଇଁ ଦୌଡି ପଳାଉଥିବାବେଳେ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଥିଲେ। ସୁବାଷ ଗଛ ଉପରୁ ଡେଇଁ ଆହତ ହୋଇଥିବାରୁ ତାଙ୍କୁ ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଆର.ଉଦୟଗିରି ଆଇଆଇସି କୁଳମଣି ସେଠୀ କହିଛନ୍ତି।

ପ୍ରକାଶ ଯେ, ସୁବାସ ଶୁକ୍ରବାର ସକାଳେ ବଡପଦା ସ୍କୁଲରେ ଝିଅର ଆଡ୍‌ମିଶନ ପାଇଁ ସ୍ତ୍ରୀ ରୁନିତା ଓ ଝିଅଙ୍କୁ ବାଇକରେ ଧରି ଘରୁ ବାହାରି ଥିଲେ। ବାଟରେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ଏକ ନିଛାଟିଆ କଲ୍‌ଭର୍ଟ ନିକଟରେ ସୁବାସ ଧାରୁଆ ଅସ୍ତ୍ରରେ ରୁନିତାଙ୍କ ଗଳାକାଟି ହତ୍ୟା କରିଥିଲେ। ମୃତଦେହକୁ କଲଭର୍ଟ ତଳେ ପକାଇ ସେଠାରୁ ଝିଅକୁ ନେଇ ସମ୍ପର୍କୀୟ ମାଉସୀ ଘରେ ଛାଡି ଫେରାର ହୋଇଯାଇଥିଲେ। ଶନିବାର ରୁନିତାଙ୍କ ମା' ନାତୁଣୀକୁ ଆଣିବାକୁ ଭୋରା ଗ୍ରାମକୁ ଯାଇଥିଲେ। ସେଠାରେ ନାତୁଣୀ ମା'ଙ୍କୁ ବାପା ତଣ୍ଟିକାଟି ହତ୍ୟା କରିଥିବା କହିଥିଲେ। ପରେ ଆଈ ନାତୁଣୀଙ୍କୁ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୦/୧୯ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ବଜ୍ରପାତରେ ୫ ଗୋରୁ ମୃତ

#### ଭଞ୍ଜନଗରରେ ଘଡ଼ଘଡ଼ି ସହ ବର୍ଷା

ଭଞ୍ଜନଗର,୮।୪(ଡି.ଏନ.ଏ.)- ସୋମବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଭଞ୍ଜନଗର ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ବଜ୍ରପାତରେ ତାରସିଂ ଥାନା ଗାୟଗଣ୍ଡାରେ ୪ ଗୋରୁଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଅଲିଆ ନାଇକ ଓ ଭିକାରୀ ନାୟକ ଗୋରୁ ଚରାଇବାକୁ ବିଲମାଳକୁ ଯାଇଥିଲେ। ଅପରାହ୍ଣରେ ଝଡ଼ତୋଫାନ ଯୋଗୁ ଅଲିଆ ଓ ଭିକାରୀ ନିକଟରେ ଥିବା ଏକ ଘରଘାଇକୁ ଚାଲି ଆସିଥିଲେ। ଗୋରୁମାନେ ବର୍ଷାରୁ ରକ୍ଷା ପାଇବାକୁ ଗଛ ତଳକୁ ଚାଲିଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ୪ ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ଅଲିଆ ଓ ଭିକାରୀ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମୃତ ଗୋରୁଗୁଡ଼ିକର ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଛି।

■ ଗ୍ରାମାଞ୍ଚଳ ଭୋଟ ହାତେଇବାକୁ ୩ ଦଳର ଉଦ୍ୟମ

# ପ୍ରଚାର ପାଇଁ ଗାଁ ମୁହାଇଛନ୍ତି ପ୍ରାର୍ଥୀ


କେରାପାରା ଗ୍ରାମରେ ଏକ ସଭାରେ ସୁବାସ ଗଣ୍ଡ ପ୍ରଚାର କରୁଛନ୍ତି।


କୋଷକଙ୍ଗା ଗ୍ରାମରେ ନିତ୍ୟାନନ୍ଦ ଗଣ୍ଡ ପ୍ରଚାର କରୁଛନ୍ତି।


ବିରଣାଡା ଗ୍ରାମରେ ସମର୍ଥକଙ୍କ ସହ ଯଶୋଦା ଗଣ୍ଡ ପ୍ରଚାର କରୁଛନ୍ତି।

ରାଇଘର, ୮।୪(ଡି.ଏନ.ଏ)

ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନ ମଣ୍ଡଳୀରେ ବିଜେଡିର ସୁବାସ ଗଣ୍ଡ, ଭାଜପାର ନିତ୍ୟାନନ୍ଦ ଗଣ୍ଡ ଓ କଂଗ୍ରେସର ଯଶୋଦା ଗଣ୍ଡ ପ୍ରାର୍ଥୀ ହୋଇଛନ୍ତି। ତେବେ ୩ ପ୍ରାର୍ଥୀଙ୍କ ଗୋଟିଏ ଲକ୍ଷ୍ୟ ରହିଛି କିପରି ଅଧିକ ଗ୍ରାମାଞ୍ଚଳ ଭୋଟ ହାତେଇବେ। ସେଥିପାଇଁ ଗାଁ ମୁହାଇଛନ୍ତି ପ୍ରାର୍ଥୀମାନେ। ଗ୍ରାମାଞ୍ଚଳରେ ସେମାନଙ୍କ ପ୍ରଚାର ଜୋରଦାର କରିଛନ୍ତି। ପ୍ରାର୍ଥୀମାନେ ଗ୍ରାମାଞ୍ଚଳ ଭୋଟ ହାତେଇବା ପାଇଁ ନିଜ ନିଜ ରଣକୌଶଳ ମଧ୍ୟ ତିଆରି କରିଛନ୍ତି। ଉମରକୋଟ ନିର୍ବାଚନ ମଣ୍ଡଳୀରେ ୩ ଦଳ ପାଇଁ ଷ୍ଟାର ଏବଂ ବାହାର ରାଜ୍ୟରୁ ମନ୍ତ୍ରୀ ଓ ନେତା ଆସି ପ୍ରଚାର ପାଇଁ ଗ୍ରାମାଞ୍ଚଳକୁ ଗୁରୁତ୍ୱ ଦେଉଛନ୍ତି।

ପଡୋଶୀ ରାଜ୍ୟ ଛତିଶଗଡ ବିଧାନସଭାରେ ଭାଜପାକୁ ପରାସ୍ତ କରି କଂଗ୍ରେସ ଶାସନରେ ଆସି ଚାଷୀ ଋଣ ଛାଡ କରିଛି । ସେହି ପ୍ରସଙ୍ଗକୁ ରାଇଘର ଅଞ୍ଚଳରେ କଂଗ୍ରେସ ଜୋରଦାର ପ୍ରଚାର କରୁଛି। କଂଗ୍ରେସର ଛତିଶଗଡ ବିଧାୟକ ଓ ମନ୍ତ୍ରୀ ଗ୍ରାମାଞ୍ଚଳକୁ ଝେଲିକପୁରରେ ଆସି ନିର୍ବାଚନ ସଭା କରି ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ଓ ଛତିଶଗଡରେ କଂଗ୍ରେସ ଶାସନକୁ ଆସିବା ପରେ କି ପ୍ରକାର ପରିବର୍ତ୍ତନ ହୋଇଛି ସେ ସମ୍ପର୍କରେ ଭୋଟରଙ୍କୁ ବୁଝାଉଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ଗରିବ ପରିବାରକୁ ବର୍ଷକୁ ୭୨ ହଜାର ଟଙ୍କା, କୃଷି ଋଣ ଛାଡ, ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯିବ ବୋଲି ଭୋଟରଙ୍କୁ କହୁଛନ୍ତି। ପଞ୍ଚାୟତ ନିର୍ବାଚନରେ ଭାଜପା ରଣକୌଶଳ କରି ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ହାତେଇବା ସହ ୪ ଟି ଜିଲ୍ଲା ପରିଷଦ ହାତେଇଥିଲା । ଚଳିତ ନିର୍ବାଚନରେ ଭାଜପା ସେହିଭଳି ରଣକୌଶଳ ଆପଣାଇ ଗ୍ରାମାଞ୍ଚଳକୁ ମୁହାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ଗାଁ ଗାଁ ରେ ପହଞ୍ଚାଉଛି। ଉଜ୍ଜ୍ୱଳା ଭଳି ଅନେକ ଯୋଜନା ସମ୍ପର୍କରେ ପ୍ରଚାର କରି ଗ୍ରାମାଞ୍ଚଳ ଭୋଟ ଆପଣାଇବାକୁ ଉଦ୍ୟମ କରୁଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କିଛି ଷ୍ଟାର କ୍ୟାମ୍ପେନର ଆସି ରାଇଘର ସହରରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ତେବେ ପ୍ରାର୍ଥୀ ସୁବାସ ଗଣ୍ଡ ଓ କର୍ମୀ ଗ୍ରାମାଞ୍ଚଳରେ ପ୍ରଚାର ଜୋରଦାର ଚଳାଇଛନ୍ତି । କାଳିଆ ଯୋଜନା ଭଳି ଅନେକ ଯୋଜନାକୁ ଫୋକସ୍ କରି ଭୋଟ ନିଜ ସପକ୍ଷରେ ଆଣିବାକୁ ପ୍ରୟାସ କରୁଛନ୍ତି।

### ସହର ଭୋଟର ନେବେ ନିର୍ଣ୍ଣାୟକ ଭୂମିକା

ଏହି ଅଞ୍ଚଳରେ ଆଦିବାସୀ ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଅନେକ ସମସ୍ୟା ଭିତରେ ଗତି କରି ଆସୁଥିବା ଆଦିବାସୀ ପରିବାରକୁ ନିଜ ସପକ୍ଷକୁ ଆଣିବା ପାଇଁ ୩ ଦଳ ନିଜ ନିଜର ରଣକୌଶଳ ଆପଣାଇ ଉଦ୍ୟମ ଚଳାଇଛନ୍ତି। ଆଦିବାସୀ ଭୋଟ ସହ ବେଙ୍ଗାଲୀ ଓ ଅଣ ଆଦିବାସୀ ଭୋଟର ପାଖରେ ପହଞ୍ଚି ଭୋଟ କିପରି ହାତେଇବେ ସେଥିପାଇଁ ଦିନ ରାତି ଏକ କରି କର୍ମୀ ଓ ପ୍ରାର୍ଥୀ ଭୋଟରଙ୍କ ପାଖରେ ପହଞ୍ଚୁଥିବାର ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ଅନୁସୂଚିତ ଜାତି, ଜନଜାତି ଓ ବେଙ୍ଗଲୀ ଭୋଟ ୩ ଦଳ ପାଇଁ ଭାଗ ହେଉଥିବା ବେଳେ ରାଇଘର ଓ ଉମରକୋଟ ମ୍ୟୁନିସିପାଲିଟି ଭୋଟ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ପୂର୍ବ ବିଧାନସଭା ନିର୍ବାଚନରେ ଭୋଟ ବ୍ୟବଧାନରେ ବିଜେଡିର ପାଖାପାଖି କଂଗ୍ରେସ ରହିଥିଲା । ଚଳିତ ନିର୍ବାଚନରେ ୩ ଦଳ ମଧ୍ୟରେ କଡା ଟକ୍କର ହେବା ଚର୍ଚ୍ଚା ହେଉଛି । ଗୋଟିଏ ପଟେ କଂଗ୍ରେସର ମହିଳା ପ୍ରାର୍ଥୀ , ଅନ୍ୟ ପଟେ ଲଗାତାର ସଂଘର୍ଷ ଚଳାଇ ଆସୁଥିବା ଭାଜପା ପ୍ରାର୍ଥୀ ନିତ୍ୟାନନ୍ଦ ଓ ଏଠାରୁ ୨ ଥର ବିଧାୟକ ହୋଇଥିବା ବିଜେଡି ପ୍ରାର୍ଥୀ ସୁବାସଙ୍କ ମଧ୍ୟରେ କାହା ରଣକୌଶଳ ଏଠାରେ ବାଜି ମାରିବ ତାହାକୁ ନେଇ ଚର୍ଚ୍ଚା ହେଉଛି ।

## ଜଗନ୍ନାଥ ମହାପାତ୍ରଙ୍କୁ ବାବାସାହେବ ଆମ୍ବେଡକର ପୁରସ୍କାର

ନବରଙ୍ଗପୁର,୮।୪(ବି.ପ୍ର)

ଅନ୍ତର୍ଜାତୀୟ ମାନବ ଅଧିକାର ସମିତି ପକ୍ଷରୁ ନବରଙ୍ଗପୁରର ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ବାବା ସାହେବ ଆମ୍ବେଡକର ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଭାରତ ରାଷ୍ଟ୍ରଦୂତ ସୁମନ ବାଜିଲ ଓ ଭାରତ ସାଂସ୍କୃତିକ ରିପବ୍ଲିକର ନିର୍ଦ୍ଦେଶକ ମହାସେନ ଆଶୋରୀ ସମାଜସେବା ପାଇଁ ମହାପାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସ୍ଥାର ପ୍ରତିଷ୍ଠାତା ଡଃ ସାନି ଶାହା ପରିଚାଳନା କରିଥିଲେ। ମୁମ୍ବାଇଠାରେ ଆୟୋଜିତ ଏକ ସମ୍ମିଳନୀରେ ଦେଶର ୬୬ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ୨୭ଟି ରାଜ୍ୟର ମାନବାଧିକାର କାଉନସିଲର କର୍ମକର୍ତ୍ତା, ଚଳଚ୍ଚିତ୍ର କଳାକାରମାନେ ଉପସ୍ଥିତ ଥିଲେ। ଜଗନ୍ନାଥ ମହାପାତ୍ର ଅନ୍ତର୍ଜାତୀୟ ମାନବ ଅଧିକାର ସମିତିର ନବରଙ୍ଗପୁର ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିବା ପରେ ସେ ଏହାର ଶ୍ରେୟ ନବରଙ୍ଗପୁରବାସୀ, ଜିଲ୍ଲା ମାନବ ଅଧିକାର ସମିତିର କର୍ମକର୍ତ୍ତା ଓ ଲାୟନ୍ସ କ୍ଲବର କର୍ମକର୍ତ୍ତାଙ୍କୁ ପ୍ରଦାନ କରିଥିବା କହିଛନ୍ତି।


ଅତିଥିମାନଙ୍କ ଗହଣରେ ଜଗନ୍ନାଥ ମହାପାତ୍ର।


ଡେଣ୍ଟୁଲିଖୁଣ୍ଟି ଇନ୍ଦ୍ରାବତୀଠାରେ ଦଣ୍ଡୁଆମାନେ ଯାଉଛନ୍ତି ।

## ଇନ୍ଦ୍ରାବତୀ ବଜାର କମିଟି ତରଫରୁ ଦଣ୍ଡଯାତ୍ରା

ଡେଣ୍ଟୁଲିଖୁଣ୍ଟି,୮।୪(ଡି.ଏନ.ଏ)–

ନବରଙ୍ଗପୁର ଜିଲ୍ଲା ଡେଣ୍ଟୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ବଜାର କମିଟି ତରଫରୁ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଣ୍ଡୁଆମାନଙ୍କୁ ବାଜା ଘଣ୍ଟ ସହ ସ୍ୱାଗତ କରାଯାଇଥିବା ବେଳେ ଧୂଳି ଦଣ୍ଡ, ପାଣିଦଣ୍ଡ ଏବଂ ସନ୍ଧ୍ୟା ଆରତୀ, ରାତ୍ର ପୂଜା ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଶତ୍ରୁଘ୍ନ ଦାସ, ଜବିସୂର୍ଯ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ସ୍ୱାଇଁ, ମଦନ ସେଠୀ, ଭଗବାନ ସାହୁ ପ୍ରମୁଖ ଦଣ୍ଡଯାତ୍ରା ଆୟୋଜନରେ ସହଯୋଗ କରିଥିଲେ।

## ପାପଡାହାଣ୍ଡିରେ ବିଜେଡି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ପାପଡାହାଣ୍ଡି,୮।୪(ଡି.ଏନ.ଏ)


ମନୋହର ରନ୍ଧାରୀ ନିର୍ବାଚନ ପ୍ରଚାର କରୁଛନ୍ତି ।

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ସୋମବାର ପାପଡାହାଣ୍ଡି ବ୍ଲକରେ ମାରାଥନ ପ୍ରଚାର କରିଥିଲେ । କର୍ମୀଙ୍କ ସହ ମନୋହର ବାଇକ ରାଲିରେ ବାହାରି ଶିରସି, ମୋକିଆ ଓ ଡେଙ୍ଗାଗୁଡା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ବାମିନି ଠାରେ ଆୟୋଜିତ ସଭାରେ ୧୦୦ କର୍ମୀ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ । ଏହି ରାଲିରେ ସ୍ୱାଧୀନ ପଟନାୟକ, ସୋମନାଥ ବିଷୋୟୀ, ଜଗତ ଜୀବନ ନାୟକ, ଯୁଗଳ ବିଷୋୟୀ, ତପନ୍ତୁ ହରିଜନ, ମାନୁ ସିଂ, ବାବୁଲି ଭୁଞ୍ଜା, ପ୍ରଫୁଲ୍ଲ ପଟ୍ଟନାୟକ, ବଂଶୀରାମ ଗଣ୍ଡ, ତ୍ରିନାଥ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ ରାଲି, ଘରକୁ ଘର ବୁଲି ପ୍ରାର୍ଥୀଙ୍କ ପ୍ରଚାର

ଡେଣ୍ଟୁଲିଖୁଣ୍ଟି,୮।୪(ଡି.ଏନ.ଏ)

ନବରଙ୍ଗପୁର ଜିଲ୍ଲା ଡେଣ୍ଟୁଲିଖୁଣ୍ଟି ବ୍ଲକରେ ସୋମବାର କଂଗ୍ରେସ, ଭାଜପା ଓ ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ଡେଣ୍ଟୁଲିଖୁଣ୍ଟି ବ୍ଲକର ପୁଜାରିଗୁଡାଠାରୁ ଡାବର ପର୍ଯ୍ୟନ୍ତ ରାଜ୍ୟ କାଜୁ ବୋର୍ଡ ଅଧ୍ୟକ୍ଷ ମୁନା ଖାଁ ବିଜେଡିର ନବରଙ୍ଗପୁର ବିଧାୟକ ପ୍ରାର୍ଥୀ ସଦାଶିବ ପ୍ରଧାନୀ ଓ ଏମପି ପ୍ରାର୍ଥୀ ରମେଶ ମାଝିଙ୍କ ପାଇଁ ବାଇକ ରାଲିରେ ପ୍ରଚାର କରିଥିଲେ। ବିଜେଡି ପ୍ରାର୍ଥୀ ସଦାଶିବ ପ୍ରଧାନୀ ଆଡିଗୁମ୍ମା, ପରଜାବାରଙ୍ଗପୁର, ବେଓପାଲିରେ ପଥପ୍ରାନ୍ତ ସଭା କରି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ଗୌରୀ ଶଙ୍କର ମାଝି ବାଇକ ରାଲିରେ ଭୋଟ ଶୋ କରି ଭୋଟ ଭିକ୍ଷା କରିଥିଲେ। ସେହିପରି କଂଗ୍ରେସ କର୍ମୀମାନେ ଘରକୁ ଘର ବୁଲି ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟକ ପ୍ରାର୍ଥୀ ସଦନ ନାୟକଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଗ୍ୟାରେଣ୍ଟି କାର୍ଡ ଦେଇ କଂଗ୍ରେସ କ୍ଷମତାକୁ ଆସିଲେ ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷି ଋଣ ଛାଡ ଆଦି କରାଯିବ ବୋଲି ଭୋଟରଙ୍କୁ ବୁଝାଇ ଭୋଟ ଭିକ୍ଷା କରିଥିଲେ।

କର୍ପୋରେଶନ ବ୍ୟାଙ୍କ Corporation Bank
(ସାର୍ବଜନିକ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ)
କର୍ପୋରେଶନ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ଓ୍ୱିଙ୍ଗ-୩, ୧ମ ମହଲା, ବିଏସିସି ଭବାନୀ ଏନ୍‌କ୍ଲେଭ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ଭୁବନେଶ୍ୱର ମୁଖ୍ୟ ଶାଖା, ପ୍ଲଟ୍ ନଂ.: ୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

https://corpbank.com/sites/default/files/corpbank-page-files/tender/ramani_ranjan_raj_0.pdf

https://corpbank.com/sites/default/files/corpbank-page-files/tender/stop_0.pdf

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୪.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କର୍ପୋରେଶନ ବ୍ୟାଙ୍କ

CLASSIFIED DISPLAY

ORANE INTERNATIONAL SCHOOL OF BEAUTY & WELLNESS
ହେୟାର • ବିୟୁଟି ମେକ୍‌ଅପ୍
and work anywhere in the world
80+ Schools | 13 States | 45,000+ Students
Call: 73288-24255, 73288-24260 73288-24257
Plot No 5, 3rd Floor, Santosh Plaza, Janapath Satya Nagar, Bhubaneswar



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ବାବା କମାଲ ଖାନ୍
9810599425 9971793786



ଫୌଲାଦୀ ପୌରୁଷତ୍ୱର ଆନନ୍ଦ ନିଅନ୍ତୁ ଜୋଶ୍, ଶକ୍ତି ଓ ସ୍ଫୁର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
Play Win
ପ୍ଲେ-ୱିନ୍
ଜୋଶ, ଶକ୍ତି, ଏକ୍‌ସ୍ଟ୍ରା ଟାଇମିଂ ଏବଂ ସ୍ଫୁର୍ତ୍ତି ବଢ଼ାଏ !!



MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 x 8 | 40,000 | 35,000 |
| 8 insertions in a month | 6 x 8 | 20,000 | 18,000 |
| 4 insertions in a month | 6 x 8 | 11,000 | 10,000 |
| Single day | 6 x 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



ଧାଦ ଦ୍ରୁଦି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

## ସଂକ୍ଷେପରେ

### ରାହୁଲଙ୍କ ଓଡ଼ିଶା ଗସ୍ତ ବାତିଲ

ଭୁବନେଶ୍ୱର,୮।୪(ବ୍ୟୁରୋ): କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଥାଆନ୍ତେ। ମାତ୍ର ଦିନକ ପୂର୍ବରୁ ହିଁ ରାହୁଲଙ୍କ ଗସ୍ତ ବାତିଲ ହୋଇଯାଇଛି। କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବାରୁ ରାହୁଲଙ୍କ ଗସ୍ତ ବାତିଲ ହୋଇଥିବା ଦଳ ପକ୍ଷରୁ ସୂଚନା ମିଳିଛି। ରାହୁଲ ଫୁଲବାଣୀ ଗସ୍ତରେ ଆସି ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେଇ ଥାଆନ୍ତେ। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ବ୍ୟାପକ ପ୍ରସ୍ତୁତି ମଧ୍ୟ ଶେଷ ହୋଇଥିଲା। ରାହୁଲଙ୍କ ଆସନ୍ତା କାର୍ଯ୍ୟକ୍ରମ ନେଇ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

### କାର୍‌ରୁ ୨୦ ଲକ୍ଷ ଟଙ୍କା ଜବତ

ଭଦ୍ରକ ଅଫିସ/ପଦ୍ମପୁର, ୮।୪ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର କପାଗଡ଼ିଆ ଛକଠାରେ ସୋମବାର ଧାମରାରୁ ଭଦ୍ରକ ଯାଉଥିବା ଏକ ଇଣ୍ଡିଗୋ କାର୍‌ରୁ ୨୦ ଲକ୍ଷ ଟଙ୍କା ବାସୁଦେବପୁର ଥାନା ପୋଲିସ ଜବତ କରିଛି। ଏହି ଗାଡ଼ିରେ ଉକ୍ତ ଟଙ୍କା ନିଆଯାଉଥିବା ବେଳେ ନିର୍ବାଚନ କମିଶନ ସ୍କ୍ୱାଡ ଓ ବାସୁଦେବପୁର ପୋଲିସ ଅଟକାଇଥିଲେ। ନିର୍ବାଚନ ସମୟରେ ଏତେଗୁଡ଼ାଏ ଟଙ୍କା ଯାଉଥିବାରୁ ସେମାନେ ସନ୍ଦେହ କରିଥିଲେ। ପୋଲିସ ଗାଡ଼ିକୁ ଜବତ କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ନେଇଥିଲା। ଏହି ଟଙ୍କା ଧାମରା ସେଣ୍ଟ୍ରାଲ ବ୍ୟାଙ୍କରୁ ଭଦ୍ରକ ମୁଖ୍ୟ ଶାଖାକୁ ଯାଉଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ ଜିଲାର ରିଟର୍ନିଂ ଅଫିସରଙ୍କୁ ଜବତ ଟଙ୍କା ହସ୍ତାନ୍ତର କରିଛନ୍ତି। ଘଟଣାର ଅଧିକ ତଦନ୍ତ କରାଯାଉଥିବା ପୋଲିସ କହିଛି।

■ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂ ଘୋଷଣା

### ଶୀର୍ଷରେ ଆଇଆଇଟି ମାଡ୍ରାସ

■ ଶ୍ରେଷ୍ଠ ୧୦୦ରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ, ସ୍ଥାନ ପାଇଲାନି ସରକାରୀ ଶିକ୍ଷାନୁଷ୍ଠାନ

■ ୩୮ରେ ଏନ୍‌ଆଇଟି ରାଉରକେଲା

ଭୁବନେଶ୍ୱର,୮।୪(ବ୍ୟୁରୋ)-କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ସୋମବାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁସନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ (ଏନ୍‌ଆଇଆର୍‌ଏଫ୍)ର ଭାରତ ର୍‍ୟାଙ୍କିଙ୍ଗ୍ ୨୦୧୯ ଘୋଷଣା କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକର ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍ ଘୋଷଣା କରିଛନ୍ତି। ଏନ୍‌ଆଇଆର୍‌ଏଫ୍ ୯ଟି ବର୍ଗ ସାମଗ୍ରିକ, ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ପରିଚାଳନା କଲେଜ, ମ୍ୟାନେଜମେଣ୍ଟ, ଫାର୍ମାସି, ଲ', ଆର୍କିଟେକ୍ଚର ଓ ମେଡିକାଲ ର୍‍ୟାଙ୍କିଙ୍ଗ୍ ଉନ୍ମୋଚନ କରିଛି। ସାମଗ୍ରିକ ସଫଳତାକୁ ନେଇ ଆଇଆଇଟି ମାଡ୍ରାସ ୮୩.୮୮ ସ୍କୋର ରଖି ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି। ଏହି ବର୍ଗରେ ରାଉରକେଲାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ୫୦.୭୫ ସ୍କୋରରେ ୩୮ ର୍‍ୟାଙ୍କରେ ଥିବାବେଳେ ଶିକ୍ଷା ଓ ଅନୁସନ୍ଧାନ ୪୧(୫୦.୩୧), ଆଇଆଇଟି ଭୁବନେଶ୍ୱର ୪୬(୪୮.୭୩) ଓ କିଟ୍ ୫୦(୪୯.୭୬)ରେ ରହିଛି। ହେଲେ ଏହି ବର୍ଗରେ ଓଡ଼ିଶାର ଗୋଟିଏ ବି ସରକାରୀ ଶିକ୍ଷାନୁଷ୍ଠାନ ଶ୍ରେଷ୍ଠ ୧୦୦ ଭିତରେ ସ୍ଥାନ ପାଇନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ବର୍ଗରେ ଓଡ଼ିଶାର କେବଳ ଦୁଇଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ଶିକ୍ଷା ଓ ଅନୁସନ୍ଧାନ ୨୪ରେ ଥିବାବେଳେ କିଟ୍ ୩୧ ର୍‍ୟାଙ୍କରେ ରହିଛି। ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ବର୍ଗରେ ଏନ୍‌ଆଇଟି ରାଉରକେଲା ୧୬ରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୧୭, ଶିକ୍ଷା ଓ ଅନୁସନ୍ଧାନ ୩୨, କିଟ୍ ୪୮, ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ୯୪ ର୍‍ୟାଙ୍କରେ ରହିଛି। ତେବେ ଏହି ବର୍ଗରେ ଓଡ଼ିଶାର ଏକମାତ୍ର ସରକାରୀ ଶିକ୍ଷାନୁଷ୍ଠାନ ଭାବେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ୩୮.୦୮ ସ୍କୋର ରଖି ୧୨୬ ର୍‍ୟାଙ୍କରେ ରହିଛି। ସେହିପରି ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ବର୍ଗରେ କିଟ୍ ୩୦ରେ ଥିବାବେଳେ, ଜାଭିଅର ୟୁନିଭର୍ସିଟି ୪୪ ଓ ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ୭୬ ର୍‍ୟାଙ୍କରେ ରହିଛି। ଓଡ଼ିଶାରେ ଲ' ଶିକ୍ଷାନୁଷ୍ଠାନ ବର୍ଗରେ କିଟ୍ ୧୨ ର୍‍ୟାଙ୍କରେ ସ୍ଥାନ ପାଇଛି। ସେହିପରି ମେଡିକାଲ ଶିକ୍ଷାନୁଷ୍ଠାନ ବର୍ଗରେ ଶିକ୍ଷା ଓ ଅନୁସନ୍ଧାନ ୨୨ ଏବଂ କିଟ୍ ୩୦ ର୍‍ୟାଙ୍କରେ ରହିଛି। ସାଧାରଣ କଲେଜ, ଫାର୍ମାସି ଓ ଆର୍କିଟେକ୍ଚର ବର୍ଗରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ଅନ୍ୟପଟେ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କ ଏଥର ମଧ୍ୟ ଓଡ଼ିଶାକୁ ନିରାଶ କରିଛି। ରାଜ୍ୟର ୩ ସରକାରୀ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍ ପାଇଁ ଆବେଦନ କରିଥିବା ବେଳେ ଗୋଟିଏ ମାତ୍ର ଶିକ୍ଷାନୁଷ୍ଠାନ ଏଥିରେ ସ୍ଥାନ ପାଇଛି।




# ୧୩ ଯାଏ ଉପକୂଳ, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୮।୪(ବ୍ୟୁରୋ)

**ମେଘୁଆପାଗ**

ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉପରେ ଏକ ଟ୍ରଫ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳବର୍ତ୍ତୀ ଜିଲା ସମେତ କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବୁଧବାର ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରିର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୨ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଆକାଶ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୦.୨, ଭୁବନେଶ୍ୱର ୦.୮, ପୁରୀ ୦.୫ ଏବଂ ବାରିପଦାରେ ୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମେଘୁଆ ପାଗ ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। ଅଧିକାଂଶ ଅଞ୍ଚଳରେ ପାରଦ ୪୦ ଡିଗ୍ରୀ ତଳେ ରହିଛି। ଏପରି କି ଉପକୂଳରେ ୨୯ରୁ ୩୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ସୋମବାର ଟିଟିଲାଗଡ଼ରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୩୯.୨, ତାଳଚେର ୩୯.୮, ମାଲକାନଗିରି ୩୯.୫, ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଆଜି ଶାହ, ୧୬ରେ ଭୁବନେଶ୍ୱର ଆସିବେ ମୋଦି

ଭୁବନେଶ୍ୱର (ବ୍ୟୁରୋ)/ପୁରୀ ଅଫିସ, ୮।୪

ଶାସକ ବିଜେଡିକୁ ପରାସ୍ତ କରି ଶାସନ ଗାଦିରେ ବସିବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି ଭାଜପା। ଭାଜପା କେନ୍ଦ୍ରୀୟ ନେତାମାନେ ଏବେ ସବୁଦିନ ଓଡ଼ିଶା ଆସି ବିଜେଡି ବିରୋଧରେ ଗର୍ଜୁଛନ୍ତି। ଏହା ସହ ରାଜ୍ୟରେ ଏଥର ଭାଜପା ସରକାର କରିବାର ଦୃଢୋକ୍ତି ରଖୁଛନ୍ତି। ହେଲେ ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସବୁ ସପ୍ତାହରେ ଓଡ଼ିଶା ଆସିବା ବର୍ତ୍ତମାନ ବିଜେଡିକୁ ଅକଳରେ ପକାଇଲାଣି ବୋଲି ଚର୍ଚ୍ଚା ହେଉଛି। ଏହା ମଧ୍ୟରେ ମୋଦି ଓ ଶାହ ପ୍ରାୟ ୫ଥର ନିର୍ବାଚନ ପ୍ରଚାର ପାଇଁ ଆସି ସାରିଛନ୍ତି। ଏହି କ୍ରମରେ ମଙ୍ଗଳବାର ପୁନର୍ବାର ପୁରୀ ଆସି ନିର୍ବାଚନୀ ରାଲିରେ ଶାହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହ ଅପରାହ୍ନ ୫ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସିଧାସଳଖ ପୁରୀ ଗସ୍ତ କରିବେ। ପୁରୀ ଜଗନ୍ନାଥ ମନ୍ଦିରଠାରୁ ବିରାଟ ରୋଡ ଶୋ କରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଗସ୍ତ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୧୬ରେ ଭୁବନେଶ୍ୱର ଗସ୍ତରେ ମୋଦି ଆସିବେ ବୋଲି ମଧ୍ୟ ସୂଚନା ମିଳିଛି। ରାଜଧାନୀଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେବା ସହିତ ଏକ ରୋଡ ଶୋ ମଧ୍ୟ ମୋଦି କରିବେ ବୋଲି ଏନେଇ ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଏହାପୂର୍ବରୁ ମୋଦି ଏହି ମାସ ୨୩ରେ ମୋଦି କେନ୍ଦ୍ରାପଡାଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେଉଥିବା ବୋଲି ଚର୍ଚ୍ଚା ହେଉଛି।

# ହେଭିୱେଟ ନେତାଙ୍କ ନାମାଙ୍କନପତ୍ର ଦାଖଲ

ଭୁବନେଶ୍ୱର,୮।୪(ବ୍ୟୁରୋ)

ସାଧାରଣ ନିର୍ବାଚନ ଲାଗି ରାଜ୍ୟର ପ୍ରମୁଖ ତିନୋଟି ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଘମାଘୋଟ ପ୍ରତିଯୋଗିତା ଆରମ୍ଭ ହୋଇଛି। କିଏ କେଉଁ ପ୍ରକାର ମତଦାତାଙ୍କୁ ପ୍ରଲୋଭିତ କରି ପାରିବେ ସେ ନେଇ ମଧ୍ୟ ପ୍ରତିଯୋଗିତା ଚରମ ସୀମାରେ ପହଞ୍ଚିଛି। ମଙ୍ଗଳବାର ତୃତୀୟ ପର୍ଯ୍ୟାୟର ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ସେଥିପାଇଁ ପ୍ରାର୍ଥୀପତ୍ର ଦାଖଲ ମଧ୍ୟ ଜୋରସୋର ଚାଲିଛି। ନାମାଙ୍କନ ଦାଖଲର ଶେଷ ଦିବସ ମଙ୍ଗଳବାର ପଡୁଥିବାରୁ ବିରୋଧୀ ଓ ଶାସକ ଦଳର ବହୁ ହେଭି ୱେଟ ନେତା ସୋମବାର ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା ପାଇଁ ରାଜ୍ୟର ବିଭିନ୍ନ ଜିଲାରେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନେକ ମଙ୍ଗଳବାର ନାମାଙ୍କନ ଦାଖଲ ପାଇଁ ଶୁଭ ସମୟ ମନେ କରୁ ନ ଥିବାରୁ ସୋମବାର ବିଭିନ୍ନ ମନ୍ଦିରେ ପୂଜାର୍ଚ୍ଚନା କରି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟ ମହାପାତ୍ର ନିଜର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଜୁ ଜନତା ଦଳର ପ୍ରାର୍ଥୀ ବେଦ ପ୍ରକାଶ ଅଗ୍ରୱାଲ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ଏମପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ଜଗତସିଂହପୁରରୁ କଂଗ୍ରେସ ପ୍ରାର୍ଥୀ ଚାରୀଜାବ ବିଶ୍ୱାଳ, ବାଲିକୁଦା-ଏରସମାରୁ ଭାଜପା ପ୍ରାର୍ଥୀ ଦାମୋଦର ରାଉତ, ବିଜେଡି ପ୍ରାର୍ଥୀ ରଘୁ ନନ୍ଦନ ଦାଶ, ତିର୍ତ୍ତୋଲରୁ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ, ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇ, ଭଣ୍ଡାରୀ ପୋଖରୀରୁ ନିରଞ୍ଜନ ପଟ୍ଟନାୟକ, ବସ୍ତାରୁ ଭାଜପା ପ୍ରାର୍ଥୀ ରଘୁନାଥ ମହାନ୍ତି, ବଡଚଣାରୁ ଅମର ଶତପଥୀ, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ପାରାଦୀପ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ବାପି ସର୍ଖେଲ, ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ, ବଡ଼ବିଲ ବିଜେଡି ପ୍ରାର୍ଥୀ ସୁନ୍ଦର ଦାସଙ୍କ ସମେତ ବହୁ ହେଭି ୱେଟ ନେତାମାନେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ବେଳେ ଏହି ନେତାମାନେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ବିରାଟ ପଟୁଆରରେ ଆସି ନିର୍ବାଚନୀ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଚତୁର୍ଥ ତଥା ଚୂଡାନ୍ତ ପର୍ଯ୍ୟାୟ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ୧୦ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ। ୧୨ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ସମୟ ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ ଶେଷ ହେବା ପରେ ନିର୍ବାଚନ ପ୍ରଚାର ମଧ୍ୟ ଜୋର ଧରିବ।



ନିରଞ୍ଜନ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ଓଡ଼ିଶା ପାଇଁ ଲଢ଼ିବାକୁ ମୁଁ ସମ୍ପୂର୍ଣ୍ଣ ଫିଟ୍: ନବୀନ

ଭୁବନେଶ୍ୱର,୮।୪(ବ୍ୟୁରୋ)

**ମୋ ପଦ ନେବାକୁ ଚାହୁଁଥିଲେ ବୈଜୟନ୍ତ**

ବ୍ୟାୟାମ ଭିଡିଓକୁ ନେଇ ନାନା ତର୍କବିତର୍କ ପରେ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୋମବାର ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାର ଦେଇ ସେ ପ୍ରତିଦିନ ସକାଳୁ ଏକ୍ସରସାଇଜ୍ କରୁଥିବା କହିଛନ୍ତି। କେବଳ ଏତିକି ନୁହେଁ, ଏହି ଅବସରରେ ଦଳର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଉପରେ ମଧ୍ୟ ନବୀନ ବର୍ଷିଛନ୍ତି। ଜାତୀୟ ଗଣମାଧ୍ୟମର ଜଣେ ବରିଷ୍ଠ ଖବରଦାତାଙ୍କ ସହ ସାକ୍ଷାତକାର ସମୟରେ ନିଜର ଦୈନନ୍ଦିନ ଅଭ୍ୟାସ ଓ ବ୍ୟାୟାମ ସମ୍ପର୍କରେ ନବୀନ ପଟ୍ଟନାୟକ କହିଛନ୍ତି। ପ୍ରତିଦିନ ସକାଳୁ ସେ ଜଗିଂ, ସାଇକ୍ଲିଂ, ୱେଟ୍ ଲିଫ୍ଟିଂ ଓ ଲେଗ୍ ଏକ୍ସରସାଇଜ୍ ଭଳି ବ୍ୟାୟାମ କରୁଥିବା କହିଛନ୍ତି। କେବଳ କ୍ୟାମେରା କିମ୍ବା ଭିଡିଓରେ ନୁହେଁ, ମୁଁ ପ୍ରତିଦିନ ସକାଳେ ଏକ୍ସରସାଇଜ୍ କରି ଗାଧୋଇବାକୁ ଯାଏ ଓ ତା'ପରେ କାମକୁ ବାହାରେ। ମୁଁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ନୁହେଁ ବୋଲି ଆମର ଜଣେ ପୂର୍ବତନ ଏମ୍‌ପି ଅପପ୍ରଚାର କରିଛନ୍ତି। ତାଙ୍କର ରାଜନୈତିକ ଉଚ୍ଚାକାଂକ୍ଷା ଓ ଅଭିଳାଷ ପୂରଣ କରିବାକୁ ସେ ଏଭଳି ମିଛକଥା କହିଛନ୍ତି। ତେବେ ସେହି ଏମ୍‌ପି ଜଣକ ବୈଜୟନ୍ତ ପଣ୍ଡା କି ନୁହେଁ ବୋଲି ପଚାରିବାରେ ନବୀନ ଖୋଲାଖୋଲି ଭାବେ ଏହାକୁ ସ୍ୱୀକାର କରିଛନ୍ତି। କେବଳ ଏତିକି ନୁହେଁ, ବୈଜୟନ୍ତ ଜଣେ ଉଚ୍ଚାକାଂକ୍ଷୀ ମଣିଷ ଓ ତାଙ୍କ ପଦବୀ ନେବାକୁ ପ୍ରଚେଷ୍ଟା କରୁଥିବା ନବୀନ କହିଛନ୍ତି। ଆଗାମୀ ନିର୍ବାଚନରେ ଓଡ଼ିଶାବାସୀଙ୍କ ପାଇଁ ସେ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କଂଗ୍ରେସଠାରୁ ମଧ୍ୟ ଭୟଙ୍କର ବୋଲି ନବୀନ କହିବା ସହ ବିଗତ ଦୁଇଦଶନ୍ଧି ଭଳି ଏଥର ମଧ୍ୟ ଭାଜପାରେ ଭୟ ଓଡ଼ିଶାକୁ ନାହିଁ। ଭାଜପା ଗଣତନ୍ତ୍ର ପାଇଁ କାଳ। ଏଥର ନିର୍ବାଚନରେ କେନ୍ଦ୍ରରେ କୌଣସି ବି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ। ଆଞ୍ଚଳିକ ଦଳଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ପୁଣିଥରେ ନବୀନ ଉଭୟ ଭାଜପା ଓ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବା କଥା କହିବା ସହ ବିଜେଡିର କେହି ଶତ୍ରୁ ନୁହନ୍ତି କି ମିତ୍ର ନୁହନ୍ତି। ଓଡ଼ିଶାର ଲୋକଙ୍କ ପାଇଁ ଲଢ଼ିବାକୁ ମୁଁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛି ଏବଂ ଓଡ଼ିଶାର ଭବିଷ୍ୟତ ନେତାଙ୍କୁ ଲୋକେ ନିଜେ ବାଛିବେ ବୋଲି ସେ କହିଛନ୍ତି। ଓଡ଼ିଶାରେ ବ୍ୟୁରୋକ୍ରାଟ ଶାସନ ଚଳାଉଥିବା ପ୍ରଶ୍ନର ଉତ୍ତର ଦେଇ ନବୀନ କହିଥିଲେ, ଏହା ବାଜେ କଥା। ମୁଁ ଓ ମୋ ମନ୍ତ୍ରୀମାନେ ନିଷ୍ପତ୍ତି ନେଉଥାଉ। ଅନ୍ୟପକ୍ଷରେ ମିଥ୍ୟାରୋପ ନ ଲଗାଇବାକୁ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ବୈଜୟନ୍ତ ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

# ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ଶେଷକୃତ୍ୟ ସମ୍ପନ୍ନ

କଟକ ଅଫିସ,୮।୪:

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ଶେଷକୃତ୍ୟ କଟକ ଖାନ୍ନଗର ଶ୍ମଶାନରେ ସୋମବାର ଅପରାହ୍ନରେ ସମ୍ପନ୍ନ ହୋଇଛି। ସକାଳ ୭ଟାରେ ବାସୁଦେବଙ୍କ ମରଶରୀରକୁ କଟକ ସାହେବଜାଦା ବଜାରସ୍ଥିତ ବାସଭବନକୁ ନିଆଯାଇଥିଲା। ଅନେକ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, ଅର୍କେଷ୍ଟ୍ରା ଗ୍ରୁପର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ତାଙ୍କର ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ଅପରାହ୍ନରେ ବାସୁଦେବଙ୍କ ମରଶରୀରକୁ ଶୋଭାଯାତ୍ରାରେ ଖାନ୍ନଗର ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତାଙ୍କ ସମ୍ପର୍କୀୟ ଭାଇ ଆଲେକ୍ଟ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସୂଚନାଥାଉ କି, ବାସୁଦେବ ବ୍ରେନ୍‌ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ରବିବାର ରାତି ୯.୧୫ରେ ତାଙ୍କର ପରଲୋକ ଘଟିଥିଲା।

# ଭୁବନେଶ୍ୱର ବିମାନବନ୍ଦରରେ ଲାଗୁ ହେଲା ନୂତନ ପାର୍କିଂ ପଲିସି

■ ଘରୋଇ ଯାନ ପାଇଁ ଦେୟମୁକ୍ତ ବ୍ୟବସ୍ଥା




ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର।

ଭୁବନେଶ୍ୱର,୮।୪(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୋମବାର ନୂତନ ପାର୍କିଂ ପଲିସି ଲାଗୁ ହୋଇଛି। ଏଥିପାଇଁ ପାର୍କିଂ ନିୟମରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇ ଘରୋଇ ଗାଡ଼ିଗୁଡ଼ିକ ପାଇଁ ଦେୟମୁକ୍ତ ବ୍ୟବସ୍ଥା କରାଯାଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ଯାଉଥିବା ଗାଡ଼ିଗୁଡ଼ିକ ପାଇଁ ଡ୍ରପ୍ ଫ୍ରି କରାଯାଉଥିବା ବେଳେ ପିକ୍ ଅପ୍ ପାଇଁ ୪୦ଟଙ୍କା ଦେବାର ବ୍ୟବସ୍ଥା ହୋଇଛି। ତେବେ ନିର୍ଦ୍ଦିଷ୍ଟ ପାର୍କିଂ ଏରିଆରେ ଗାଡ଼ିଗୁଡ଼ିକ ରହଣି ପାଇଁ ଭିନ୍ନ ଦେୟର ନିୟମ ରହିଛି। ଦୁଇଚକିଆ ଯାନ ନିମନ୍ତେ ୩୦ମିନିଟ୍‌କୁ ୧୦ଟଙ୍କା ରଖାଯାଇଥିବା ବେଳେ ୨ଘଣ୍ଟା ପାଇଁ ୧୫, ୨ରୁ ୬ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୫ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୪୫ଟଙ୍କା ରଖାଯାଇଛି। କାର୍ ନିମନ୍ତେ ୩୦ମିନିଟ୍‌କୁ ୨୦ଟଙ୍କା ରଖାଯାଇଥିବା ବେଳେ ୨ଘଣ୍ଟା ପାଇଁ ୫୫, ୨ରୁ ୬ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୧୦ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୧୬୫ଟଙ୍କା। ଟେମ୍ପୋ, ମିନିବସ୍, ସଭ୍ କାର୍ ପାଇଁ ୩୦ମିନିଟ୍‌କୁ ୨୦ଟଙ୍କା ଦେୟ ଧାର୍ଯ୍ୟ କରାଯାଇଥିବା ବେଳେ ୨ଘଣ୍ଟା ପାଇଁ ୬୦, ୨ରୁ ୬ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୧୦ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୧୮୦ଟଙ୍କା ରହିଛି। ସେହିପରି କୋଚ୍, ବସ୍ ଓ ଟ୍ରକ ପାଇଁ ୩୦ମିନିଟ୍‌କୁ ୩୦ଟଙ୍କା ରଖାଯାଇଛି। ୨ଘଣ୍ଟା ପାଇଁ ୭୦ଟଙ୍କା, ୨ରୁ ୬ଘଣ୍ଟା ହେଲେ ପ୍ରତି ଘଣ୍ଟା ପିଛା ୧୦ଟଙ୍କା ଏବଂ ୨୪ଘଣ୍ଟା ପାଇଁ ୨୧୦ଟଙ୍କା ଦେବାର ବ୍ୟବସ୍ଥା ହୋଇଛି। ତେବେ ସରକାରୀ ଯାନ ଓ ସରକାରଙ୍କ ଦ୍ୱାରା ନିୟୋଜିତ ଗାଡ଼ିଗୁଡ଼ିକ ପାଇଁ ଦେୟମୁକ୍ତ ବ୍ୟବସ୍ଥା ରହିଛି। ପ୍ରବେଶ ପଥ କିମ୍ବା ପାର୍କିଂ ଜାଗାକୁ ଛାଡ଼ି ବେଲେ ଅନ୍ୟ କୌଣସି ଜାଗାରେ କିଛି ଯାନ ପାର୍କିଂ କରିପାରିବେ ନାହିଁ। ଯଦି କରିବେ, ତା'ହେଲେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ପଲିସି ଅନୁଯାୟୀ ଜରିମାନା ଆଦାୟ କରାଯିବ।

# ରମାଙ୍କ ସହ ବହୁ ନେତାଙ୍କୁ ମିଳିଲା ସାଙ୍ଗଠନିକ ଦାୟିତ୍ୱ

ଭୁବନେଶ୍ୱର,୮।୪(ବ୍ୟୁରୋ):

ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଟିକେଟରୁ ବଞ୍ଚିତ ହୋଇଥିବା କେତେଜଣ ନେତାଙ୍କୁ ଥଇଥାନ କରାଯାଇଛି। ଏହି ନେତାମାନଙ୍କ ମଧ୍ୟରୁ କେତେଜଣଙ୍କୁ ସାଙ୍ଗଠନିକ କାର୍ଯ୍ୟରେ ଲଗାଯାଇଛି। ରମାରଞ୍ଜନ ବଳିଆରସିଂହଙ୍କୁ ଦଳର ରାଜ୍ୟ ଉପସଭାପତି, ସୁଦୀପ୍ତ ରାୟଙ୍କୁ ପୁରୀ ସଂସଦୀୟ କ୍ଷେତ୍ରର ନିର୍ବାଚନ ସଂଯୋଜକ, ଛୋଟେଲାଲ ମହନ୍ତଙ୍କୁ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରର ପ୍ରଚାର ସହ ସଂଯୋଜକ, ସୁରେନ୍ଦ୍ର ପଣ୍ଡାଙ୍କୁ ସମ୍ପାଦକ, ଗୋବିନ୍ଦ ଅଗ୍ରୱାଲଙ୍କୁ ପ୍ରବକ୍ତା ଓ ସମ୍ବଲପୁର ସଂସଦୀୟ କ୍ଷେତ୍ରର ପ୍ରଚାର ସହସଂଯୋଜକ, ବିନୋଦ ଦାସଙ୍କୁ କଟକ ସଂସଦୀୟ କ୍ଷେତ୍ରର ପ୍ରଚାର ସଂଯୋଜକ, ପ୍ରିୟବ୍ରତ ମାଝିଙ୍କୁ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ, ସୁକାନ୍ତ ମଲ୍ଲିକଙ୍କୁ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଦାୟିତ୍ୱ ମିଳିଛି। ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଏହି ଦାୟିତ୍ୱ ଦିଆଯାଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀଙ୍କ ଅନୁମୋଦନ କ୍ରମେ ସନ୍ତୋଷ ପ୍ରଧାନଙ୍କୁ ଯୁବମୋର୍ଚ୍ଚା ଉପସଭାପତି ଭାବେ ଦାୟିତ୍ୱ ମିଳିଛି।

■ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ

# ଭାଜପା ଇସ୍ତାହାରକୁ ନେଇ ଥାନାରେ ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର,୮।୪ (ବ୍ୟୁରୋ)

ରାଜ୍ୟ ଭାଜପାର ନିର୍ବାଚନୀ ଇସ୍ତାହାର ପତ୍ର ରବିବାର ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ ନ ଥିବାରୁ ଭାଜପାକୁ କଡ଼ା ସମାଲୋଚନା କରିଛି ବିଜେଡି। ଭାଜପା ସାଢେ ୪ କୋଟି ଓଡିଆଙ୍କୁ ଠକିବା ଅଭିଯୋଗ ଆଣିଛି। ସୋମବାର ଭାଜପାର ଏକ ପ୍ରତିନିଧି ଦଳ ଖାରବେଳନଗର ଥାନାରେ ଏନେଇ ଅଭିଯୋଗ କରିଛି। ଏହାକୁ ନେଇ ଉଭୟ ବିଜେଡି ଓ ଭାଜପା ନେତା ମୁହାଁମୁହିଁ ହେବା ସହ ପରସ୍ପର ବିରୋଧରେ ଗୋହି ଖୋଲାଖୋଲି ହୋଇଛନ୍ତି। ବିଜେଡି ଅଭିଯୋଗ ଆଣିଛି ଯେ, ୨୦୧୪ ନିର୍ବାଚନ ଇସ୍ତାହାରରେ ଭାଜପା ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କେନ୍ଦ୍ରରେ ତାଙ୍କ ସରକାର ଆସିଥିଲେ ମଧ୍ୟ ୫ ବର୍ଷ ମଧ୍ୟରେ ତାହା ପୂରଣ କଲେ ନାହିଁ। ପ୍ରତିଶ୍ରୁତି ଦେଇ ଯାଇ ରାଜ୍ୟବାସୀଙ୍କୁ ଭାଜପା ଠକିଛି। ଲୋକଙ୍କୁ ଠକେଇ ଓ ପ୍ରତାରଣା କରିଥିବା ଭାଜପା ନାମରେ ୪୨୦ ଦଫାରେ ମାମଲା ରୁଜୁ କରାଯିବାକୁ ଅଭିଯୋଗପତ୍ରରେ ଦାବି କରାଯାଇଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଅଭିଯୋଗ ସମୟରେ ସସ୍ମିତଙ୍କ ସହ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି, ସୁଲତା ଦେଓ ପ୍ରମୁଖ ଥିଲେ। ଅନ୍ୟପକ୍ଷରେ ବିଜେଡିର ଏହି ଅଭିଯୋଗକୁ ନେଇ ଭାଜପା ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଠକ ଯାଇ ପୋଲିସର ଦ୍ୱାରସ୍ଥ ହେବା ହାସ୍ୟାସ୍ପଦ। ଯୋଗ୍ୟତା ନ ଥିବାରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଉନି ଓଡିଶା। ପୂର୍ବରୁ ମନ୍ତ୍ରୀ ଉଷା ଦେବୀ ନିଜେ ଏହା ମଧ୍ୟ କହିଛନ୍ତି। ନିଜ ଘୋଷଣା କେତେଦୂର ପୂରଣ କରୁଛି ବିଜେଡି। କେବଳ ଲୋକ ଦେଖାଣିଆ ନାଟକ କରୁଛି ଶାସକ ଦଳ। ସେମାନଙ୍କୁ ପରାଜୟର ଭୟ ଅଧିକ ଘାରିଛି ବୋଲି ସେ କହିଛନ୍ତି।



ଖାରବେଳ ନଗର ଥାନାରେ ବିଜେଡି ନେତୃବୃନ୍ଦ ଅଭିଯୋଗ କରୁଛନ୍ତି।

■ ସାଢ଼େ ୪ କୋଟି ଲୋକଙ୍କୁ ଠକିଛି ଭାଜପା: ବିଜେଡି

■ ଠକ ପୋଲିସର ଦ୍ୱାରସ୍ଥ ହେବା ହାସ୍ୟାସ୍ପଦ: ଭାଜପା

## ସଂକ୍ଷେପରେ

### କଂଗ୍ରେସର ପ୍ରଚାର, ଶୋଭାଯାତ୍ରା



ଏମ୍‌ଭି ୭୯, ୮।୪-କଂଗ୍ରେସର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟକ ପ୍ରାର୍ଥୀ ମାଲା ମାଢ଼ି ଏମଭି-୭୯, ଏମ୍‌ପି ଭି-୮୧, ଏମ୍‌ଭି-୮୮ ଏବଂ ମୋଟୁ ଅଞ୍ଚଳରେ ନିଜ ପ୍ରଚାରକୁ ରବିବାର ଜୋରଦାର କରିଥିଲେ। ଏହି ଅବସରରେ ସେମାନେ ଦଳ ତରଫରୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ହୋଇଥିବା ଶୋଭାଯାତ୍ରାରେ ଦଳର କ୍ରିଷ୍ଣା ଦାସ, ପଚୁ ସରକାର, ପିହିର ଖାନ, ମଧୁସୂଦନ ରାଉତ, କ୍ରିଷ୍ଣା ମଣ୍ଡଳ, ଅସିତ ରାୟ, କାର୍ତ୍ତିକ ବେପାରୀ, ବିବେକ ମଣ୍ଡଳ, ସଞ୍ଜୟ କୁଣ୍ଡୁ, କ୍ରିଷ୍ଣା ସରକାର, ସୁବାସ ରଙ୍ଗ, ରବି ସୁନା, ଆସିନ ଦାସଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଶୋଭାଯାତ୍ରା



ପାରଳାଖେମୁଣ୍ଡି, ୮।୪ (ସ୍ୱ.ପ୍ର.)- ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ହାଇଟେକ୍ ଗ୍ରୁପ୍‌ର ଅଧକ୍ଷ ଡ.ତିରୁପତି ପାଣିଗ୍ରାହୀ ନିଜ ପ୍ରଚାରକୁ ଜୋରଦାର କରିଛନ୍ତି। ସୋମବାର ସେ ସେ ଏକ ବାଇକ ଶୋଭାଯାତ୍ରାରେ ପାରଳାଖେମୁଣ୍ଡି ସହର ପରିକ୍ରମା କରିଥଲେ। ପରେ ମଧାହ୍ନରେ କଂଗ୍ରେସଗଡ କୁହାଯାଉଥିବା ଗୁମ୍ମା ବ୍ଲକରେ ଏକ ଶୋଭାଯାତ୍ରାରେ ଭୋଟ ପ୍ରଚାର କରିଥିଲେ । ଏହି ଶୋଭାଯାତ୍ରାରେ ତାଙ୍କ ସହ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

### ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରଚାର

କାଲିମେଲା,୮।୪(ଡି.ଏନ.ଏ) ବିଜେଡି ପକ୍ଷରୁ କାଲିମେଲା ବ୍ଲକର ବିଭିନ୍ନ ସ୍ଥାନରେ ମାରାଥନ ପ୍ରଚାର ଚାଲିଛି। ଏହି ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା,ଏମପିଭି-୬୨ ଓ ଏମଭି-୬୪ଠାରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଜିଲା ବିଜେଡି ସଭାପତି ମାନସ ମାଡକାମି ବହୁ ଦଳୀୟ ନେତାମାନଙ୍କୁ ନେଇ ନିର୍ବାଚନୀ ସଭା କରିଛନ୍ତି। ଏହି ସଭାରେ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ ପ୍ରଚାର କରି ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭୋଟରଙ୍କୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧରେ ଜିଲା ଓକିଲ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି, ଲମ୍ବୋଦର ତୁରୁକଙ୍କ ସହ ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ।

■ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ

# ଅସନ୍ତୁଷ୍ଟଙ୍କ ଭୂମିକା ନିର୍ଣ୍ଣାୟକ ହେବ

ଦୁର୍ଯ୍ୟୋଧନ ପାତ୍ର
ମାଲକାନଗିରି, ୮।୪



ପୂର୍ଣ୍ଣଚନ୍ଦ୍ର ବାକା



ଲକ୍ଷ୍ମୀପ୍ରିୟା ନାୟକ



ପଦୁ ମାଝି



ବାଲାରାଜୁ କୋପେ

ଆସନ୍ତା ୧୧ ତାରିଖରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ନବରଙ୍ଗପୁର ଲୋକସଭା କ୍ଷେତ୍ର ଅଧୀନ ଏହି ନିର୍ବାଚନମଣ୍ଡଳୀ ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି। ମାଓବାଦୀମାନଙ୍କ ଭୋଟ ବର୍ଜନ ପାଇଁ ଡାକରା ସାଙ୍ଗକୁ ଦଳୀୟ ଟିକେଟ୍‌ରୁ ବଞ୍ଚିତ ଅସନ୍ତୁଷ୍ଟମାନଙ୍କ ବିରୋଧ ସବୁ ପ୍ରମୁଖ ଦଳ ପାଇଁ ଚିନ୍ତାର କାରଣ ହୋଇଛି।

କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଦଳୀୟ ନେତା ତଥା ମାଥିଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବିରୋଧ କରୁଛନ୍ତି। କାରଣ ସେ କଂଗ୍ରେସ ନେତା ତଥା ଜିଲା ପରିଷଦ ସଭ୍ୟ ବାଲାରାଜୁ କପେଙ୍କୁ ଦଳୀୟ ଟିକେଟ୍ ଦିଆଯିବା ପାଇଁ ଦାବି କରିଥିଲେ। ବାଲାରାଜୁଙ୍କୁ ଦଳ ଟିକେଟ୍ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଏଣୁ ମାଥିଲି ଅଞ୍ଚଳର ଅନେକ ଦଳୀୟ ଭୋଟ ବାଲାରାଜୁଙ୍କ ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ଲକ୍ଷ୍ମୀପ୍ରିୟାଙ୍କ ପାଇଁ ସମତାକ୍ରାନ୍ତି ପ୍ରାର୍ଥୀ ଘେନୁ ମୁଦୁଲି ମଧ୍ୟ ଅଡୁଆ ବଢାଇପାରନ୍ତି। କାରଣ ମୁଦୁଲି କଂଗ୍ରେସରେ ଥିଲେ ଓ ଦଳୀୟ ଟିକେଟ ଚାହୁଁଥିଲେ। ତାହା ନ ହେବାରୁ ସେ ସମତା କ୍ରାନ୍ତି ଦଳରୁ ପ୍ରାର୍ଥୀ ହୋଇଛନ୍ତି। ମୁଦୁଲିଙ୍କର କୋରୁକୋଣ୍ଡା, ତାର୍ଲାକୋଟା, କାମବେଡ଼ା, ପାଟ୍ରେଲ ଅଞ୍ଚଳରେ ପ୍ରଭାବ ରହିଛି। ଏହି ଅଞ୍ଚଳରେ ମଧ୍ୟ କଂଗ୍ରେସ ଭୋଟ ବିଭାଜନ ହେବ ବୋଲି କୁହାଯାଉଛି। ସୂଚନାଥାଉ କି ଏହି ନିର୍ବାଚନମଣ୍ଡଳୀ ପୂର୍ବରୁ କଂଗ୍ରେସର ଗଡ଼ ରୂପେ ପରିଚିତ। ଏଠାରୁ ଗଙ୍ଗାଧର ମାଢ଼ି ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ପୁତ୍ରବଧୂ ମମତା ମାଢ଼ି ୨ଥର କଂଗ୍ରେସରୁ ବିଧାୟିକା ହୋଇଛନ୍ତି। ଏହାର ପୁନରାବୃତ୍ତି କରିବା ଲାଗି କଂଗ୍ରେସ ଆଶାବାଦୀ ଅଛି। ହେଲେ ଦୁଇଜଣ ଦଳୀୟ ନେତା ବିଦ୍ରୋହୀ ଭାବେ ନିର୍ବାଚନ ଲଢୁଥିବାରୁ ଦଳ ଏଥର ନିର୍ବାଚନ ଜିତିବା କଷ୍ଟସାଧ ବୋଲି ଆଲୋଚନା ହେଉଛି। କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା କହିଛନ୍ତି, ପୂର୍ବରୁ ଥିବା ବିଧାୟକ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିନାହାନ୍ତି। ମୋର ଲୋକପ୍ରିୟତା ଥିବାବେଳେ ମୁଁ ମାଥିଲି ବ୍ଲକର ଅଧ୍ୟକ୍ଷ ଅଛି। ଆଦିବାସୀଙ୍କ ବିକାଶ ପାଇଁ ଦଳର ନେତା ପ୍ରଦୀପ ମାଝି ମାଲକାନଗିରିବାସୀଙ୍କ ସହ ସବୁ ସମୟରେ ଅଛନ୍ତି। ଏଣୁ କଂଗ୍ରେସ ନିଶ୍ଚିତ ଜିତିବ ବୋଲି ମୁଁ ଆଶାବାଦୀ। ଆଦିବାସୀଙ୍କ ବିକାଶ, ନାରୀ ସଶକ୍ତୀକରଣ, ଯୁବପିଢ଼ିଙ୍କୁ ନିଯୁକ୍ତି ଏବଂ ଲୋକଙ୍କ ମୌଳିକ ସମସ୍ୟାର ଦୂର କରିବା ଆଦିକୁ ପ୍ରସଙ୍ଗ କରି ପ୍ରଚାର ଚଳାଇଛି।

ଭାଜପା ପାଇଁ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ସମସ୍ୟା ସୃଷ୍ଟି କରିଛି। କାରଣ ଦଳୀୟ ନେତା ତଥା ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା ଟିକେଟ ଆଶାୟୀ ଥିଲେ। କିନ୍ତୁ ଭାଜପା ପଦୁ ମାଝୀଙ୍କୁ ପ୍ରାର୍ଥୀ କରିବାରୁ ପ୍ରହ୍ଲାଦ ଦଳ ବିରୋଧରେ ଖବରଦାତା ସମ୍ମିଳନୀ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଏହାଦ୍ୱାରା ଭାଜପା ଭୋଟ ମଧ୍ୟ ବିଭକ୍ତ ହେବା ସମ୍ଭାବନା ରହିଛି। ଭାଜପା ପ୍ରାର୍ଥୀ ପଦୁ କହିଛନ୍ତି, ଦୀର୍ଘ ୨୦ ବର୍ଷ ହେଲା ବିଜେଡି ସରକାର ଏହି ନିର୍ବାଚନମଣ୍ଡଳୀର ସମସ୍ୟା ଦୂର କରିପାରିନାହିଁ। ଏବେ ମଧ୍ୟ ବିଚ୍ଛିନ୍ନାଞ୍ଚଳର ଅନେକ ପଞ୍ଚାୟତରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ଲୋକେ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ନିର୍ବାଚନମଣ୍ଡଳୀରେ ନିଶ୍ଚିତ ପରିବର୍ତ୍ତନ ହେବ। ଚିତ୍ରକୋଣ୍ଡାବାସୀ ଭାଜପାକୁ ଭୋଟ ଦେବେ, ମୁଁ ଜିତିବି।

ବିଜେଡିର ଦଳୀୟ କନ୍ଦଳ ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ଏଠାରେ ସରକାରୀ ଚାକିରି(ରାଜସ୍ୱ ବିଭାଗର ବରିଷ୍ଠ କିରାଣି)ରୁ ଅବସର ନେଇଥିବା ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ହେଲେ ବିଜେଡିର ବିଧାୟକ ଡମ୍ବରୁ ଶିଶାଙ୍କୁ ଟିକେଟ ନ ମିଳିବାରୁ ସେ ଅସନ୍ତୁଷ୍ଟ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ପୂର୍ଣ୍ଣଚନ୍ଦ୍ରଙ୍କୁ ସମର୍ଥନ କରି ତାଙ୍କ ପାଇଁ ପ୍ରଚାର କରୁଛନ୍ତି। ଚିତ୍ରକୋଣ୍ଡା ବ୍ଲକର ୩ଟି ପଞ୍ଚାୟତର ବାସିନ୍ଦା ଗୁରୁପ୍ରିୟା ସେତୁ ଏବଂ ୩ଟି ଝୁଲା ସେତୁ ହେବା ପରେ ଉପକୃତ ହୋଇଛନ୍ତି। ତେଣୁ ସେହି ଅଞ୍ଚଳର ଭୋଟ ପାଇବାକୁ ବିଜେଡି ଆଶା ରଖିଛି। ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର କହିଛନ୍ତି, ମୁଁ ଚାକିରିରେ ଥିବାବେଳେ ନିର୍ବାଚନମଣ୍ଡଳୀବାସୀଙ୍କ ସମସ୍ୟା ସମାଧାନ ପାଇଁ ଅନେକ ପଦକ୍ଷେପ ନେଇଥିଲି। ଗୁରୁପ୍ରିୟା ସେତୁ ସହ ଏଠାରେ ଅନ୍ୟାନ୍ୟ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହୋଇଛି। ଆଗାମୀ ୫ ବର୍ଷରେ ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତାର ଉନ୍ନତି, ପାନୀୟଜଳ ବ୍ୟବସ୍ଥା ଓ ଚାଷର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ପାଖକୁ ଯାଉଛି। ଲୋକେ ବିଜେଡିକୁ ଭୋଟ ଦେବେ ବୋଲି ଆଶା ରଖିଛି।

ଉପରୋକ୍ତ ୩ ପ୍ରାର୍ଥୀ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢୁଥିବାବେଳେ ଭୋଟରମାନେ କେତେକ ପ୍ରସଙ୍ଗ ଉଠାଉଛନ୍ତି। ବିଶେଷ କରି ମାଲକାନଗିରି ଜିଲାରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅବନତି, ଚାଷୀଙ୍କ ଧାନ ମଣ୍ଡିରେ ବିକ୍ରି ହୋଇ ନ ପାରିବା ପ୍ରସଙ୍ଗ ଏଥର ଭୋଟଦାନକୁ ପ୍ରଭାବିତ କରିବ ବୋଲି ଭୋଟର ରମେଶ ଚନ୍ଦ୍ର ମହାନ୍ତି କହିଛନ୍ତି। ସେହିପରି ଭୋଟର ବାବୁଲା ସାବତ କୁହନ୍ତି, ଚାଷ ଜମିକୁ ଜଳସେଚନର ଅଭାବ, ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରସ୍ତ ନ ମିଳିବା ଚଳିତ ନିର୍ବାଚନରେ ଭୋଟଦାନକୁ ପ୍ରଭାବିତ କରିବ।

ଉପରୋକ୍ତ ୫ଜଣ ପ୍ରାର୍ଥୀଙ୍କ ଛଡ଼ା ବହୁଜନ ସମାଜପାର୍ଟି ତରଫରୁ ପ୍ରାର୍ଥୀ ହୋଇଛନ୍ତି ସନାତନ କବାସୀ। ସେ ଦଳିତ ଓ ଆଦିବାସୀ ଭୋଟ ହାତେଇବା ପାଇଁ ପ୍ରଚାର ଚଳାଇଛନ୍ତି। ଆଦିବାସୀଙ୍କ ପାଇଁ ସଂରକ୍ଷିତ ଏହି ନିର୍ବାଚନମଣ୍ଡଳୀ ମାଥିଲି, ଚିତ୍ରକୋଣ୍ଡା, ଖଇରପୁଟ, କୋରକୁଣ୍ଡା ବ୍ଲକକୁ ନେଇ ଗଠିତ। ବିଗତ ୨ଟି ନିର୍ବାଚନକୁ ଦେଖିଲେ ଏଠାରେ ମୁଖ୍ୟତଃ କଂଗ୍ରେସ ଓ ବିଜେଡି ମଧ୍ୟରେ ହିଁ ମୁକାବିଲା ହୋଇଆସୁଛି। ୨୦୦୯ରେ କଂଗ୍ରେସ ପ୍ରାର୍ଥିନୀ ମମତା ମାଢ଼ି ବିଜେଡି ପ୍ରାର୍ଥୀ ଡମ୍ବରୁ ଶିଶାଙ୍କୁ ମାତ୍ର ୨୬୦ ଭୋଟରେ ପରାସ୍ତ କରିଥିଲେ। ମମତା ୨୨,୮୨୨ ଏବଂ ଡମ୍ବରୁ ୨୨,୫୬୨ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ ଥିବା ଭାଜପା ପ୍ରାର୍ଥୀ ଶୁକ୍ରା ମୁଦୁଲି ୧୧,୮୭୪ ଭୋଟ ପାଇଥିଲେ। ଏହି ନିର୍ବାଚନରେ ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୬,୯୮୩ ଭୋଟ ପାଇଥିଲେ। ୨୦୧୪ରେ କଂଗ୍ରେସ ମମତାଙ୍କ ବଦଳରେ ସୁନାଧର କାକାରିଙ୍କୁ ପ୍ରାର୍ଥୀ କରିଥିଲାବେଳେ ବିଜେଡି କିନ୍ତୁ ଡମ୍ବରୁଙ୍କୁ ପ୍ରାର୍ଥୀ କରିଥିଲା। ଡମ୍ବରୁ ୪୮ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। ସୁନାଧର ୨୩,୨୭୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭାଜପା ମଧ୍ୟ ପ୍ରାର୍ଥୀ ପରିବର୍ତ୍ତନ କରି ଶରତ ଚନ୍ଦ୍ର ବୁରୁଦାଙ୍କୁ ନିର୍ବାଚନକୁ ଓହ୍ଲାଇଥିଲା। ଶରତ ୧୭,୫୭୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ପ୍ରହ୍ଲାଦ କିନ୍ତୁ ଏହି ନିର୍ବାଚନ ଲଢ଼ି ନ ଥିଲେ।

## ନିର୍ବାଚନ କାର୍ଯ୍ୟରେ ବ୍ୟବହାର ହେବ ୮ଶହ ଗାଡି



ନିର୍ବାଚନ ପାଇଁ ବ୍ୟବହାର ହେବାକୁ ମାଲକାନଗିରି ଆସିଥିବା ଗାଡି ।

ମାଲକାନଗିରି, ୮।୪ (ଡି.ଏନ୍.ଏ.)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ମାଲକାନଗିରି ଜିଲାର ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ମୋଟ ୮ଶହ ଯାନବାହନ ନିୟୋଜିତ ହୋଇଛି। ଏହି ଗାଡିଗୁଡିକ ସୋମବାର ମାଲକାନଗିରି ସଦର ମହକୁମାରେ ପହଞ୍ଚିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ, ସୁରକ୍ଷା କର୍ମୀ ଏବଂ ନିର୍ବାଚନ ତଦାରଖ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ଏହି ଗାଡି ବ୍ୟବହାର ହେବ। ଜିଲାରେ ଏହି ଦୁଇଟି ନିର୍ବାଚନ ମଣ୍ଡଳୀ ପାଇଁ ୫୪୦ଟି ବୁଥ୍ ସହ ଦୁଇଟି ସ୍ୱତନ୍ତ୍ର ମହିଳା ବୁଥ୍ ଭୋଟଦାତାମାନଙ୍କ ହୋଇଛି। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ନର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ବାଚନରେ ଟ୍ରକ ନିୟୋଜିତକୁ ବାରଣ କରାଯାଇଥିବାରୁ ବସ୍, ଟ୍ରେକର, କମାଣ୍ଡର, ବଲେରୋ, ମାର୍ଶାଲ୍, ଏବଂ ଅଟୋ ନିୟୋଜିତ ହୋଇଛି। ମାଲକାନଗିରି ଜିଲାରେ ଗାଡିର ଅଭାବ ଥିବାରୁ ଭୁବନେଶ୍ୱର ଏବଂ କଟକରୁ ସୋମବାର ୯୩ଟି ଘରୋଇ ବସ୍ ମାଲକାନଗିରିରେ ପହଞ୍ଚିଛି। ସେହିପରି ଜିଲା ବାହାରୁ ୨୬୩ଟି ବିଭିନ୍ନ ଗାଡି ମଧ୍ୟ ମାଲକାନଗିରିରେ ପହଞ୍ଚିଛି। ଭିନ୍ନକ୍ଷମମାନଙ୍କ ଲାଗି ବୁଥ୍ କେନ୍ଦ୍ରକୁ ଯାତାୟାତ ପାଇଁ ୩ଶହ ଅଟୋ ବ୍ୟବହାର ହେବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ସବୁ ଦଳର ପ୍ରଚାର ଜୋରଦାର

ଚିତ୍ରକୋଣ୍ଡା,୮।୪ (ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଧାନସଭା ନିର୍ବାଚନ ପାଇଁ ଆଉ ମାତ୍ର ଦୁଇଦିନ ବାକି ରହିଲା। ଏଠାରେ ଉଭୟ ଭାଜପା, ବିଜେଡି ଓ କଂଗ୍ରେସ ଚିତ୍ରକୋଣ୍ଡା ପଞ୍ଚାୟତ ସମିତିର ୧୮ଟି ପଞ୍ଚାୟତର ପ୍ରତି ଗ୍ରାମରେ ପ୍ରଚାରକୁ ଜୋରଦାର କରିଛନ୍ତି। ଡାକବାଜି ଯନ୍ତ୍ର, ରୋଡ ଶୋ, ବାଇକ ରାଲି ଓ ଶୋଭାଯାତ୍ରା ମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ସମସ୍ତଙ୍କ ଭିତରେ ଛକାପଞ୍ଝା ଲାଗିରହିଛି। ଏଠାରେ ମୁଖ୍ୟତଃ ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ରହିଛି।

## ବିଦ୍ୟାଳୟ ପ୍ରବେଶ ଉତ୍ସବ

ଟିକିରି,୮।୪(ଡି.ଏନ୍.ଏ.)–

କାଶୀପୁର ବ୍ଲକ ଦୋରାଗୁଡା ଉତ୍କଳ ଆଲୁମିନା କମ୍ପାନୀ ବଫଲାମାଳି ମାଇନ୍ସ ପକ୍ଷରୁ ଅଣ୍ଡିରାକଞ୍ଚ, କରଞ୍ଜିକୁମାଖାଲ, ଧୁତୁରାପାସ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପ୍ରବେଶ ଉତ୍ସବ କରାଯାଇଛି। ଏଥିରେ ପ୍ରାୟ ୩୩ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମାଇନ୍ସ ବିଭାଗ ପକ୍ଷରୁ ସ୍କୁଲକୁ ପାଠ୍ୟ ଉପକରଣ ଦିଆଯାଇଛି। ଛାତ୍ରୀଛାତ୍ରମାନଙ୍କୁ ଧରି ପ୍ରତ୍ୟେକ ଗ୍ରାମର ସାହି ସାହି ବୁଲି ସ୍କୁଲ ଚାଲ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। କରଞ୍ଜିକୁମାଖାଲ, ଅଣ୍ଡିରାକଞ୍ଚ, ଧୁତୁରାପାସ ସ୍କୁଲର ପ୍ରଧାନଶିକ୍ଷକ, ସ୍କୁଲ ମ୍ୟାନେଜମେଣ୍ଟ କମିଟି ମାଇନ୍ସ ବିଭାଗ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାତୃ ସମ୍ମିଳନୀ

ଜୟପୁର ୮।୪(ନି.ପ୍ର)–

ଜୟପୁର ପାରାବେଢାଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୁଳଙ୍କ ଜନ୍ମଜୟନ୍ତୀ ସହ ବାର୍ଷିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ମହାକୁଡଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଭଜନ, କୀର୍ତ୍ତନ ପରେ ଭୁବନେଶ୍ୱରରୁ ଆଗତ ସ୍ନିଗଧା ରାଣୀ ସ୍ୱାଇଁ ନାରୀ ଜୀବନର ବିଭିନ୍ନ ଦିଗ ବିବାହ, ଶିକ୍ଷା, ସନ୍ତାନ ଜନ୍ମ, ପରିବାର ଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିସହ ଦେଶ ଗଠନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ୧୪ ଜଣ ଭକ୍ତ ଦିକ୍ଷା ନେଇଥିଲେ ।

## ଗୁଡମର୍ନିଂ ପ୍ଲେ ସ୍କୁଲ, ସାଇଡ୍ୟାନସ ଏକାଡେମୀର ବାର୍ଷିକ ଉତ୍ସବ





ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

ଚିତ୍ରକୋଣ୍ଡା,୮।୪ (ଡି.ଏନ.ଏ.)–

ଚିତ୍ରକୋଣ୍ଡା ସହରରେ ଅବସ୍ଥିତ ଡିଏଭି ଗୁରୁକୁଳ ବିଦ୍ୟାଳୟ ଏବଂ ଡିଏଭି ଗୁରୁକୁଳ ଆନୁକୂଲ୍ୟରେ ପରିଚାଳିତ ଗୁଡମର୍ନିଂ ପ୍ଲେ ସ୍କୁଲ ଓ ସାଇଡ୍ୟାନସ ଏକାଡେମୀର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ରାମ ପ୍ରସାଦ ନାଗ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର କର, ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା-ବାଲିମେଳା ମାଟିବନ୍ଧ ଯୋଜନାର ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉମାଶଙ୍କର ସାହୁ, ବରିଷ୍ଠ ଶିକ୍ଷକ କରୁଣାକର ମହାରଣା ଓ ସମାଜସେବୀ ଦେବେନ୍ଦ୍ର ଦାସ ଯୋଗ ଦେଇଥିଲେ। ଅତିଥିମାନେ ଛୋଟ ଶିଶୁଙ୍କର ଶୈକ୍ଷିକମାନ, ପାଠପଢା ଶୈଳୀ ସମ୍ପର୍କରେ ମତ ରଖିଥିଲେ। ନୃତ୍ୟ ,ଗୀତ ଓ ଖେଳ ମାଧ୍ୟମରେ ପିଲାଙ୍କୁ ପାଠମନସ୍କ କରିବା ପାଇଁ ପ୍ରକାଶ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ରୀତା ମହାରଣା ପାଠ କରିଥିଲେ। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟରେ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବକୁ ସମସ୍ତ ଗୁରୁମାଗୁରୁଜୀ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ରାକେଶ ମହାରଣା, ବ୍ରଜବନ୍ଧୁ ନାୟକ ଓ ସୁଧାସିନୀ ମହାରଣା ମଞ୍ଚ ପରିଚାଳନା କରିଥିଲେ।

## କୋଟପାଡ଼ରେ କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନାଙ୍କ ପ୍ରଚାର

କୋଟପାଡ,୮।୪(ଡି.ଏନ୍.ଏ.)–

କୋରାପୁଟ ଜିଲା କୋଟପାଡ ବ୍ଲକ ଦଶହରା ପଡିଆରେ ସୋମବାର କେନ୍ଦ୍ରମନ୍ତ୍ରୀ ମନୋଜ ସିହ୍ନା ବିଜୟ ସଙ୍କଳ୍ପ ସଭାରେ ଯୋଗ ଦେଇ ବିଜେଡ଼ି ଓ କଂଗ୍ରେସକୁ ସମାଲୋଚନା କରିଥିଲେ । ବିଧାୟକ ପ୍ରାର୍ଥୀ ଖଗେଶ୍ୱର ପୂଜାରୀ ଓ ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କୁ ଭୋଟ ଦେବା ପାଇଁ ସେ ଭୋଟରଙ୍କୁ ଅନୁରୋଧ କରିଥିଲେ । ବିଜେଡ଼ି ସରକାର ଦୁର୍ନୀତିରେ ବୁଡ଼ି ରହିଥିବା ବେଳେ ରାଜ୍ୟରେ ପରିବର୍ତ୍ତନର ଆବଶ୍ୟକ ରହିଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ପୂଜାରୀ, ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ଯୋଗ ଦେଇଥିଲେ ।



କୋଟପାଡରେ ମନୋଜ ସିହ୍ନା ନିର୍ବାଚନ ପ୍ରଚାର କରୁଛନ୍ତି ।

## ଡାଇଟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ଚିତ୍ରକୋଣ୍ଡା,୮।୪(ଡି.ଏନ.ଏ.)–

ଚିତ୍ରକୋଣ୍ଡା ସହରସ୍ଥିତ ଚିତ୍ରକୋଣ୍ଡା ଡାଇଟ ବିଦ୍ୟାଳୟର ୧୪ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଭାରପ୍ରାପ୍ତ ଅଧକ୍ଷ ଶୈଳରାଜ ଏମଜି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ହେମନ୍ତ ଦଳପତି କ୍ରୀଡା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ୧୮ରେ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।





ଡାଇଟ ବିଦ୍ୟାଳୟର କ୍ରୀଡାଉତ୍ସବ ।

■ କଂଗ୍ରେସ ବିଧାୟକ ପ୍ରାର୍ଥୀ ଆଣିଲେ ଅଭିଯୋଗ

## ବିଜେଡ଼ି ପାଇଁ ଆନ୍ଧ୍ର କମ୍ପାନୀ ବାଣ୍ଟୁଛନ୍ତି ଟଙ୍କା

ପଟ୍ଟାଙ୍ଗି,୮।୪(ଡି.ଏନ.ଏ)

କୋରାପୁଟ ଜିଲା ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତମ ପାଢୀଙ୍କୁ ଜିତାଇବା ପାଇଁ ଆନ୍ଧ୍ରର ମୈତ୍ରି ନାମକ ଖଣି କମ୍ପାନୀ ମାଲିକ ଶ୍ରୀନିବାସଙ୍କ ସହ ହିଣ୍ଡାଲକୋ , ନାଲକୋ ପରି ବିଭିନ୍ନ କମ୍ପାନୀର ଲୋକମାନେ ଗାଁ ଗାଁ ରେ ବୁଲି ଲୋକଙ୍କୁ ପ୍ରଚୁର ପରିମାଣର ଅର୍ଥ ପ୍ରଦାନ କରୁଛନ୍ତି । ଏହି ଅଭିଯୋଗ ଆଣିଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡ଼ାମ । ଏନେଇ ସେ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ କମିଶନରଙ୍କ ସମେତ କୋରାପୁଟ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହିପରି କି ଉକ୍ତ ଆନ୍ଧ୍ର କମ୍ପାନୀ କର୍ମଚାରୀ ଏକ ବୋଲେରୋ(ଓଡ଼ି ୧୦/୧୮୩୦) ଯୋଗେ ନିୟମିତ ପଟ୍ଟାଙ୍ଗି ବ୍ଲକର ଅମ୍ପାବାଲି , ତଳଗୋଲୁର , ପେଟ୍ରୁ , ମାଲିପୁଟ, ଚନ୍ଦକା, ପୁକାଲି, ସମ୍ପାଇ, କୋଟିଆ ଆଦି ଗ୍ରାମକୁ ଯାତାୟତ କରୁଛନ୍ତି । ଉକ୍ତ କମ୍ପାନୀ କର୍ମକର୍ତ୍ତାମାନେ ସେମିଳିଗୁଡା, କୋରାପୁଟ ପରି ଜନଗହଳି ସ୍ଥାନରେ ଥିବା ହୋଟେଲରେ ରହି ଗାଁ ର ମୁଖିଆମାନଙ୍କୁ ଡକାଇ ଅର୍ଥ କାରବାର କରୁଥିବା ବିଧାୟକ ପ୍ରାର୍ଥୀ କାଡାମ ଅଭିଯୋଗ କରିଛନ୍ତି । ସେହିପରି ସୋମବାର ଆନ୍ଧ୍ରର କିଛି ଲୋକଙ୍କ ସହ ବିଜେଡି କର୍ମୀ ରାଲେଗଡା ପଞ୍ଚାୟତ ଦେଇ ଚନ୍ଦକା ପଞ୍ଚାୟତର ଦଳପତିଗୁଡା , ପାଙ୍ଗିଗୁଡା , ଧୁସୁରିଗୁଡା ଗ୍ରାମମାନଙ୍କୁ ଏକ ବୋଲେରୋ(ଏପି ୩୧/୩୬୯୯) ଯୋଗେ ଯାଉଥିଲେ । ଏହି ସମୟରେ କଂଗ୍ରେସର କେତେକ ସମର୍ଥକ ଉକ୍ତ ଗାଡିକୁ ଅଟକ ରଖି ଧରପଗଡ କରିଥିଲେ । ଏଥିରେ ଥିବା ଲୋକମାନେ ଗାଡ଼ି ଛାଡ଼ି ଚାଲି ଯାଇଥିବା ବେଳେ ଡ୍ରାଇଭର ଜଣକ ଧରାପଡି ଯାଇଥିଲେ। ଉପରୋକ୍ତ ଗ୍ରାମକୁ ଟଙ୍କା ନେଇ ଯାଉଥିବା ଡ୍ରାଇଭର ଜଣକ ପ୍ରକାଶ କରିଥିଲେ । ତାଙ୍କ ନିକଟରେ ପ୍ରଚୁର ପରିମାଣର ଟଙ୍କା ଥିବା କଂଗ୍ରେସର ଜୋନ ୧ ସଭାପତି ନୃସିଂହ ନାଥ ବେହେରା ପ୍ରକାଶ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡିରୁ କିଛି ପାସ ଫଟୋ, ଡ୍ରାଇଭିଙ୍ଗ ଲାଇସେନ୍ସ , ପାନ କାର୍ଡ ସମେତ ଅନେକ କାଗଜପତ୍ର ଉଦ୍ଧାର କରିଛି । ଆସିଥିବା ଲୋକମାନେ ବିଶାଖାପାଟଣା ଅଞ୍ଚଳର ବୋଲି ଜଣାଯାଇଛି । ଏନେଇ ବିଜେଡି ବିଧାୟକ ପ୍ରାର୍ଥୀ ପାଢୀଙ୍କୁ ପଚାରିବାରୁ, କଂଗ୍ରେସ ପ୍ରାର୍ଥୀ ଆଣିଥିବା ଅଭିଯୋଗ ଭିତ୍ତିହିନ । ଏହିପରି କୌଣସି କମ୍ପାନୀ ବିଜେଡି ଦଳ ପାଇଁ ଟଙ୍କା ବାଣ୍ଟୁ ଥିବା ମୁଁ ଜାଣି ନାହିଁ ବୋଲି କହିଛନ୍ତି।

### ଅଭିଯୋଗକୁ ଖଣ୍ଡନ କଲେ ବିଜେଡ଼ି ପ୍ରାର୍ଥୀ





INDIAN UNION DRIVING LICENCE
ANDHRA PRADESH
DLFAP2313552005
NAGA RAMESH B
SURI BABU
5-8-10
KAPU TUNGALAM
BHPV GAJUWAKA
GAJUWAKA
VISHAKAPATNAM - 530026
Signature
Licencing Authority
Issued On: 23/06/2015
RTA GAJUWAKA

ଗାଡିରୁ ଜବତ ହୋଇଥିବା ପାସ୍ ଫଟୋ ଓ ଡ୍ରାଇଭିଂ ଲାଇସେନ୍ସ ।

## କେତେ ଜରୁରୀ
# ଆତ୍ମନିର୍ଭରଶୀଳତା

ନିଜକୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ମହିଳାମାନେ ଆଜି ପଛରେ ପଡ଼ିନାହାନ୍ତି। ନିଜର ଦକ୍ଷତା ବଳରେ ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିପାରୁଛନ୍ତି। ସାଧାରଣତଃ, ବହୁ ବର୍ଷ ପୂର୍ବେ ପାଠ ପଢ଼ିବା ପରେ ଝିଅଟିଏ ବାହା ହୋଇ ଘର ସଂସାର କରୁଥିଲା। ସେତେବେଳେ ସେ କେବଳ ନିଜକୁ ଘର କାମରେ ନିୟୋଜିତ ରଖୁଥିଲା। କିନ୍ତୁ ସମୟ ବଦଳିଛି। ପାଠ ପଢ଼ି ହେଉ ଅବା ନିଜର ବୁଦ୍ଧି ବଳରେ ଆଜିକାଲି ଅନେକ ମହିଳା ରୋଜଗାର କରିବା ସହ ପରିବାର ଚଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ଏବେ ଝିଅଟିଏ ପାଠ ପଢ଼ିଲେ ଭବିଷ୍ୟତରେ ଚାକିରି କରିବାର ସ୍ୱପ୍ନ ଦେଖୁଛି, ଆଉ ତାହାର ଏଭଳି ଅଭିଳାଷକୁ ମା'ବାପାଙ୍କର ସମର୍ଥନ ମଧ୍ୟ ରହୁଛି। ବିବାହ ପରେ ଚାକିରି ଏବଂ ଘର ଚଳାଇବା ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାମକୁ ବେଶ୍ ସମାନ୍ତରାଳ ଭାବରେ ତୁଲାଉଛନ୍ତି ଅନେକ ମହିଳା। ତେବେ ଜଣେ ମହିଳା ଆତ୍ମନିର୍ଭରଶୀଳ ହେବା କେତେ ଜରୁରୀ ? ଏହାର ଯଥାର୍ଥତାକୁ ଜଣେ ମହିଳା ନୁହେଁ ତାଙ୍କର ବାପା-ମା', ଶାଶୁ-ଶ୍ୱଶୁର ଏବଂ ଗୁରୁଜନମାନେ ମଧ୍ୟ ଠିକ୍ ଭାବେ ବୁଝିବା ଦରକାର। ତେବେ ଆତ୍ମନିର୍ଭରଶୀଳ ହେବା ଏକ ଛୋଟ କଥା ନୁହେଁ। ଏଥିପାଇଁ ଯୋଜନାବଦ୍ଧ ଭାବରେ ଆଗେଇବା ଦରକାର। ତେବେ ଏହି ସମୟରେ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...







ସାଧାରଣତଃ ବହୁ ବର୍ଷ ପୂର୍ବେ ପାଠ ପଢ଼ିବା ପରେ ଝିଅଟିଏ ବାହା ହୋଇ ଘର ସଂସାର କରୁଥିଲା। ସେତେବେଳେ ସେ କେବଳ ନିଜକୁ ଘରକାମରେ ନିୟୋଜିତ ରଖୁଥିଲା । କିନ୍ତୁ ସମୟ ବଦଳିଛି ପାଠ ପଢ଼ି ହେଉ ଅବା ନିଜର ବୁଦ୍ଧି ବଳରେ, ଆଜିକାଲି ଅନେକ ମହିଳା ରୋଜଗାର କରିବା ସହ ପରିବାର ଚଳାଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି...

**ଟେନ୍‌ସନରେ ନିଷ୍ପତ୍ତି ନିଅନ୍ତୁ ନାହିଁ**

କାମର ଚାପ ଯେତେ ବଢ଼ିବ ସେହି ଅନୁସାରେ ଆମେ ଟେନ୍‌ସନର ବଶବର୍ତ୍ତୀ ହେବା ସ୍ୱାଭାବିକ। ହେଲେ ଏହି ସମୟରେ ସଂଯମତାର ଆବଶ୍ୟକତା ରହିଛି। ଜଣେ କର୍ମଜୀବୀ ମହିଳାଙ୍କୁ କେବଳ ଚାକିରି ନୁହେଁ, ପରିବାର ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ। ତେଣୁ ଏହି ସମୟରେ ମାନସିକ ସନ୍ତୁଳନ ରହିବା ଜରୁରୀ। ପ୍ରାୟ କ୍ଷେତ୍ରରେ ଦେଖାଯାଏ, ଯଦି ପୁଅ-ବୋହୂ ଚାକିରି କରିଥାଆନ୍ତି ତେବେ କିଛି ଶାଶୁଘର ଲୋକ ଭାବନ୍ତି ଯେ, ଯଦି ପୁଅ ଚାକିରି କରିଛି ତେବେ ବୋହୂ ଚାକିରି କରିବାର ଆବଶ୍ୟକତା ନାହିଁ। ତେବେ ଏଭଳି ମାନସିକତା ବଦଳିବାର ସମୟ ଆସିଛି ବୋଲି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହାକୁ ନେଇ କେତେକ ବୋହୂ ଟେନ୍‌ସନରେ ରହିଥାଆନ୍ତି। ହେଲେ ଏହି ସମୟରେ ସେମାନେ ଥଣ୍ଡା ମିଜାଜ୍‌ରେ ନିଜର ଦାୟିତ୍ୱ ତୁଲାଇବା ବଡ଼ କଥା।

**ଭବିଷ୍ୟତକୁ ଭାବନ୍ତୁ**

ଏକ ମିନିଟ୍‌ରେ ଚାକିରି ଛାଡ଼ିବାର ନିଷ୍ପତ୍ତି ଭବିଷ୍ୟତ ପାଇଁ ସମସ୍ୟା ହୋଇପାରେ। ଚାକିରି ଛାଡ଼ିବା ଦ୍ୱାରା ଘରର ଆର୍ଥିକ ସ୍ଥିତିରେ ବି ପ୍ରଭାବ ପଡ଼ିପାରେ। ପିଲାର ପାଠପଢ଼ା ତଥା ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆପଣଙ୍କ ସ୍ୱାମୀଙ୍କ ଉପରେ ଚାପ ବି ପଡ଼ିପାରେ। ତେଣୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ।

**ଅନ୍ୟ ବିକଳ୍ପ ବିଚାର କରନ୍ତୁ**

ଜଣେ ମହିଳା ଯଦି ଚାକିରି କରିଥାଏ ତେବେ ତାକୁ ବିଭିନ୍ନ ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ। କିନ୍ତୁ ଚାକିରି ଛାଡ଼ିବାଟା ଆପଣଙ୍କ ସମସ୍ୟାର ସମାଧାନ ନୁହେଁ। ସମସ୍ୟା ଜୀବନରେ ଆସେ। କିନ୍ତୁ ଏହାର ବଶବର୍ତ୍ତୀ ହୋଇ ହଠାତ୍ ଚାକିରି ଛାଡ଼ିବା ନିଷ୍ପତ୍ତି ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ଚାକିରି ଛାଡ଼ି ଘରେ ବସି କିଛି ରୋଜଗାର କରିବେ ବୋଲି ସ୍ଥିର କରିଛନ୍ତି ତେବେ ଆତ୍ମବିଶ୍ୱାସ ରଖନ୍ତୁ।

**ଆତ୍ମନିର୍ଭରଶୀଳତା ପ୍ରତି ଗର୍ବ କରନ୍ତୁ**

ଆତ୍ମନିର୍ଭରଶୀଳତା ପ୍ରତି ଗର୍ବ କରନ୍ତୁ। ଆପଣଙ୍କ ଚିନ୍ତାଧାରା ବଦଳାନ୍ତୁ। ଯଦି କାର୍ଯ୍ୟଭାର ପାଇଁ ଘରକାମ କରିବାରେ ଅସୁବିଧା ହେଉଛି ତେବେ ଆପଣ ଚାହିଁଲେ ଘରକାମରେ ସାହାଯ୍ୟ କରିବା ପାଇଁ ମେଡ୍ ରଖିପାରିବେ। କର୍ମଜୀବୀ ଭାବେ ଆପଣ ବି ଚାହିଁଲେ ଏହି ଖର୍ଚ୍ଚକୁ ବହନ କରିପାରିବେ।

**ସମ୍ମାନ ପାଇବାକୁ ହକ୍‌ଦାର ଆପଣ**

ଯଦି ଆପଣ ଜଣେ ଶିକ୍ଷୟିତ୍ରୀ ତେବେ ଛାତ୍ରୀଛାତ୍ର ଆପଣଙ୍କୁ ନିଶ୍ଚୟ ସମ୍ମାନ ଦେବେ। ସାମ୍ବାଦିକତାକୁ କ୍ୟାରିୟର କରିଥିଲେ ସମାଜ ଆପଣଙ୍କୁ ସମ୍ମାନ ଦେବ। ବଡ଼ବଡ଼ ପଦାଧିକାରୀ ବି ଆପଣଙ୍କୁ ସମ୍ମାନ ଦେବେ। ଯଦି ଆପଣ ଲେଖିକା କିମ୍ବା ଓକିଲ, କଳାକାର, ଡାକ୍ତର, ବ୍ୟାଙ୍କକର୍ମୀ ତେବେ ସମାଜ ନିଶ୍ଚୟ ଆପଣଙ୍କୁ ସମ୍ମାନ ଦେବ। ଆପଣଙ୍କୁ ଏକ ପରିଚୟ ବି ମିଳିବ।

**ସଂଘର୍ଷ ଜୀବନ ବିଷୟରେ ଭାବନ୍ତୁ**

ଯଦି ଆପଣ ଚାକିରି ଛାଡ଼ିବାର ନିଷ୍ପତ୍ତି ନେଉଛନ୍ତି ତେବେ ଥରେ ଆପଣଙ୍କ ସଂଘର୍ଷ କଥା ଭାବନ୍ତୁ। ଲକ୍ଷ୍ୟକୁ ସାକାର କରିବାକୁ କିପରି ଦିନରାତି ଆପଣ ଏକ କରିଦେଇଥିଲେ। ଆପଣ ରୋଜଗାର କରିଥିବା ଅର୍ଥ ଆଜି ପର୍ଯ୍ୟନ୍ତ କିପରି ଆପଣଙ୍କ କାମରେ ଆସିଛି ତାହା ମଧ୍ୟ ଥରେ ଭାବନ୍ତୁ।

### କ'ଣ କରନ୍ତି ଏମାନେ...

ମୁଁ ଚାକିରି ଏବଂ ଘରକାମ ଉଭୟକୁ ସମାନ ଭାବେ ଗୁରୁତ୍ୱ ଦେଇଥାଏ। ଶାଶୁଘର ଲୋକଙ୍କର ସହଯୋଗ ହିଁ ମୋତେ କର୍ମକ୍ଷେତ୍ରରେ ଠିକ୍ ଭାବେ କାମ କରିବାକୁ ଉତ୍ସାହିତ କରିଥାଏ। ମୋ ମତରେ ପ୍ରତିଟି ମହିଳା ରୋଜଗାରକ୍ଷମ ହେବା ଜରୁରୀ। ପିଲାର ପାଠପଢ଼ାଠାରୁ ଆରମ୍ଭ କରି ଘରର ବିଭିନ୍ନ ଖର୍ଚ୍ଚ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ଏ କ୍ଷେତ୍ରରେ ଯଦି ସ୍ତ୍ରୀ ସ୍ୱାମୀକୁ ସହଯୋଗ କରେ ତେବେ କ୍ଷତି କ'ଣ ?

*– ଶର୍ମିଷ୍ଠା ସାହୁ*
*କର୍ମଜୀବୀ, ରାଉରକେଲା*

ସେଭିଂସ୍ ମୋର ନିଶା। ମୁଁ ଘରେ ହିଁ ଏକ ବିଜ୍‌ନେସ ଆରମ୍ଭ କରିଛି। ଉଭୟ ଘରକାମ ଏବଂ ବିଜ୍‌ନେସ ମୋତେ ଦେଖିବାକୁ ପଡୁଛି। ପରିଶ୍ରମ ପଡ଼େ ସତ କିନ୍ତୁ ସମୟ କେମିତି କଟିଯାଏ ଜଣା ବି ପଡ଼େନି। ଶରୀର ବି ଆକ୍ଟିଭ୍ ରହେ। ସନ୍ଧ୍ୟା ସମୟରେ ପିଲାର ପାଠପଢ଼ା ଦେଖିଥାଏ। ପରିବାର ଲୋକଙ୍କ ସହଯୋଗ ବି ଯଥେଷ୍ଟ ରହିଛି।

*– ନମିତା ବିଶ୍ୱାଳ*
*ଗୃହିଣୀ, ଭୁବନେଶ୍ୱର*

## ଇଏ ବି ଜଣେ ନାରୀ
# ସାରସ୍ୱତ ସାଧିକା ଗଙ୍ଗୋତ୍ରୀ

**ପେସା ଶିକ୍ଷକତା, ନିଶା ସାହିତ୍ୟ ସାଧନା। ନିକଟରେ ରାଷ୍ଟ୍ରପତିଙ୍କଠାରୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ । ଏହି ମହିଳା ଭଞ୍ଜ ସାହିତ୍ୟ ଉପରେ ପିଏଚ୍‌ଡି ଲାଭ କରିଛନ୍ତି। ସେ ହେଲେ ଭୁବନେଶ୍ୱରସ୍ଥ ଏଗ୍ରିକଲଚର କଲୋନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଡ. ଗଙ୍ଗୋତ୍ରୀ ଦେବୀ...**



ଡ. ଗଙ୍ଗୋତ୍ରୀ ଦେବୀ

ପିଲାଟିଦିନରୁ ତାଙ୍କର ଥିଲା ସାହିତ୍ୟ ପ୍ରତି ଅନୁରକ୍ତି। ସମୟକ୍ରମେ ସେ ଶିକ୍ଷକତାକୁ ପେସା ଭାବେ ଆଦରି ନେଇଥିଲେ। ହେଲେ ସାହିତ୍ୟ ମାୟାରୁ ନିଜକୁ ମୁକୁଳାଇପାରି ନ ଥିଲେ। କେବଳ ଜଣେ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ନୁହନ୍ତି, ଶିଶୁ କବିତା, ଗଳ୍ପ ବ୍ୟତୀତ ଆଧୁନିକ ସାହିତ୍ୟରେ ନିଜର ଦକ୍ଷତା ଦେଖାଇ ଗଙ୍ଗୋତ୍ରୀ ସାଉଁଟିଛନ୍ତି ଅନେକ ପ୍ରଶଂସା। ପୁରୀ ସହରର ଦୋଳମଣ୍ଡପ ସାହିରେ ଜନ୍ମିତା (ମା' ସରସ୍ୱତୀ ମହାପାତ୍ର, ବାପା ହରିହର ମହାପାତ୍ର) ଏହି ସାହିତ୍ୟିକା ନିଜର ସାରସ୍ୱତ ଜୀବନର ସଫଳତା ପଛରେ ସ୍ୱାମୀ ତଥା ରାଜ୍ୟ ସଚିବାଳୟର ହୋମ୍ ଡିପାର୍ଟମେଣ୍ଟରେ ପ୍ରାଇଭେଟ ସେକ୍ରେଟାରି ଭାବରେ କାର୍ଯ୍ୟରତ ନିରଞ୍ଜନ ଦାଶଙ୍କ ପ୍ରେରଣାକୁ ସର୍ବାଗ୍ରେ ସ୍ମରଣ କରନ୍ତି।

ସାହିତ୍ୟ ପ୍ରତି କାହିଁକି ଆକର୍ଷିତ ହେଲେ ପ୍ରଶ୍ନର ଉତ୍ତରରେ ସେ କୁହନ୍ତି, 'ପରିବାର ହିଁ ପିଲାମାନଙ୍କ ଆଦ୍ୟ ପାଠଶାଳା। ମୋର ଜେଜେମା' ଓ ନନାଙ୍କ ପ୍ରେରଣା ମୋ ଉପରେ ଗଭୀର ଭାବରେ ପଡ଼ିଥିଲା। କୁହାଯାଏ, ସାହିତ୍ୟ ମନୁଷ୍ୟର ଜୀବନ ସହିତ ଗତିଶୀଳ। ଯାହା ମୋର ସାମଗ୍ରିକ ଓ ସାମୂହିକ ହିତ ସାଧନରେ ଘନିଷ୍ଠ ହୋଇପାରିଛି। ଯେପରି ପୁଷ୍ପ ସହିତ ସୁଗନ୍ଧର, ଦେହ ସହ ପ୍ରାଣର ଓ ସାଗର ସହ ଢେଉର ସମ୍ପର୍କ, ସେହିପରି ସାହିତ୍ୟ ପ୍ରତି ମୋର ପ୍ରାଣ। ମୁଁ ବିଭିନ୍ନ ଗଳ୍ପ ଓ କବିତା ଲେଖିଛି। ନାରୀ ଜୀବନର ଗହନ ମନ ତଳର ଗୋପନ କଥା। ଲାଞ୍ଛିତ, ନିଷ୍ପେଷିତ ସେହି ଚରିତ୍ରମାନେ ଯେଉଁମାନଙ୍କର ହୃଦୟ ଅଛି। ଲୁହ ଅଛି। ଆଶା ଅଛି। ଆକାଂକ୍ଷା ବି ଅଛି। ସେମାନଙ୍କୁ ସମାଜ ଆଗରେ ପ୍ରକାଶ କରିବାର ପ୍ରୟାସଟିଏ ମାତ୍ର କରିଛି। ସେହିଭଳି ଅନେକ ରୋମାଣ୍ଟିକ୍ କବିତା ମାଧ୍ୟମରେ ମୋ କବିତ୍ୱର ପରିପ୍ରକାଶ ଘଟିଛି। ସର୍ବୋପରି ପ୍ରତ୍ୟେକ ବର୍ଗର ଲେଖାଭିତରେ ମୁଁ ସେ ସମ୍ବନ୍ଧୀୟ ବାର୍ତ୍ତା ଦେଇଥାଏ। ନିଜକୁ ସେହି ଚରିତ୍ର ଭିତରେ ହଜେଇ ଦେବା ହିଁ ଜଣେ ଲେଖକର ଅନ୍ତର୍ନିହିତ ବାର୍ତ୍ତା ହୋଇଥାଏ।' ତାଙ୍କ ରଚିତ ଗପ, କବିତାକୁ ମିଳିଛି ପାଠକୀୟ ସ୍ୱୀକୃତି। ଛାତ୍ରୀଛାତ୍ରଙ୍କୁ କ'ଣ ଉପଦେଶ ଦେବେ ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ଜଣେ ସମ୍ବେଦନଶୀଳ ଶିକ୍ଷୟିତ୍ରୀ ଭିତରେ ସ୍ନେହଶୀଳା ମା' ମନଟିଏ ଲୁଚି ରହିଥାଏ। ସେହି ଫୁଲ ପରି କଅଁଳ ହୃଦୟର ଶିଶୁମାନଙ୍କ ସହ ନିବିଷ୍ଟ ଭାବରେ ନିଜକୁ ମିଶାଇ ଦେଲେ ସେମାନଙ୍କ ମନର ଆବେଗ ଓ ଉତ୍ସୁକତାକୁ ପରଖି ସେମାନଙ୍କୁ ଏହି ବାର୍ତ୍ତା ଦିଏ ଯେ, ପିଲାମାନେ ଆଗାମୀ କାଲିର ଭବିଷ୍ୟତ ଦାୟାଦ। ଏଣୁ ପିଲାମାନେ ବଡ଼ ମଣିଷ ହେବା ସଙ୍ଗେ ସଙ୍ଗେ ଭଲ ମଣିଷଟିଏ ହେବାକୁ ପ୍ରୟାସ କରିବା ଏକାନ୍ତ ଜରୁରୀ। ପେସା ମୋର ଶିକ୍ଷକତା ହେଲେ ନିଶା ସାହିତ୍ୟ ସାଧନା। ନିକଟରେ 'ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ସୃଷ୍ଟିରେ ବର୍ଣ୍ଣନା ବିଳାସ' ସନ୍ଦର୍ଭ ପାଇଁ ଆମ ରାଜ୍ୟର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ନିକଟରୁ ଡକ୍ଟରେଟ୍ ଉପାଧି ଲାଭ କରିବା ମୁହୂର୍ତ୍ତକୁ ମୁଁ କଦାପି ଭୁଲି ପାରିବି ନାହିଁ।' ଅବସର ସମୟରେ ସେ ନିଜକୁ ଜୀବଜନ୍ତୁଙ୍କ ସେବାରେ ନିୟୋଜିତ ରଖନ୍ତି। 'ଭବିଷ୍ୟତ ତ ଆକାଶ କଇଁଆ। ସାହିତ୍ୟ ସାଧନା ତ ଚାଲିବ। ତଥାପି ଯେତେଦିନ ପର୍ଯ୍ୟନ୍ତ ସଂସାରରେ ଥିବି ପଶୁପକ୍ଷୀଙ୍କ ପାଇଁ କିଛି କରିବାର ଆଶା ରଖିଛି' ବୋଲି କହନ୍ତି ଏହି ସାରସ୍ୱତ ସାଧିକା।

## ସୌନ୍ଦର୍ଯ୍ୟ
# କେଶର ଯତ୍ନ



**ଋତୁ ବଦଳିବା ମାତ୍ରେ ତ୍ୱଚା ଏବଂ କେଶ ଉପରେ ତା'ର ପ୍ରଭାବ ପଡ଼ିଥାଏ। ଖାସ୍ କରି ଖରାଦିନେ କେଶର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

**କେଶକୁ ଘୋଡ଼ାଇ ରଖନ୍ତୁ:** ଖରାଦିନେ ଘରୁ ବାହାରକୁ ଯାଉଥିଲେ କେଶକୁ ସ୍କାର୍ଫ ବା ଷ୍ଟଲ୍ ଦ୍ୱାରା ଘୋଡ଼ାଇ ରଖନ୍ତୁ। ଏହାଦ୍ୱାରା ସୂର୍ଯ୍ୟକିରଣ ପଡ଼ି ନ ଥାଏ। କେଶରେ ଧୂଳି ବି ଜମି ନ ଥାଏ। ଯଦି ଆପଣ ହେଲ୍‌ମେଟ୍ ବ୍ୟବହାର କରୁଛନ୍ତି ତେବେ ପ୍ରଥମେ କଟନ୍ କପଡ଼ାରେ କେଶକୁ ଘୋଡ଼ାଇ ରଖନ୍ତୁ। କାରଣ ହେଲ୍‌ମେଟ୍‌ରେ ଥିବା ସିନ୍ଥେଟିକ୍ କେଶ ପାଇଁ କ୍ଷତିକାରକ।

**ଅଧିକ ଥର ଶାମ୍ପୋ କରନ୍ତୁ ନାହିଁ:** ଲଗାତର ଶାମ୍ପୋ କରିବା ଦ୍ୱାରା କେଶରେ ମହଜୁଦ ଥିବା ପ୍ରାକୃତିକ ତୈଳ ଶେଷ ହୋଇଥାଏ। ଯାହାଦ୍ୱାରା କେଶ ରୁକ୍ଷ ହୋଇଥାଏ। ତେଣୁ ସପ୍ତାହରେ ୨ରୁ ୩ ଥର ଶାମ୍ପୋ କରନ୍ତୁ। ଯଦି ସୁଇମିଂ ପୁଲ୍ କିମ୍ବା ସମୁଦ୍ରକୁ ଗାଧୋଇବାକୁ ଯାଇଛନ୍ତି ତେବେ ଘରକୁ ଫେରି ଆଉଥରେ କେଶକୁ ଶାମ୍ପୋ କରନ୍ତୁ।

**ରୁପି ପାଇଁ ଲେମ୍ବୁ:** ଖରାଦିନେ ଝାଳ ବାହାରି କେଶର ମୂଳରେ ଜମିଥାଏ। ଏହାଦ୍ୱାରା ରୁପି ବା ଇନ୍‌ଫେକ୍ସନ୍ ହେବାର ସମ୍ଭାବନା ରହିଛି। କେଶ ମୂଳରେ ଲେମ୍ବୁ ରସ ଲଗାଇ ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ରୁ ଅଧିକ ଥର ଲେମ୍ବୁ ରସ ଲଗାନ୍ତୁ ନାହିଁ।

**ଡ୍ରାୟର ବ୍ୟବହାର କମ୍ କରନ୍ତୁ:** ଖରାଦିନେ ଡ୍ରାୟରର ବ୍ୟବହାର କମ୍ କରନ୍ତୁ। କାରଣ ଏଥିରୁ ବାହାରୁଥିବା ଗରମ ପବନ କେଶ ପାଇଁ କ୍ଷତିକାରକ। ହେୟାର ଷ୍ଟ୍ରେଟ୍‌ନର ଏବଂ ହେୟାର କର୍ଲ ମେଶିନ୍‌କୁ ଲୋ ଟେମ୍ପରେଚରରେ ବ୍ୟବହାର କରନ୍ତୁ। ଅଧିକ ଟେମ୍ପରେଚରରେ ବ୍ୟବହାର କଲେ କେଶ ଶୀଘ୍ର ଖରାପ ହୋଇଯାଏ। ମୋଟା ଦାନ୍ତ ଥିବା ପାନିଆ ବ୍ୟବହାର କରନ୍ତୁ।

**ମଶ୍ଚରାଇଜର:** ପାଣି, ଏଲୋଭେରା ରସ ଏବଂ ଏବାକାଡ଼ୋ ତେଲକୁ ମିଶାଇ କେଶରେ ଲଗାନ୍ତୁ।



# କୁକିଂ ଟିପ୍ସ



- ❖ରାଜ୍‌ମା କିମ୍ବା ହରଡ଼ ଡାଲି ସିଝାଇବା ବେଳେ ଏଥିରେ ଲୁଣ ପକାନ୍ତୁ ନାହିଁ। ଏହା ଦ୍ୱାରା ଅଧିକ ସିଝିଯାଇଥାଏ। ସିଝିସାରିବା ପରେ ଲୁଣ ପକାନ୍ତୁ।
- ❖ଅଟାରେ ଏକ ଛୋଟ ଚାମଚ ଚିନି ମିଶାଇ ଚକଟିବା ଦ୍ୱାରା ପୁରି ଭଲ ଫୁଲିଥାଏ।
- ❖ଅଟାକୁ ଚକଟି ଫ୍ରିଜ୍‌ରେ ରଖୁଥିଲେ ଏହା ଉପରେ ସାମାନ୍ୟ ଘିଅ ଲଗାଇ ଘୋଡ଼ଣି ଦ୍ୱାରା ବନ୍ଦ କରି ରଖନ୍ତୁ। ଦେଖିବେ ଅଟା ତାଜା ରହିବ।
- ❖ତନ୍ଦୁରି ଚପାତି ନରମ ବନାଇବାକୁ ହେଲେ ଅଟା ଚକଟିବା ବେଳେ ସେଥିରେ ଦହି ଏବଂ ହାଲ୍‌କା ଉଷୁମ ପାଣି ମିଶାନ୍ତୁ।
- ❖ପନିରକୁ ନରମ କରିବାକୁ ହେଲେ ଗରମ ପାଣିରେ ଲୁଣ ପକାଇ ତାକୁ କିଛି ସମୟ ରଖନ୍ତୁ।
- ❖ପିଆଜକୁ ଫ୍ରାଏ କରିବା ସମୟରେ ଏଥିରେ ସାମାନ୍ୟ ଚିନି ପକାଇଲେ ତାହା ଶୀଘ୍ର ବ୍ରାଉନ୍ କଲର ଦେଖାଯାଇଥାଏ।

# ମା' ଓ ଶିଶୁର ସୁରକ୍ଷା ପାଇଁ



ପ୍ରତ୍ୟେକ ଦିନ, ପ୍ରତି ମୁହୂର୍ତ୍ତରେ ଭାରତର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଗର୍ଭ ଜନିତ ତଥା ପ୍ରସବଜନିତ କାରଣରୁ ମହିଳାମାନେ ମୃତ୍ୟୁବରଣ କରିଥାନ୍ତି ଏବଂ ଗୋଟିଏ ମା'ର ମୃତ୍ୟୁ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ସାରା ଦେଶର କ୍ଷତି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୬ ଲକ୍ଷ ମହିଳା ଗର୍ଭଜନିତ ଓ ପ୍ରସବଜନିତ ଜଟିଳତାରୁ ମୃତ୍ୟୁବରଣ କରିଥିବାବେଳେ ଏହାର ଶତକଡ଼ା ୨୦ଭାଗ ମାତୃମୃତ୍ୟୁ କେବଳ ଭାରତରେ ହିଁ ହୋଇଥାଏ। ଲିଙ୍ଗଗତ ବୈଷମ୍ୟତା ଏବଂ ଦାରିଦ୍ର୍ୟ ଏଥିପାଇଁ ଅନେକାଂଶରେ ଦାୟୀ। ମାତୃମୃତ୍ୟୁର ପ୍ରଧାନ କାରଣ ଗୁଡ଼ିକ ହେଉଛି – ପ୍ରସବ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ରକ୍ତସ୍ରାବ, ଅସୁରକ୍ଷିତ ଗର୍ଭପାତ, ସୂତିକାଜ୍ୱର, ବ୍ୟାହତ ପ୍ରସବ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ଓ ଜଟିଳତା, ରକ୍ତହୀନତା, ମ୍ୟାଲେରିଆ, କାମଳ ରୋଗ, ହୃଦ୍‌ରୋଗ ଓ ଗର୍ଭାବସ୍ଥାରେ ମଧୁମେହ ରୋଗ ଇତ୍ୟାଦି। ୨୦ବର୍ଷରୁ କମ୍ ଓ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବହୁଗର୍ଭା ମହିଳା, କମ୍ ବ୍ୟବଧାନରେ ଗର୍ଭଧାରଣ ତଥା ବାରମ୍ବାର ଗର୍ଭପାତ ଆଦି ମାତୃମୃତ୍ୟୁ ହାରର ଅନ୍ୟତମ କାରଣ। ଏହାସହ ହସ୍‌ପିଟାଲରେ ଡେଲିଭରି ନ ହୋଇ ଗାଁ ଗହଳରେ ପ୍ରସବ ହେଉଥିବାରୁ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ଚିକିତ୍ସକଙ୍କ ଅଭାବ ତଥା ଗର୍ଭବତୀଙ୍କୁ ହସ୍‌ପିଟାଲ ନେବା ପାଇଁ ଯାନବାହନର ଅଭାବ, ଏହାର ଅନ୍ୟତମ କାରଣ। ମାତୃମୃତ୍ୟୁ ହାର ଓ ଶିଶୁମୃତ୍ୟୁ ହାର କମାଇବା ପାଇଁ ଗର୍ଭଧାରଣ ପୂର୍ବରୁ, ଗର୍ଭାବସ୍ଥାରେ, ପ୍ରସବ ସମୟରେ ତଥା ପ୍ରସବ ପରେ ଉପଯୁକ୍ତ ପରୀକ୍ଷା, ଯତ୍ନ ଓ ଚିକିତ୍ସା କରିବା ଉଚିତ୍। ପ୍ରତିଗର୍ଭଧାରଣର ପଞ୍ଜୀକରଣ ଓ ଟିକା, ନିୟମିତ ଚେକ୍‌ଅପ୍ ଏବଂ ରକ୍ତ ପରୀକ୍ଷା, ୫ ମାସରେ ଅନ୍ତତଃ ଥରଟିଏ ଅଲ୍‌ଟ୍ରାସାଉଣ୍ଡ ତଥା ଜଟିଳତାର ତୁରନ୍ତ ଚିହ୍ନଟ ଓ ଚିକିତ୍ସା କରିବା ଉଚିତ। ସବୁ ଜଟିଳ ପ୍ରସବ ହସ୍‌ପିଟାଲରେ ବା ରେଫରାଲ ହସ୍‌ପିଟାଲରେ ହେବା ଉଚିତ୍। ଗାଁ ଗହଳିରେ 'ଏମର୍ଜେନ୍ସି ଅବ୍‌ଷ୍ଟେଟ୍ରିକ୍ କେୟାର୍‌ୟୁନିକ୍'ରେ ତାଲିମପ୍ରାପ୍ତ ଡାକ୍ତର, ଧାଈ ଓ ସେବିକାମାନେ ନିଯୁକ୍ତି ପାଇବା ଉଚିତ। ବାରମ୍ବାର ଗର୍ଭଧାରଣ ଓ ଅସୁରକ୍ଷିତ ଗର୍ଭପାତ ଏଡ଼ାଇବା ଦରକାର, ଏଥିପାଇଁ ପରିବାର ନିୟୋଜନ ବ୍ୟବସ୍ଥା କରିବା ଉତ୍ତମ। ସେଥିପାଇଁ ଗାଁଗହଳିରେ ଆଶାକର୍ମୀ ତଥା ସେବିକାମାନେ ତାଲିମ ପାଇବା ଜରୁରୀ। ଗର୍ଭବତୀ ମା' ଓ ଶିଶୁର ସୁରକ୍ଷା ପାଇଁ ବିନା ମୂଲ୍ୟରେ ସମସ୍ତ ପ୍ରକାର ଔଷଧ ବଣ୍ଟନ, ଆବଶ୍ୟକ ପରୀକ୍ଷା, ମା' ପାଇଁ ଖାଦ୍ୟ ବ୍ୟବସ୍ଥା, ଚିକିତ୍ସା ସେବା, ଯାତାୟାତ ପାଇଁ ସୁବିଧା ତଥା ନିରାପଦ ପ୍ରସବ ଓ ପ୍ରସବ ପରବର୍ତ୍ତୀ ମା' ଓ ଶିଶୁର ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ସରକାର ଗ୍ରହଣ କରିବା ଉଚିତ। ଘରେ ପ୍ରସବ ନ କରି ହସ୍‌ପିଟାଲରେ ପ୍ରସବ ପାଇଁ ସଚେତନତା ସୃଷ୍ଟି ହେବା ଜରୁରୀ। ମାତୃମୃତ୍ୟୁ ପରିବାରର ତଥା ସମାଜର ଏକ ଅପୂରଣୀୟ କ୍ଷତି। ଏହାକୁ କମାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତରଫରୁ ନିଆଯାଉଥିବା ପଦକ୍ଷେପମାନ ଯେ ନିଶ୍ଚିତ ଭାବରେ ପ୍ରଶଂସନୀୟ, ଏଥିରେ ସନ୍ଦେହ ନାହିଁ।

*– ଡା. ସରୋଜିନୀ ଷଡ଼ଙ୍ଗୀ*
*ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍ ରୋଡ, କଟକ*
*ମୋ –୯୪୩୭୦୫୫୦୦୭*

## ଖାଦ୍ୟରୁଚି
# ଚକୋଲେଟ୍ ବାନାନା ଆଇସକ୍ରିମ୍

**ଆବଶ୍ୟକ ସାମଗ୍ରୀ**

୨–୩ଟି କଦଳୀ, ୧ କପ୍ ଚକୋଲେଟ୍, କିଛି ଆଇସକ୍ରିମ୍ ଷ୍ଟିକ୍ସ, ଗାର୍ନିସିଂ ପାଇଁ କିଛି ଖୁଆ ଏବଂ କୋରାଯାଇଥିବା ନଡ଼ିଆ।

**ପ୍ରସ୍ତୁତ ପ୍ରଣାଳୀ**

ଷ୍ଟିମରରେ ପାଣି ଗରମ କରନ୍ତୁ। ଏକ ପାତ୍ରରେ ଚକୋଲେଟ୍ ରଖନ୍ତୁ। ଏହାକୁ ଷ୍ଟିମରରେ ରଖନ୍ତୁ ଦେଖିବେ ଏହା ଧୀରେ ଧୀରେ ତରଳୁଛି। ଏବେ କଦଳୀକୁ ଦୁଇ ଫାଳ କରି କାଟନ୍ତୁ। ଏହି କଦଳୀକୁ ଏକ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ଫ୍ରିଜରରେ ରଖନ୍ତୁ। ଏହାକୁ ପାଖାପାଖି ୩–୪ ଘଣ୍ଟା ପାଇଁ ଫ୍ରିଜ୍‌ରେ ରଖି ଦିଅନ୍ତୁ। କଦଳୀ ସାମାନ୍ୟ ଟାଣ ହୋଇଗଲା ପରେ କାଢ଼ନ୍ତୁ। ଏଥିରେ ଆଇସକ୍ରିମ୍‌ର ଷ୍ଟିକ୍ସକୁ ଭଲଭାବେ ଲଗାନ୍ତୁ। ଏବେ କଦଳୀ ଲାଗିଥିବା ଷ୍ଟିକ୍‌ସକୁ ଉଠାଇ ତରଳା ହୋଇଥିବା ଚକୋଲେଟ୍‌ରେ ବୁଡ଼ାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଥିବା ଚକୋଲେଟ୍ ବାନାନା। ଷ୍ଟିକ୍‌ସକୁ ଫ୍ରିଜ୍‌ରେ ୩–୪ ଘଣ୍ଟା ପାଇଁ ଆଇସକ୍ରିମ୍ ରୂପେ ବସିବାକୁ ଛାଡ଼ି ଦିଅନ୍ତୁ। ଏହା ଟାଣ ହୋଇଗଲା ପରେ ତା' ଉପରେ ଖୁଆ ଏବଂ ନଡ଼ିଆକୋରା ଗାର୍ନିସ୍ କରି ସର୍ଭ କରନ୍ତୁ।



ଡ୍ରାଇଭରଙ୍କ ଶସକ୍ତିକରଣ ଏବଂ ଉନ୍ନତିକୁ ଧ୍ୟାନରେ ରଖି ନୂଆ ସମର୍ଥ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
– ଗିରିଶ ୱାଘ, ସଭାପତି, ଟାଟା ମୋଟର୍ସ



ବାସଗୃହ ଇଏମ୍‌ଆଇକୁ ସୁଲଭ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି।
– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ଆଇଟିଆର୍-ସେବା କର ରିଟର୍ନରେ ଅମେଳ ଯାଞ୍ଚ କରିବ ଆୟକର ବିଭାଗ

ନୂଆଦିଲ୍ଲୀ,୮-୪: ଆୟକର ରିଟର୍ନ ଏବଂ ସେବା କର ରିଟର୍ନରେ ଦେଖାଦେଇଥିବା ଅମେଳର ଯାଞ୍ଚ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ଆୟକର ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ ଅଧ୍ୟକ୍ଷ ପି.କେ.ଦାସ କହିଛନ୍ତି ଆୟକର ବିଭାଗକୁ ପତ୍ର ଲେଖି ୨୦୧୫-୧୬ ଏବଂ ୨୦୧୬-୧୭ ମଧ୍ୟରେ କାରବାରକୁ ଦୃଷ୍ଟିରେ ରଖି ଉକ୍ତ ଅମେଳର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତ୍ରରେ କୁହାଯାଇଛି ଯେ, ସେବା କାରବାର(ଆଇଟିଆର୍/ଟିଡିଏସ୍) ଡାଟା ଏବଂ ୨୦୧୫-୧୬ରେ ଦର୍ଶାଯାଇଥିବା ସର୍ଭିସ ଟ୍ୟାକ୍ସ ରିଟର୍ନ ମଧ୍ୟରେ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କାର ପାର୍ଥକ୍ୟ ରହିଛି। ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ମଧ୍ୟ ଏଭଳି ଅମେଳ ରହିଥିବା ପରିଲକ୍ଷିତ ହୋଇଛି। ଏଭଳି ଫାଙ୍କ ଯୋଗୁ ଟିକସ ଫାଙ୍କି ହୋଇଥିବାର ମନେ କରାଯାଉଥିବାର ଡାଟାର ଯାଞ୍ଚ ନିହାତି ଜରୁରୀ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଥାଉ କି, ୨୦୧୬-୧୭ରେ ସେବା ଟିକସ ବାବଦରେ ୨.୫୪ ଲକ୍ଷ କୋଟି ଟଙ୍କା ଏବଂ ୨୦୧୫-୧୬ରେ ୨.୧୧ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଥିଲା।

### ଅନିଲ ଅମ୍ବାନୀ ମାମଲା ସୁପ୍ରିମକୋର୍ଟଙ୍କ ୨ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୮-୪: ଦିଲ୍ଲୀ ପୋଲିସ ସୁପ୍ରିମକୋର୍ଟର ୨ ଜଣ ପୂର୍ବତନ ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ରିଲାଏନ୍ସ କମ୍ୟୁନିକେଶନ ମୁଖ୍ୟ ଅନିଲ ଅମ୍ବାନୀଙ୍କ ବିରୋଧରେ ଏରିକସନ ଦ୍ୱାରା ଆଗତ ଅଦାଲତ ଅବମାନନା ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ବଦଳାଇ ଦେଇଥିବା ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟ ଦ୍ୱାରା ବହିଷ୍କୃତ ହୋଇ ଗିରଫ ହୋଇଥିବା ୨ ଅଧିକାରୀ ହେଲେ ତପନ ଚକ୍ରବର୍ତ୍ତୀ ଏବଂ ମାନବ ଶର୍ମା। ସେମାନଙ୍କୁ ଜେରା କରାଯିବା ପରେ ଅଦାଲତରେ ହାଜର କରାଯାଇଥିଲା ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ଏ ନେଇ ଦିଲ୍ଲୀ ପୋଲିସ ପକ୍ଷରୁ କିଛି କୁହାଯାଇନାହିଁ। ତଦନ୍ତ ଚାଲୁଥିବାରୁ ଏନେଇ କିଛି କହିହେବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

### ୨୮୧ କୋଟିର ସ୍ପେକ୍ଟ୍ରମ ଦେୟ ଦେଇପାରିଲାନି ଆର୍‌କମ୍

ନୂଆଦିଲ୍ଲୀ,୮-୪: ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) କେନ୍ଦ୍ର ସରକାରଙ୍କ ଅଧୀନ ଟେଲିକମ୍ ବିଭାଗ(ଡିଓଟି)କୁ ଏହାର ସ୍ପେକ୍ଟ୍ରମ ଦେୟ ବାବଦରେ ୨୮୧ କୋଟି ଟଙ୍କା ଦେବାରେ ବ୍ୟର୍ଥ ହୋଇଛନ୍ତି। ଗତ ୫ ତାରିଖରେ ଏହି ଦେୟ ପ୍ରଦାନର ଶେଷ ତାରିଖ ଥିଲା। ତେବେ ଏ ନେଇ ଆପେଲାଟ ଟ୍ରିବ୍ୟୁନାଲରେ ଏକ ମାମଲା ଚାଲୁଥିବାରୁ ଡିଓଟି ସ୍ପେକ୍ଟ୍ରମ ପ୍ରତ୍ୟାହାର କରିବ ନାହିଁ ବୋଲି ଆର୍‌କମ୍ ମାଲିକ ଅନିଲ ଅମ୍ବାନୀ ଆଶାବାନ୍ଧିଛନ୍ତି। ଡିଓଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆର୍‌କମ୍ ଦ୍ୱିତୀୟ ଥର ପାଇଁ ସ୍ପେକ୍ଟ୍ରମ ଦେୟ ପ୍ରଦାନ କରିବାରେ ବିଫଳ ହୋଇଛି। କୋର୍ଟ ରାୟକୁ ଅପେକ୍ଷା କରାଯାଉଛି। ଆବଶ୍ୟକ ପଡିଲେ ରାୟକୁ ଚ୍ୟାଲେଞ୍ଜ କରାଯିବ, ନଚେତ୍ ଆର୍‌କମ୍‌ଠାରୁ ବକେୟା ଆଦାୟ ଲାଗି ବିକଳ୍ପ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ନିକଟରେ ଡିଓଟି ଆର୍‌କମ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ବେଳେ ଏହା ଉପରେ ଆପେଲାଟ ଟ୍ରିବ୍ୟୁନାଲ ରହିତାଦେଶ ଜାରି କରିଥିଲେ।

### ତେଲ ବ୍ଲକ ଲାଗି ବିଡ୍ ଦାଖଲ ସମୟସୀମା ମେ ୧୫ ପର୍ଯ୍ୟନ୍ତ ବୃଦ୍ଧି

ନୂଆଦିଲ୍ଲୀ,୮-୪: କେନ୍ଦ୍ର ସରକାର ଖୋଲା ଲାଇସେନ୍ସ ନୀତି(ଓଏଲ୍‌ପି) ଅଧୀନରେ ଉପସ୍ଥାପିତ ତୈଳ ଏବଂ ଗ୍ୟାସ୍ ବ୍ଲକ୍ ଲାଗି ବିଡ୍ ପ୍ରକ୍ରିୟା ସମୟସୀମାକୁ ମେ’ ୧୫ ଯାଏ ବୃଦ୍ଧି କରିଛନ୍ତି। ଓଏଲ୍‌ପିର ଦ୍ୱିତୀୟ ତଥା ତୃତୀୟ ପର୍ଯ୍ୟାୟ ବିଡ୍ ଲାଗି ଚଳିତ ମାସ ୧୦ ଯାଏ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ତେବେ ଏହାକୁ ବଢ଼ାଇ ଦିଆଯାଇଛି। ଏଥିପୂର୍ବରୁ ଗତବର୍ଷ ଜାରି କରାଯାଇଥିବା ଓଏଲ୍‌ପିର ପ୍ରଥମ ପର୍ଯ୍ୟାୟରେ ଉପସ୍ଥାପିତ ୫୫ ବ୍ଲକ୍ ଲାଗି ୬୦ ହଜାର କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଥିଲା।

# ଏବେ ମୁକେଶଙ୍କ ଲକ୍ଷ୍ୟ ରିୟଲ ଇଷ୍ଟେଟ



- ନଭି ମୁମ୍ବାଇରେ ତିଆରି ହେବ ମେଗାସିଟି
- ୫ଲକ୍ଷ ଲୋକ ବସବାସ କରିପାରିବେ
- ବହୁ କମ୍ପାନୀ ପ୍ରତିଷ୍ଠା ହୋଇପାରିବ
- ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ହାତରେ ରହିବ ପରିଚାଳନା କ୍ଷମତା
- ଧିରୁଭାଇ ଅମ୍ବାନୀ ଦେଖିଥିଲେ ସ୍ୱପ୍ନ

ମୁମ୍ବାଇ,୮-୪

ବିଶ୍ୱର ୧୩ତମ ସର୍ବବୃହତ ଧନଶାଳୀ ବ୍ୟକ୍ତି ମୁକେଶ ଅମ୍ବାନୀ ରିଲାଏନ୍ସ ଜିଓ ମାଧ୍ୟମରେ ଟେଲିକମ କ୍ଷେତ୍ରକୁ ସମ୍ପୂର୍ଣ୍ଣ ବଦଳାଇ ଦେବା ପରେ ଏବେ ରିୟଲ ଇଷ୍ଟେଟ କ୍ଷେତ୍ରରେ ସେଭଳି ଏକ ଧମାକା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍‌ଆଇଏଲ) ନଭି ମୁମ୍ବାଇରେ ଏକ ବିଶ୍ୱସ୍ତରୀୟ ମେଗାସିଟି ନିର୍ମାଣ କରିବାକୁ ଯାଉଛନ୍ତି। ଏଥିପାଇଁ ବ୍ଲୁପ୍ରିଣ୍ଟ ପ୍ରାୟ ତିଆରି ସରିଛି। ରିଲାଏନ୍ସ ଗ୍ରୁପ୍‌ର ଏହି ମେଗାସିଟି ଏପରି ବିଶାଳ ଯେ, ଯାହାର ପ୍ରତ୍ୟେକ ଅଂଶ ଗୋଟିଏ ଲେଖାଏ ବୃହତ ପ୍ରକଳ୍ପ ସହ ତୁଳନା କରାଯାଇପାରେ। ଆସନ୍ତା ଏକ ଦଶନ୍ଧିରେ ଏହି ପ୍ରକଳ୍ପରେ ପ୍ରାୟ ୭୫ ବିଲିୟନ ଡଲାର ନିବେଶ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରକଳ୍ପକୁ ସ୍ୱତନ୍ତ୍ର ଯୋଜନା ପ୍ରାଧିକରଣରୁ ମଞ୍ଜୁରୀ ମିଳିସାରିଛି। ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏହି ମେଗାସିଟି ନିର୍ମାଣ କରିବା ସହ ଏହାର ପ୍ରଶାସନ ମଧ୍ୟ ନିଜ ହାତରେ ରଖିବ। ଏହି ପ୍ରକଳ୍ପ ଲାଗି ତିଆରି କରାଯାଇଥିବା ସ୍ୱତନ୍ତ୍ର କମ୍ପାନୀ ନଭି ମୁମ୍ବାଇ ସ୍ପେଶାଲ ଇକୋନୋମିକ ଜୋନ୍(ଏନ୍‌ଏମ୍‌ଏସ୍‌ଇଜେଡ୍) ୪୩୦୦ ଏକର ଜମି ଇତିମଧ୍ୟରେ ଅଧିଗ୍ରହଣ କରିସାରିଛି। ଏହି ଜମି ଜବାହର ଲାଲ ନେହରୁ ପୋର୍ଟ ଟ୍ରଷ୍ଟ ଏବଂ ନିର୍ମାଣାଧୀନ ବିମାନ ବନ୍ଦର ନିକଟରେ ରହିଛି। ଗତ ୭ରେ ଆର୍‌ଆଇଏଲ ଏକ ସହଯୋଗୀ କମ୍ପାନୀ ଜରିଆରେ ଏନ୍‌ଏମ୍‌ଏସ୍‌ଇଜେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ତଦନୁଯାୟୀ, ୨୧୮୦ କୋଟି ଟଙ୍କାର ପ୍ରାରମ୍ଭିକ ଅର୍ଥ ଯୋଗାଣ ମାଧ୍ୟମରେ ଜମି ପଟ୍ଟା ଓ ଏହାର ବିକାଶ ଲାଗି ଅଧିକାର ମିଳିଯାଇଛି। ଏହି ପ୍ରକଳ୍ପ ସହ ଜଡ଼ିତ ଜଣେ ବ୍ୟକ୍ତି କହିଛନ୍ତି ଯେ, ଏହା ସହର ଢାଞ୍ଚାଗତ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ପ୍ରଥମଥର କୌଣସି ଘରୋଇ କମ୍ପାନୀ ଏଭଳି ଏକ ଯୋଜନାରେ ସାମିଲ ହେବାକୁ ଯାଉଛି। ସିଙ୍ଗାପୁର ଢାଞ୍ଚାରେ ଅମ୍ବାନୀଙ୍କ ମେଗାସିଟି ନିର୍ମାଣ କରାଯିବ। ଏଥିରେ ବିମାନ ବନ୍ଦର, ବନ୍ଦର ତଥା ସି-ଲିଙ୍କ କନେକ୍ଟିଭିଟି ରହିବ। ଏଥିରେ ୫ ଲକ୍ଷରୁ ଅଧିକ ଅଧିବାସୀ ରହିପାରିବେ। ଖାଲି ଏତିକି ନୁହେଁ ଏଥିରେ ହଜାର ହଜାର ସଂଖ୍ୟାରେ କମ୍ପାନୀ ସ୍ଥାପନ କରାଯାଇପାରିବ। ମୁକେଶ ଅମ୍ବାନୀ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ବ୍ୟାପକ ସ୍ତରରେ ଲଞ୍ଚ କରିପାରନ୍ତି, ଯାହାକି ପୂର୍ବରୁ କେବେ ହୋଇ ନ ଥିଲା। ବିଶେଷଜ୍ଞଙ୍କ କହିବାନୁଯାୟୀ ରିଲାଏନ୍ସ ଜିଓ ଲଞ୍ଚ କରି ଟେଲିକମ କ୍ଷେତ୍ରର ଛବିକୁ ବଦଳାଇ ଦେଇଥିବା ମୁକେଶ ଏହି ମେଗାସିଟି ମାଧ୍ୟମରେ ରିୟଲ ଇଷ୍ଟେଟ ଦୁନିଆରେ ବିରାଟ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ମୋଟରେ କହିବାକୁ ଗଲେ ଅମ୍ବାନୀଙ୍କ ଏହି ପ୍ରକଳ୍ପ ଭାରତରେ ରିଏଲ ଇଷ୍ଟେଟ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଲେଖିବ। ବିଶ୍ଳେଷକଙ୍କ କହିବାନୁଯାୟୀ, ଏହି ମେଗାସିଟି ନିର୍ମାଣ ପରେ ମୁମ୍ବାଇରେ ଛବି ସମ୍ପୂର୍ଣ୍ଣ ବଦଳିଯିବ। ଲୋକମାନେ ନୂଆ ସହରମୁହା ହେବେ, କାରଣ ମୁମ୍ବାଇ ତୁଳନାରେ ଏଠାରେ ଘର ଦାମ ଅନେକ କମ ରହିବ। ଉଲ୍ଲେଖଥାଉ କି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ଧିରୁଭାଇ ଅମ୍ବାନୀ ମୁମ୍ବାଇରେ ଏକ ବିଶ୍ୱସ୍ତରୀୟ ସହର ନିର୍ମାଣ କରିବାର ଚିନ୍ତାଧାରା ଆଣିଥିଲେ। ଦକ୍ଷିଣ ମୁମ୍ବାଇକୁ ସଡ଼କ ମାର୍ଗରେ ନଭି ମୁମ୍ବାଇକୁ ଯୋଡିବାକୁ ସେ ଯୋଜନା କରିଥିଲେ। ସେ ଅଶୀ ଦଶକରେ ଏଭଳି ପ୍ରକଳ୍ପ ସମ୍ପର୍କରେ ବିଚାର କରିଥିଲେ। ଅମ୍ବାନୀଙ୍କ ଏହି ପ୍ରକଳ୍ପ ସାକାର ରୂପ ନେଲେ ମୁମ୍ବାଇରେ ବୃଦ୍ଧି ପାଉଥିବା ଭିଡ଼ ଅନେକାଂଶରେ କମିଯିବ। ଏନ୍‌ଏମ୍‌ଏସ୍‌ଇଜେଡ୍‌କୁ ମୁକେଶ ଅମ୍ବାନୀ, ଜୟ କର୍ପ ଇଣ୍ଡିଆ, ସ୍କିଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ଏବଂ ସିଟି ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ କର୍ପ(ସିଡ୍‌କୋ) ପ୍ରମୋଟ କରିବେ। ଏଥିରେ ସିଡ୍‌କୋର ୨୬% ଅଂଶଧନ ରହିବ ଏବଂ ଅବଶିଷ୍ଟ ଅଂଶଧନ ଆନନ୍ଦ ଜୈନଙ୍କ ଜୟ କର୍ପ ଏବଂ ନିଖିଲ ଗାନ୍ଧୀଙ୍କ ସ୍କିଲ ଇନଫ୍ରାଷ୍ଟ୍ରକ୍ଚର ପାଇବେ।

■ ମାଲ୍ୟାଙ୍କୁ ହାଇକୋର୍ଟ ଝଟ୍‌କା

# ପ୍ରତ୍ୟର୍ପଣ ରୋକିବା ମାମଲା ଖାରଜ



ବିଜୟ ମାଲ୍ୟା

ଲଣ୍ଡନ,୮-୪

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବ୍ରିଟେନ ହାଇକୋର୍ଟରୁ ଜୋର୍‌ଦାର ଝଟକା ଲାଗିଛି। ଭାରତକୁ ପ୍ରତ୍ୟର୍ପଣ ରୋକିବା ଲାଗି ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତାଙ୍କୁ ଏପ୍ରିଲ ୧୨ ତାରିଖ ପୂର୍ବରୁ ପୁନର୍ବାର ଅପିଲ କରିବାକୁ ସୁଯୋଗ ମିଳିବ। ପଳାତକ ମଦ ବ୍ୟବସାୟୀ ହାଇକୋର୍ଟରେ ଦାଖଲ କରିଥିବା ଅପିଲରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ ନ କରାଯିବାକୁ ଅନୁରୋଧ କରିଥିଲେ। ପୂର୍ବରୁ ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ବ୍ରିଟେନର ଆଇନାନୁଯାୟୀ ଗୃହ ସଚିବ ସାଜିଦ ଜାଭିଦ ଏହାକୁ ଅନୁମୋଦନ କରିଥିଲେ। ତେବେ ଏହାକୁ ମାଲ୍ୟା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବ୍ରିଟେନ ନ୍ୟାୟପାଳିକା ମୁଖପାତ୍ର କହିଛନ୍ତିଯେ, ବିଚାରପତି ୱିଲିୟମ ଡେଭିସ୍ ମାଲ୍ୟାଙ୍କ ଆବେଦନକୁ ଅସ୍ୱୀକାର କରିବା ସହ ତାଙ୍କୁ ମୌଖିକ ରୂପରେ ମାମଲାର ବିଚାର ଲାଗି ପୁନର୍ବାର ଅପିଲ କରିବାକୁ ସୁଯୋଗ ଦେଇଛନ୍ତି। ଏଥିପାଇଁ ତାଙ୍କୁ ଆଉ ୫ ଦିନ ସମୟ ମିଳିବ। ସେ ଯଦି ପୁନର୍ବାର ଆବେଦନ କରନ୍ତି, ତେବେ ହାଇକୋର୍ଟ ବିଚାରପତିଙ୍କ ନିକଟରେ ଏହାକୁ ତାଲିକାଭୁକ୍ତ କରାଯିବ ଏବଂ ଶୁଣାଣି ବେଳେ ଏହା ଉପରେ ନିଷ୍ପତ୍ତି ନିଆଯିବ। ଜଣିକିଆ ଖଣ୍ଡପୀଠ ସମ୍ମୁଖରେ ଆବେଦନର ଶୁଣାଣି ସମୟରେ ମାଲ୍ୟାଙ୍କ ପକ୍ଷରୁ ତାଙ୍କର ଓକିଲ ଓ ଭାରତ ପକ୍ଷରୁ କ୍ରାଉନ ପ୍ରୋସିକ୍ୟୁଶନ ସର୍ଭିସ ଉପସ୍ଥିତ ରହିବେ। ଏହାର ଅର୍ଥ ମାମଲାରେ ଅପିଲ ପ୍ରକ୍ରିୟା ଶେଷ ହୋଇ ନାହିଁ। ଉଲ୍ଲେଖଥାଉ କି, ମାମଲା ପରିଚାଳନା କରିବା ଲାଗି ବିଳାସବ୍ୟସନ ବାବଦରେ ହେଉଥିବା ଖର୍ଚ୍ଚକୁ କମାଇବା ଲାଗି ରାଜି ଥିବା ମାଲ୍ୟା ଅନ୍ୟ ଏକ ମାମଲାରେ ସ୍ଥାନୀୟ ଅଦାଲତରେ କହିଥିଲେ। ବନ୍ଦ ହୋଇଯାଇଥିବା କିଙ୍ଗଫିଶର ଏୟାରଲାଇନ୍ସ ପାଇଁ ମାଲ୍ୟା ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିଲେ ବୋଲି ଅଭିଯୋଗ ହୋଇଛି।

# ଅଭିବୃଦ୍ଧି ୭.୫% ଛୁଇଁପାରେ:ବିଶ୍ୱ ବ୍ୟାଙ୍କ

ୱାଂଶିଟନ,୮-୪

୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୭.୫% ଛୁଇଁବା ନେଇ ଆଶା କରାଯାଉଛି। ଦେଶ ମଧ୍ୟରେ ଦୃଢ଼ ନିବେଶ ଧାରା, ରପ୍ତାନିରେ ଉନ୍ନତି ଏବଂ ଚାହିଦା ବଢ଼ିବା ଯୋଗୁ ଏହା ଅର୍ଥନୀତି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଥିବା ବିଶ୍ୱ ବ୍ୟାଙ୍କ ସୋମବାର ସୂଚନା ଦେଇଛି। ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ୭.୨% ରହିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଜାରି ହୋଇଥିବା ଦକ୍ଷିଣ ଏସିଆର ସଦ୍ୟତମ ରିପୋର୍ଟରେ ଏହା ଉଲ୍ଲେଖ କରିଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ପକ୍ଷରୁ ସ୍ପ୍ରିଙ୍ଗ ବୈଠକ ହେବାକୁ ଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି।

ପ୍ରଥମ ୩ଟି ତ୍ରୈମାସର ଡାଟାରେ ଅଭିବୃଦ୍ଧିଧାରା ବ୍ୟାପକ ହେଉଥିବା କୁହାଯାଇଛି। ଶିଳ୍ପ ଅଭିବୃଦ୍ଧିରେ ଉନ୍ନତି ହେବା ସହ ଏହା ୭.୯% ରହିଛି। ଏହି ସମୟରେ ସେବା କ୍ଷେତ୍ର ଅଭିବୃଦ୍ଧି ଏହା ପଛକୁ ପକାଇ ଦେଇଛି। ସେହିଭଳି କୃଷି କ୍ଷେତ୍ର ଅଭିବୃଦ୍ଧି ୪% ରହିଛି। ଏହି ସମୟର ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏହି ଧାରାକୁ ପ୍ରୋତ୍ସାହିତ କରୁଥିବା ବିଶ୍ୱ ବ୍ୟାଙ୍କ କହିଛି। ସେହିଭଳି ଚଳନ୍ତି ଖାତା ନିୟଣ୍ଟ ଏବଂ ବିତ୍ତୀୟ ନିୟଣ୍ଟ ହ୍ରାସ ହେବା ନେଇ ଆଶା ପ୍ରକଟ କରିଛି। ରପ୍ତାନି ବୃଦ୍ଧି ଏବଂ ତୈଳ ଦର ହ୍ରାସ ଦେଶର ଚଳନ୍ତି ଖାତା ନିୟଣ୍ଟକୁ ମୋଟ ଜିଡିପିର ୧.୯କୁ ହ୍ରାସ କରିବ। ମାତ୍ର ୨୦୧୮-୧୯ରେ ଚଳନ୍ତି ଖାତା ନିୟଣ୍ଟ ବୃଦ୍ଧି ହୋଇଥିବା ଏହା ଦର୍ଶାଇଛି। ଗତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଭାରତ ବଜାର ବିଶ୍ୱ ବଜାରର ବିଭିନ୍ନ ପ୍ରତିକୂଳ ସ୍ଥିତିଯୋଗୁ ପ୍ରଭାବିତ ହୋଇଥିବା ବିଶ୍ୱ ବ୍ୟାଙ୍କ କହିଛି।

## ଉତ୍ପାଦନରେ ସେଲ୍‌ର ରେକର୍ଡ

ଭୁବନେଶ୍ୱର,୮-୪

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ) ମାର୍ଚ୍ଚ୩୧ ସୁଦ୍ଧା ଅଶୋଧିତ ଇସ୍ପାତ ଉତ୍ପାଦନରେ ରେକର୍ଡ ହାସଲ କରିଛି। ଏହି ବର୍ଷରେ କମ୍ପାନୀର ଉତ୍ପାଦନ ୮% ବୃଦ୍ଧି ଘଟି ୧୬.୩ ନିୟୁତ ଟନ୍ ଛୁଇଁଛି। କମ୍ପାନୀ ୨୦୧୭-୧୮ରେ ୧୫.୦୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିଥିଲା। ଏହା ସେଲ ଲାଗି ଏକ ସ୍ମରଣୀୟ ବର୍ଷ ବୋଲି ସେଲ୍‌ର ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀ କହିଛନ୍ତି।

# ଅଟୋ ଯନ୍ତ୍ରାଂଶରୁ ଜିଏସ୍‌ଟି ହ୍ରାସ ଦାବି

ନୂଆଦିଲ୍ଲୀ,୮-୪

ଅଟୋମୋବାଇଲ ଯନ୍ତ୍ରାଂଶ ଉପରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)କୁ ୨୮%ରୁ ୧୮%କୁ ହ୍ରାସ କରିବା ଲାଗି ଶିଳ୍ପ ଜଗତ ପକ୍ଷରୁ ଦାବି ହୋଇଛି। ଉଭୟ ଯାତ୍ରୀବାହୀ ଯାନ ଏବଂ ବାଣିଜ୍ୟିକ ଯାନର ଯନ୍ତ୍ରାଂଶ ଉପରେ ଜିଏସ୍‌ଟି କମାଇବା ଲାଗି ସରକାରଙ୍କ ନିକଟରେ ଶିଳ୍ପ ଦାବି ଜଣାଇଛି। ନିର୍ଗମନ ଏବଂ ନିରାପତ୍ତା ଆଇନ କାର୍ଯ୍ୟକାରୀ କରାଇବାକୁ ଯାଇ ସଂସ୍ଥାଗୁଡ଼ିକ ଉପରୋକ୍ତ ବର୍ଗଗୁଡ଼ିକ ଉପରେ ୧୦ରୁ ୧୫% ମୂଲ୍ୟ ବଢ଼ାଇବେ ବୋଲି ଅନୁମାନ କରାଯାଉଛି। ସରକାର ଟିକସ ହ୍ରାସ କଲେ ଏହା ଶିଳ୍ପଗୁଡ଼ିକ ଲାଭକାରି ସାବ୍ୟସ୍ତ ହେବ ବୋଲି ଶିଳ୍ପ ଜଗତ ପକ୍ଷରୁ ମତ ପ୍ରକାଶ ପାଇଛି। ମୂଲ୍ୟ ବଢ଼ିଲେ ପ୍ରଡକ୍ଟଗୁଡ଼ିକର ଚାହିଦା ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ଅଟୋମୋବାଇଲ ଶିଳ୍ପ ୨୮% ଜିଏସ୍‌ଟି ବାଦ ୧-୧୫% ପର୍ଯ୍ୟନ୍ତ ଅତିରିକ୍ତ ସେସ୍ ପ୍ରଦାନ କରୁଛି। ଯାନର ବର୍ଗ, ଓସାର ଏବଂ ଲମ୍ବ ଆଧାରରେ ଏହି ସେସ୍ ଲାଗୁ କରାଯାଉଛି। ୨୦୨୦ ଏପ୍ରିଲ ପହିଲାରୁ ବିଏସ୍ -୪ ମାନକ ଲାଗୁ ହେଉଥିବା ବେଳେ ଏହା ଦ୍ୱାରା କମ୍ପାନୀଗୁଡ଼ିକ ଅତିରିକ୍ତ ଖର୍ଚ୍ଚ କରିବେ। ଏହି ପ୍ରସଙ୍ଗକୁ ସରକାର ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟ ଅଟୋମୋବାଇଲ ସଂଘର ସଭାପତି ରାଜନ ୱାଧେରା କହିଛନ୍ତି।

# ଆଇଟି କମ୍ପାନୀଙ୍କ ଆୟ ଉପରେ ଟ୍ରମ୍ପ ପ୍ରଭାବ

ନୂଆଦିଲ୍ଲୀ,୮-୪

ଦେଶର ୫ ପ୍ରମୁଖ ଆଇଟି କମ୍ପାନୀଙ୍କ ଆୟ ୨୦୧୮-୧୯ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ବୃଦ୍ଧି ଘଟି ପାରେ। ମାତ୍ର କମ୍ପାନୀଗୁଡ଼ିକର ମୋଟ ଲାଭ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଭାବ ପଡିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଟ୍ରମ୍ପ ଆଣିଥିବା ‘ବାଏ ଆମେରିକାନ ହାୟର ଆମେରିକାନ’ ନୀତି ଭାରତୀୟ ଆଇଟି ସଂସ୍ଥାଗୁଡ଼ିକର ଆୟକୁ ପ୍ରଭାବିତକ କରିବ ବୋଲି ସୂଚନା ରହିଛି। ଆମେରିକା ଏବଂ ୟୁରୋପ ବଜାରରେ ଏହି କମ୍ପାନୀଗୁଡିକୁ ସେଠାକାର କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ପଡୁଛି। ଏହା ଦ୍ୱାରା କମ୍ପାନୀଗୁଡିକ ଅଧିକ ଖର୍ଚ୍ଚ କରୁଛନ୍ତି। ଯେଉଁ କ୍ଷେତ୍ରରେ କର୍ମଚାରୀମାନଙ୍କର ଅଭାବ ରହିଛି ସବକଣ୍ଟ୍ରାକ୍ଟରଙ୍କୁ ନିଯୁକ୍ତ କରିବାକୁ ପଡୁଛି। ଏହା ବାଦ ବିଦେଶୀ କ୍ଲାଏଣ୍ଟଙ୍କୁ ବାନ୍ଧି ରଖିବା ଲାଗି କମ୍ପାନୀଗୁଡିକ ଭାରତରେ ସେମାନଙ୍କ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଲାଗି ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ବିଦେଶରେ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀଗୁଡିକର ଲାଭ ପ୍ରଭାବିତ ହେଉଥିବା କୋଟାକ ଇନଷ୍ଟିଚ୍ୟୁଶନାଲ ସିକ୍ୟୁରିଟିଜର ଆନାଲିଷ୍ଟ କବଲଜିତ ସାଲୁଜା କହିଛନ୍ତି।

## ଆମଓ୍ୱେ ଇଣ୍ଡିଆର ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର,୮-୪

ଆମଓ୍ୱେ ଇଣ୍ଡିଆ ପକ୍ଷରୁ ଦେଶର ୧୪ଟି ସ୍ଥାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଉପେକ୍ଷିତ ବର୍ଗର ପିଲାମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଣ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ ପୋଷଣ ଜ୍ଞାନ, ବ୍ୟବସ୍ଥାରେ ଉନ୍ନତି,ପରିମଳ ବ୍ୟବସ୍ଥା, ନିତି ନିଦିଆ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଭୁବନେଶ୍ୱରର ପଲ୍ଲି ଉନ୍ନୟନ ସେବା ସମିତିଠାରେ ଏଭଳି ଏକ ଶିବିର ଆୟୋଜନ କରାଯାଇଛି। ଏଭଳି ଅଭିଯାନ ଜରିଆରେ ସୁସ୍ଥକର ଜୀବନ ଯାପନ ଉପରେ ଗୁରୁତ୍ୱ ଦେଉଛୁ ବୋଲି ଆମଓ୍ୱେ ଇଣ୍ଡିଆର ଉପସଭାପତି ଚନ୍ଦ୍ରା ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

# ସାମ୍‌ସଙ୍ଗ ଆଣିଲା ଟ୍ରିପଲ ଇନଭର୍ଟର ଏସି

ଭୁବନେଶ୍ୱର,୮-୪

ସାମସଙ୍ଗ ପକ୍ଷରୁ ଟ୍ରିପଲ ଇନଭର୍ଟର ଏସି ବଜାରକୁ ଆସିଛି। ଏଥିରେ ଗ୍ରାହକ ଶକ୍ତି ସଞ୍ଚୟ ବୈଶିଷ୍ଟ୍ୟ ଲାଭ କରି ପାରିବେ। ଏହା ବାଦ ଦ୍ରୁତତର କୁଲିଂ ଏବଂ ସର୍ବାଧିକ ୪୫% ପର୍ଯ୍ୟନ୍ତ ଏହା ଠିକ୍ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଏ। ଆକର୍ଷଣୀୟ ୱାରେଣ୍ଟି ଯୋଜନା ଦ୍ୱାରା ଗ୍ରାହକମାନେ ସିଧାସଳଖ ଲାଭବାନ ହୋଇ ପାରିବେ ବୋଲି ସାମସଙ୍ଗ ପକ୍ଷରୁ ସୂଚନା ରହିଛି। ଏଥିରେ ଗ୍ରାହକଙ୍କୁ ୫ ବର୍ଷ ପାଇଁ ଅସୀମିତ ଗ୍ୟାସ ରିଚାର୍ଜ ସୁବିଧା ମାଗଣାରେ ଉପଲବ୍ଧ ହେବ ବୋଲି ଏହାର ବଜାର ପ୍ରବେଶ କରାଇ ଡେପୁଟି ଜେନେରାଲ ମ୍ୟାନେଜର ଅଙ୍କୁର କପୁର ସୂଚନା ଦେଇଛନ୍ତି।

# ପାକିସ୍ତାନଠାରୁ ଭାରତ ନିକଟରେ ୧୦ଗୁଣା ସୁନା



ନୂଆଦିଲ୍ଲୀ,୮-୪

ସୁନା ପ୍ରତି ଭାରତୀୟଙ୍କ ଦୁର୍ବଳତା ସର୍ବଜନବିଦିତ। ଏହି କାରଣରୁ ଦେଶର ଗଚ୍ଛିତ ସୁନାର ପରିମାଣ ଏବେ ୬୦୭ ଟନ ରହିଛି,ଯାହାକି ପଡୋଶୀ ପାକିସ୍ତାନଠାରୁ ପ୍ରାୟ ୧୦ଗୁଣା ଅଧିକ। ସୁନା ବ୍ୟବହାରରେ ଭାରତ ବିଶ୍ୱର ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଗଚ୍ଛିତ ସୁନା କ୍ଷେତ୍ରରେ ଏହା ବିଶ୍ୱରେ ଏକାଦଶ ସ୍ଥାନରେ ରହିଛି ବୋଲି ୱାର୍ଲ୍ଡ ଗୋଲ୍ଡ କାଉନସିଲ କହିଛି। ପାକିସ୍ତାନ ନିକଟରେ ମାତ୍ର ୬୪.୬ ଟନ ସୁନା ରହିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିକଟ ଅତୀତରେ ଭାରତର ଅନ୍ୟତମ ପଡୋଶୀ ଦେଶ ଚାଇନା ସୁନା ପ୍ରତି ଆଗ୍ରହ ଦେଖାଇବା ଆରମ୍ଭ କରିଛି। ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ମାର୍ଚ୍ଚ ସୁଦ୍ଧା ଗଚ୍ଛିତ ସୁନାର ପରିମାଣ ୬୦.୬୨ ମିଲିୟନ ଆଉନ୍ସ ବୃଦ୍ଧି କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଚାଇନା ନିକଟରେ ଏବେ ୧୮୬୪.୩୦ ଟନ ସୁନା ରହିଛି। ରୁଷ୍ ପରେ ଚାଇନା ସୁନା କିଣିବାରେ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୧୮ ସୁଦ୍ଧା ରୁଷ ୨୭୪ ଟନ ସୁନା କିଣିଥିଲା। ରୁଷ ୨୧୧୯.୨୦ ଟନ ସୁନା ସହ ୬ଷ୍ଠ ସ୍ଥାନରେ ରହିଛି। ତେବେ ଗଚ୍ଛିତ ସୁନା ରଖିବାରେ ଆମେରିକା ଶୀର୍ଷରେ(୮୧୩୩.୫୦ ଟନ) ରହିଥିବା ବେଳେ ଜର୍ମାନୀ ଦ୍ୱିତୀୟ(୩୩୬୯.୭୦ ଟନ), ଇଟାଲୀ ତୃତୀୟ(୨୪୫୧.୮୦ ଟନ), ଫ୍ରାନ୍ସ ଚତୁର୍ଥ(୨୪୩୬ ଟନ) ସ୍ଥାନରେ ରହିଛି। ସେହିପରି ଆଇଏମ୍‌ଏଫ ନିକଟରେ ୨୮୧୪ ଟନ, ସ୍ୱିଜରଲାଣ୍ଡ ଓ ଜାପାନ ନିକଟରେ ୧୦୪୦ ଟନ ଓ ୭୬୫.୨୦ ଟନ, ନେଦରଲାଣ୍ଡ ୬୧୨.୫୦ ଟନ ସୁନା ସହ ଭାରତ ଆଗରେ ରହିଛି।

# ଏସ୍‌ବିଆଇ ପକ୍ଷରୁ ବାଣିଜ୍ୟିକ ଯାନ ପ୍ରଦାନ



ଭୁବନେଶ୍ୱର,୮-୪

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ଘଟଗାଁ ତାରିଣୀଙ୍କ ପୀଠକୁ ଦୁଇଟି ଟାଟା ଏସ୍ ଟିପର ପ୍ରଦାନ କରାଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ମନ୍ଦିର ଟ୍ରଷ୍ଟର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ନିର୍ବାହୀ ଅଧିକାରୀ ଆନନ୍ଦ ଚନ୍ଦ୍ର ସିଂହଙ୍କୁ ଯାନର ଚାବି ହସ୍ତାନ୍ତର କରିଥିଲେ। ଏହି ଯାନଗୁଡ଼ିକୁ ନଡିଆ ସଂଗ୍ରହ କାର୍ଯ୍ୟରେ ବ୍ୟବହାର କରାଯିବ। ବ୍ୟାଙ୍କର ମହାପ୍ରବନ୍ଧକ ଦେବୀ ଶଙ୍କର ମିଶ୍ର ଏବଂ ଗୌତମ ଭଟ୍ଟାଚାର୍ଯ୍ୟ,ଉପ ମହାପ୍ରବନ୍ଧକ ଏସ୍‌ଟି ଲାମା, କିଶନ ଶର୍ମା, ପ୍ରଫୁଲ କୁମାର ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


**APPOINTMENT OF OBSERVERS TO MALKANGIRI DISTRICT**

Election Commission of India has appointed the General Observer & Expenditure Observer to Malkangiri District for Simultaneous General Election - 2019. All the general public & voters are intimated to contact the Observers in the following Mobile number for any complaints of suggestion with regards to the Simultaneous General Election - 2019 to conduct it in a free & fair manner.

1-Sri Ravikant Jain, IAS, General Observer - **7325944545**
2-Sri Shatish Kumar MC, Expenditure Observer - **8456027926**

Sd./- District Election Officer & Collector, Malkangiri

ODISHA INDIA'S BEST KEPT SECRET

**Department of Tourism Government of Odisha**
Paryatan Bhawan, Lewis Road, Bhubaneswar-751014, Phone: (0674) 2432177 / Fax: (0674)- 243887, https://dot.odishatourism.gov.in.

No. 3795 Date: 08.04.2019
T.Cord-II-ppp-04/19
No.01-R:-

**CORRIGENDUM NOTICE**

TO RFP NO 3067 DATED 07.03.2019 FOR SELECTION OF AGENCY FOR OPERATION & MANAGEMENT OF WAYSIDE AMENITIES CENTRE (WAC) OWNED BY DEPT. OF TOURISM, GOVERNMENT OF ODISHA IN VARIOUS LOCATIONS THROUGH PUBLIC PRIVATE PARTNERSHIP (PPP)

1. Revised Schedule of the bid:

| Sl. | Information | Existing Schedule | Revised Schedule |
|---|---|---|---|
| i | Last date & time of bid submission | 17.04.2019, 15.00 hrs. | 04.05.2019, 14.00 hrs. |
| ii | Date & time for opening of Technical Bid | 17.04.2019, 16.00 hrs. | 04.05.2019, 15.00 hrs. |

2. Other terms and conditions of the document remain unchanged.

Sd./- Joint Secretary to Govt. Tourism Department

37001/11/0002/1920

> ନିକଟରେ କେତୋଟି ଟୁର୍ନାମେଣ୍ଟରେ ମୋର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟିଛି, ହେଲେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ସିଙ୍ଗାପୁର ଓପନ୍‌ରେ ମୁଁ ଫର୍ମ ଫେରି ପାଇବି ବୋଲି ଆଶା ।
> –ପି. ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



> ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଅଲରାଉଣ୍ଡ ପ୍ରଦର୍ଶନ ସହ ୮ ଉଇକେଟ ବିଜୟରେ ମୁଁ ଖୁସି, ହେଲେ ଆମକୁ କେତୋଟି କ୍ଷେତ୍ରରେ ଉନ୍ନତି ଆଣିବାକୁ ପଡ଼ିବ ।
> –ଦୀନେଶ କାର୍ତ୍ତିକ, କୋଲକାତା ଅଧିନାୟକ



## ସଂକ୍ଷେପରେ

### ସିଦ୍ଧାର୍ଥ ଦାମୀ ଖେଳାଳି



**ମୁମ୍ବାଇ, ୮।୪:** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଆଗାମୀ ସଂସ୍କରଣ ଲାଗି ସୋମବାର ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଦ୍ଧାର୍ଥ ଦେଶାଇ ୨୦୧୯ ସଂସ୍କରଣର ସବୁଠାରୁ ଦାମୀ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୭ ବର୍ଷୀୟ ସିଦ୍ଧାର୍ଥଙ୍କୁ ତେଲଗୁ ଟାଇଟନ୍ସ ୧.୪୫ କୋଟିରେ ନିଲାମୀରେ କ୍ରୟ କରିଥିଲା। ଏଥିସହ ପ୍ରୋ କବାଡ଼ି ଲିଗ୍ ଇତିହାସରେ ସିଦ୍ଧାର୍ଥ ୨ୟ ଦାମୀ ଖେଳାଳି ହେବାର ରେକର୍ଡ ହାସଲ କରିଛନ୍ତି। ଏହି ତାଲିକାରେ ମୋନୁ ଗୋୟତ ସର୍ବାଗ୍ରେ ରହିଛନ୍ତି। ଗତ ସଂସ୍କରଣରେ ହରିୟାଣା ଷ୍ଟିଲର୍ସ ତାଙ୍କୁ ଏକ କୋଟି ୫୧ ଲକ୍ଷରେ କ୍ରୟ କରିଥିଲା। ନିଲାମୀରେ ସିଦ୍ଧାର୍ଥଙ୍କ ମୂଳ ମୂଲ୍ୟ ୩୦ ଲକ୍ଷ ରହିଥିବାବେଳେ ଟାଇଟନ୍ସ ସିଧାସଳଖ ଏକ କୋଟି ଟଙ୍କା ଡାକି ଥିଲା। ଏହାପରେ ତାମିଲ ଥଲାଇଭାସ ମଧ୍ୟ ସିଦ୍ଧାର୍ଥଙ୍କୁ ନେବା ପାଇଁ ଦୌଡ଼କୁ ଆସିଥିଲା। ତେବେ ଶେଷରେ ଟାଇଟନ୍ସ ସିଦ୍ଧାର୍ଥଙ୍କୁ ନେବାରେ ସଫଳ ହୋଇଥିଲା। ପିକେଏଲ୍‌ର ଗତ ସଂସ୍କରଣରେ ସିଦ୍ଧାର୍ଥଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଟାଇଟନ୍ସ ତାଙ୍କୁ ଦଳରେ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ଗତ ସିଜନରେ ସିଦ୍ଧାର୍ଥ ମୋଟ୍ ୨୧୮ ରାଇଡ୍ ପଏଣ୍ଟ ସ୍କୋର କରିଥିଲେ। ମ୍ୟାଚ୍ ପିଛା ହାର ୧୦.୩୮ ରହିଥିଲା।

### ଜୁଲାଇ ୧୯ରୁ ପିକେଏଲ୍-୭

**ମୁମ୍ବାଇ,୮।୪(ପି.ଟି.):** ପ୍ରୋ କବାଡି ଲିଗ୍ (ପିକେଏଲ୍)ର ୭ମ ସଂସ୍କରଣ ଆସନ୍ତା ଜୁଲାଇ ୧୯ରୁ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଗତ ସିଜନରେ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ପିକେଏଲ୍ କମିଶନର ଅନୁପମ ଗୋସ୍ୱାମୀ ଲିଗ୍ ଆୟୋଜନର ତାରିଖରେ ପରିବର୍ତ୍ତନ କରିଛନ୍ତି। ୨୦୧୭ ସିଜନ ଅକ୍ଟୋବରରୁ ଆରମ୍ଭ ହୋଇଥିଲା। ପାରମ୍ପରିକ ଭାବେ ଏହି ଲିଗ୍ ଜୁଲାଇରୁ ଆୟୋଜନ ହୁଏ। ଏହାର ପରବର୍ତ୍ତୀ ସଂସ୍କରଣ ୨୦୨୦ ଜୁଲାଇରେ ଖେଳାଯିବ ବୋଲି ଗୋସ୍ୱାମୀ କହିଛନ୍ତି। ଆଗାମୀ ସିଜନ ଲାଗି ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ସୋମବାର ୧୩ ଦେଶର ୪୪୧ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ ୩୮୮ ଭାରତୀୟ ଓ ୫୩ ବିଦେଶୀ ଖେଳାଳି ରହିଛନ୍ତି। ପ୍ରତ୍ୟେକ ଫ୍ରାଞ୍ଚାଇଜକୁ ଖେଳାଳିଙ୍କୁ କିଣିବା ପାଇଁ ୪.୪ କୋଟି ଟଙ୍କା ଖର୍ଚ୍ଚ କରିପାରିବେ।

# ରାଜେଶ, ପ୍ରିୟଙ୍କା 'କ୍ରିକେଟର ଅଫ୍ ଦି ଇୟର'

**ଭୁବନେଶ୍ୱର, ୮।୪(କ୍ରୀଡ଼ା ପ୍ରତିନିଧି)**

ଉଦୀୟମାନ ଦ୍ରୁତ ବୋଲର ରାଜେଶ ମହାନ୍ତି ଏବଂ ତାରକା ସ୍ପିନର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଯଥାକ୍ରମେ ପୁରୁଷ ଓ ମହିଳା କ୍ରିକେଟର ଅଫ ଦି ଇୟର ବିବେଚିତ ହୋଇଛନ୍ତି। ଏ ଦୁହେଁ ଗତ ସିଜନରେ ଚମତ୍କାର କରି ଓଡ଼ିଶା କ୍ରୀଡ଼ା ଜଗତର ସବୁଠାରୁ ପୁରୁଣା ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ ଇଣ୍ଡିଆ ବାର୍ଷିକ କ୍ରୀଡ଼ା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୧୮-୧୯ ସିଜନରେ ଓଡ଼ିଶା ସିନିୟର ଦଳରେ କ୍ୟାରିୟର ଆରମ୍ଭ କରିଥିବା ପେସ୍ ବୋଲର ରାଜେଶ ୩ଟି ଯାକ ଫର୍ମାଟରେ ଭଲ ପ୍ରଦର୍ଶନ କରିଥିଲେ। ସେ ରଣଜୀ ଟ୍ରଫିରେ ୪୦ଟି ଉଇକେଟ ନେଇଥିଲେ। ଏହା ମଧ୍ୟରେ ୩ଟି ଇନିଂସରେ ୫ ଉଇକେଟ ସଫଳତା ପାଇଥିବାବେଳେ ଗୋଟିଏ ମ୍ୟାଚରେ ୧୦ ଉଇକେଟ ଲାଭ କରିଥିଲେ। ଗତ ସିଜନରେ ସେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟ ଭାବେ ଏସିଆ କପ୍ ଚାମ୍ପିୟନ ହୋଇଥିଲେ। ଏମଆରଏଫ ଫାଉଣ୍ଡେଶନ ପାଇଁ ମନୋନୀତ ହେବା ମଧ୍ୟ ରାଜେଶଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ସଫଳତା ଥିଲା। ରାମେଶ୍ୱର କ୍ରିକେଟ କ୍ଲବରେ ଦୀପକ ମଙ୍ଗରାଜଙ୍କଠାରୁ



ରାଜେଶ ମହାନ୍ତି



ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ

ପ୍ରଶିକ୍ଷଣପ୍ରାପ୍ତ ରାଜେଶଙ୍କୁ ୨୭ତମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଆଲୋଚନା ଅବସରରେ ରାଜେଶଙ୍କ ସହିତ ବସନ୍ତ ମହାନ୍ତି, ଶୁଭ୍ରାଂଶୁ ସେନାପତି ଏବଂ ପପୁ ରାୟଙ୍କ ନାମ ବିଚାରକୁ ନିଆଯାଇଥିଲା। ୨୦୦୦ ମେ ୨୦ରେ ଜନ୍ମିତ ରାଜେଶଙ୍କ ମା' ମନୋରମା ମହାନ୍ତି ଓ ପିତାଙ୍କ ନାମ କିଶୋର ମହାନ୍ତି।

ସେହିପରି ପ୍ରିୟଙ୍କା ଗତ ସିଜନରେ ମୋଟ ୩୫ଟି ଉଇକେଟ ନେଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏକଦିବସୀୟ କ୍ରିକେଟରେ ଓଡ଼ିଶା ପକ୍ଷରୁ ୯ ମ୍ୟାଚରୁ ୧୮ଟି ଏବଂ ଟି୨୦ରେ ୧୭ଟି ଉଇକେଟ ହାସଲ କରିଥିଲେ। ତାଙ୍କର ଏହି ସଫଳତା ବଳରେ ଓଡ଼ିଶା ଅନେକ ମ୍ୟାଚରେ ସଫଳତା ପାଇଥିଲା। ଜାଗୃତି କ୍ରିକେଟ ଏକାଡେମୀ(ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଅର୍ଗାନାଇଜେଶନ)ରେ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ ପ୍ରିୟଙ୍କା ୬ଷ୍ଠ ଖେଳାଳିଭାବେ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୧୯୯୨ ମେ ୩ରେ ଜନ୍ମିତ ପ୍ରିୟଙ୍କା ମା'ଙ୍କ ନାମ ଗୌରୀ ସାହୁ ଓ ପିତାଙ୍କ ନାମ କିଶୋର ଚନ୍ଦ୍ର ସାହୁ। କ୍ରୀଡ଼ା ଖବରଦାତା ସନାତନ ପାଣି, ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସମ୍ବିତ ମହାପାତ୍ର, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର, ସମୀର ରାଉତ, ପୁରସ୍କାରର ପ୍ରାୟୋଜକ ମାରୁତି ଇଷ୍ଟେଟ୍‌ର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ ଏବଂ ସହିଦ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଚୟନ କମିଟି ୨୦୧୮-୧୯ ବର୍ଷ ପାଇଁ ଏହି ଦୁଇ ଖେଳାଳିଙ୍କୁ ମନୋନୀତ କରିଥିଲା। ମନୋନୀତ ୨ କ୍ରିକେଟରଙ୍କୁ ପୁରସ୍କାର ଆକାରରେ ୩୧,୦୦୦ଟଙ୍କାର ଚେକ୍, ପ୍ରଶସ୍ତି ପତ୍ର ଏବଂ ବ୍ଲେଜର ପ୍ରଦାନ କରାଯିବ। ଆସନ୍ତା ମେ ୧୯ରେ ଭୁବନେଶ୍ୱରରେ ଏକ ବିଶେଷ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ରାଜ୍ୟରେ କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୧୦୯୨-୯୩ ସିଜନରୁ ପୁରୁଷ କ୍ରିକେଟର ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ସେହିପରି ୨୦୧୩-୧୪ରୁ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

## ଉଦାହରଣ ସୃଷ୍ଟିକଲେ ସିଏସ୍‌କେ ପ୍ରଶଂସକ




**ଚେନ୍ନାଇ, ୮।୪:** ପ୍ରଶଂସକମାନେ ଯେକୌଣସି ସ୍ପୋର୍ଟିଂ ଫ୍ରାଞ୍ଚାଇଜକୁ ଆଗକୁ ନେଇପାରନ୍ତି। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପ୍ରଶଂସକମାନେ। ସିଏସ୍‌କେ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ଗାର୍ସିଆ ରାଇନା ଫାଉଣ୍ଡେଶନ (ଜିଆର୍‌ଏଫ୍) ସହ ମିଶି ଦେଶର ବିଭିନ୍ନ ଷ୍ଟାଡିୟମରେ ସଫେଇ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାପରେ ସିଏସ୍‌କେ ଦଳର ଅଫିସିଆଲ ଫ୍ୟାନ୍ କ୍ଲବ ହ୍ୱିସଲ ପୋଡୁ ଆର୍ମି ସଭିଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍ ପରେ ହ୍ୱିସ୍‌ଲ ପୋଡୁ ଆର୍ମି ଚେପକ ଷ୍ଟାଡିୟମ ଷ୍ଟାଣ୍ଡ ସଫେଇ କରିଥିଲେ। ଏଥିରୁ ପ୍ରାୟ ୧୦ କେଜି ଆବର୍ଜନା ବାହାରିଛି। ଆମକୁ ପ୍ରାୟ ୨୦ ଜଣ ପ୍ରଶଂସକ ସହାୟତା କରିଥିଲେ। ଏ ସମ୍ପର୍କରେ ଚିନ୍ନା ଥଲା ରାଇନା ଟୁଇଟ୍ କରିଥିବାରୁ ଆମେ ଆନନ୍ଦିତ ବୋଲି କ୍ଲବର ପ୍ରତିଷ୍ଠାତା ଶ୍ରୀ ରାମ କହିଛନ୍ତି।

# ନିଶ୍ଚିତ ବିଜୟ ଲକ୍ଷ୍ୟରେ ଭାରତ

**ମଣ୍ଡାଲୀ (ମ୍ୟାନମାର), ୮।୪(ପି.ଟି.)**

**ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ**

୨୦୨୦ ଟୋକିଓ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ମଙ୍ଗଳବାର ଘରୋଇ ମ୍ୟାନମାରକୁ ଭେଟିବାକୁ ଯାଉଛି। ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିବାକୁ ହେଲେ ଭାରତ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ଅପରପକ୍ଷରେ ମ୍ୟାଚ୍ ଯଦି ଡ୍ର' ହୁଏ ତେବେ ଘରୋଇ ମ୍ୟାନମାର ଗୋଲ ବ୍ୟବଧାନରେ ସହଜରେ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିବ। ଉଭୟ ଭାରତ ଓ ମ୍ୟାନମାର ବର୍ତ୍ତମାନ ୨ଟି ଲେଖାଏ ମ୍ୟାଚ୍ ଖେଳି ୬ ପଏଣ୍ଟ ହାସଲ କରି ସମାନସ୍ଥିତିରେ ରହିଛନ୍ତି। ତେବେ ଗୋଲ ବ୍ୟବଧାନକୁ ନଜର ପକାଇଲେ ଭାରତ ପ୍ରତିପକ୍ଷ ଟିମ୍‌କୁ ୪ଟି ଗୋଲ ଦେଇଥିବାବେଳେ ମ୍ୟାନମାର (+୮) ଏହି ସଂଖ୍ୟା ଦୃଷ୍ଟିରୁ ବେଶ୍ ଆଗରେ ରହିଛି। ଭାରତ ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୨-୦ ଗୋଲରେ ଏବଂ ଏହାପରେ ନେପାଳକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚ୍ ପୂର୍ବରୁ ଭାରତକୁ ଶକ୍ତ ଧକ୍କା ଲାଗିଛି। ପ୍ରଥମ ପସନ୍ଦର ଗୋଲକିପର ଅଦିତି ଚୌହାନ ଆହତ କାରଣରୁ ମ୍ୟାନମ୍ୟାର ବିପକ୍ଷ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଭାରତୀୟ ଦଳ ଏହି ମ୍ୟାଚ୍‌ରେ ମ୍ୟାନମାରକୁ ହରାଇବ ବୋଲି କୋଚ୍ ମେମୋଲ ରକି କହିଛନ୍ତି। ' ଗତ ୩ ମାସ ଏହି ଭାରତୀୟ ଦଳ ୧୪ଟି ମ୍ୟାଚ୍ ଖେଳିସାରିଛନ୍ତି। ପ୍ରତ୍ୟେକ ଖେଳାଳି ନିଜ ନିଜର ଦକ୍ଷତା ଦେଖାଇ ସାରିଛନ୍ତି। ତେଣୁ ମ୍ୟାନମାର ବିପକ୍ଷରେ ବିଜୟ ହାସଲ କରି ଇତିହାସ ରଚିବୁ' ବୋଲି ରକି ମ୍ୟାଚ୍ ପୂର୍ବରୁ କହିଛନ୍ତି।



ଭାରତୀୟ ମହିଳା ଫୁଟବଲ୍ ଦଳ।

## ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

**ବ୍ୟାଙ୍କକ୍ (ଥାଇଲାଣ୍ଡ), ୮।୪ (ପି.ଟି.):** ଜୁନିୟର ଡେଭିସ୍ କପ୍‌ରେ ଭାରତୀୟ ବାଳକମାନେ ସେମାନଙ୍କ ଉଦ୍‌ଘାଟନୀ ମୁକାବିଲାରେ ଗୋଟିଏ ହେଲେ ସେଟ୍ ଜିତିପାରି ନାହାନ୍ତି। ସୋମବାର ନ୍ୟୁଜିଲାଣ୍ଡ ବିପକ୍ଷ ଗ୍ରୁପ୍ ଡି' ମ୍ୟାଚଗୁଡ଼ିକରେ ୦-୩ରେ ପରାଜିତ ହୋଇଯାଇଛି। ପ୍ରଥମ ସିଙ୍ଗଲ୍ସ ମ୍ୟାଚ ୧ ଘଣ୍ଟା ୧୩ ମିନିଟ୍‌ରେ ଶେଷ ହୋଇଥିଲା। ଏଥିରେ ଉଦୀୟମାନ ଅଜୟ ମଲିକ ୪-୬, ୩-୬ରେ ଜୟ ଫ୍ରେଣ୍ଡଙ୍କଠାରୁ ହାରିଯାଇଛନ୍ତି। ଭାରତ ଦିବେଶ ଗେହଲଟଙ୍କ ପ୍ରଦର୍ଶନ ଜରିଆରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଆଶା କରିଥିଲା। ମାତ୍ର ସେ କୋର୍ବାନ କ୍ରୋଥରଙ୍କଠାରୁ ୦-୬, ୩-୬ରେ ପରାସ୍ତ ହୋଇ ଯାଇଥିଲେ। ପରେ ମଲିକ ଓ ସୁଶାନ୍ତ ଦାବାସ ୬-୭ (୨), ୧-୬ରେ ସେମାନଙ୍କ ଗୁରୁତ୍ୱହୀନ ଡବଲ୍ସ ମ୍ୟାଚ ହାରିଯାଇଥିଲେ। ଭାରତ ମଙ୍ଗଳବାର ଇଣ୍ଡୋନେସିଆକୁ ଭେଟିବ।

## ଡ୍ରାଭିଡ୍‌ଙ୍କୁ ବାର୍ସିଲୋନାର ସ୍ୱତନ୍ତ୍ର ଉପହାର




ବାର୍ସିଲୋନାର ଏଫ୍‌ସି ଅଧିକାରୀଙ୍କଠାରୁ ଜର୍ସି ଗ୍ରହଣ କରୁଛନ୍ତି ରାହୁଲ ଡ୍ରାଭିଡ୍।

**କାମ୍ପ ନୋ,୮।୪:** ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଡ୍ରାଭିଡ୍‌ଙ୍କୁ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଫୁଟ୍‌ବଲ କ୍ଲବ ବାର୍ସିଲୋନା ଏଫ୍‌ସି ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛି। ତାଙ୍କୁ କ୍ଲବ ସଭାପତି ଜୋସେଫ ମାରିଆ ବାର୍ଟମେଉ ସ୍ୱତନ୍ତ୍ର ଜର୍ସି ପ୍ରଦାନ କରିଛନ୍ତି। ପାରମ୍ପରିକ ବାର୍ସିଲୋନା ଜର୍ସିର ପଛ ଭାଗରେ ରାହୁଲ ଡ୍ରାଭିଡଙ୍କ ନାମ ଲେଖା ରହିଛି। ସ୍ଥାନୀୟ କାମ୍ପ ନୋଠାରେ ଅନୁଷ୍ଠିତ ଆଟଲେଟିକୋ ମାଡ୍ରିଡ୍ ଓ ବାର୍ସିଲୋନା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ଉପଭୋଗ କରିବା ପାଇଁ ତାଙ୍କୁ ଆମନ୍ତ୍ରଣ ଦିଆଯାଇଥିଲା। କାମ୍ପ ନୋଠାରେ ୫ ଥର ବାଲୋନ ଡି'ଅର ସମ୍ମାନ ପାଇଥିବା ମେସିଙ୍କ ଖେଳକୁ ଉପଭୋଗ କରିବା ମୋ ପାଇଁ ସମ୍ମାନର ବିଷୟ। ଏଠାରେ ଫୁଟ୍‌ବଲ ମ୍ୟାଚ୍ ଦେଖିବା ମୋର ଇଚ୍ଛା ଥିଲା। ମେସି ଓ ସୁଆରେଜଙ୍କ ଭଳି ଖେଳାଳିଙ୍କୁ ଅତି ନିକଟରେ ଦେଖି ଭଲ ଅନୁଭବ କରୁଛନ୍ତି ବୋଲି ଡ୍ରାଭିଡ୍ କହିଛନ୍ତି। ଉକ୍ତ ମ୍ୟାଚ୍‌ରେ ଚାମ୍ପିୟନ ଖେଳାଳି ଲିଓନେଲ ମେସି ଓ ଲୁଇସ ସୁଆରେଜଙ୍କ ଗୋଲ ବଳରେ ବାର୍ସିଲୋନା ୨-୦ ଗୋଲରେ ବିଜୟୀ ହୋଇଥିଲା।

# ବିଶ୍ୱକପ୍ ପାଇଁ ଦଳ ମନୋନୟନ ୧୫ରେ

**ନୂଆଦିଲ୍ଲୀ, ୮।୪ (ପି.ଟି.):** ସୋମବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ)ର ଏକ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୧୫ରେ ମୁମ୍ବାଇରେ ଆଇସିସି ବିଶ୍ୱକପ୍ ପାଇଁ ଦଳ ମନୋନୟନ କରାଯିବ। ଚେନ୍ନାଇରେ ଆଇପିଏଲ ଫାଇନାଲ ଆୟୋଜନ ପାଇଁ ଆବଶ୍ୟକ କ୍ଲିୟରାନ୍ସ ଏକ ସପ୍ତାହ ମଧ୍ୟରେ ହାସଲ କରିବାକୁ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନସିଏ)କୁ କୁହାଯାଇଛି। ପ୍ରଶାସକ କମିଟିର ଏହି ବୈଠକରେ ବିସିସିଆଇର ୩ଜଣ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ଆଇପିଏଲ ଏବଂ କ୍ରିକେଟ ପରିଚାଳନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା। ବିଶ୍ୱକପ୍ ମେ' ୩୦ରୁ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ହେବ। ଭାରତୀୟ ଦଳ ଘୋଷଣା ଲାଗି ଅନ୍ତିମ ତାରିଖ ଏପ୍ରିଲ ୨୩ ରଖାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିସିସିଆଇ ୮ ଦିନ ଆଗୁଆ ଦଳ ଘୋଷଣା ସ୍ଥିର କରିଥିଲା। ସୋମବାର ତାରିଖ ବିଧିବଦ୍ଧ ଘୋଷଣା କରାଯାଇଥିଲା। ଗୋଟିଏ ଅବା ଦୁଇଟି ସ୍ଥାନକୁ ଛାଡ଼ିଦେଲେ ବିଶ୍ୱକପ୍ ଦଳରେ କେଉଁମାନେ ସ୍ଥାନ ପାଇବେ ତାହା ଆପାତତଃ ସ୍ଥିର ହୋଇ ସାରିଛି।

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ଦଳର ଘରୋଇ ଗ୍ରାଉଣ୍ଡର ୩ଟି ଷ୍ଟାଣ୍ଡ ଦର୍ଶକଙ୍କ ଲାଗି ଉପଲବ୍ଧ ନ ଥିବାରୁ ଚଳିତ ଆଇପିଏଲ୍‌ର ଫାଇନାଲ ମ୍ୟାଚ୍ ପାଇଁ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଷ୍ଟାଡିୟମ୍‌କୁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ରଖାଯାଇଛି। ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ଚେପକ ଷ୍ଟାଡିୟମ୍‌ର 'ଆଇ', 'ଜେ', 'କେ' ଷ୍ଟାଣ୍ଡକୁ ପ୍ରସ୍ତୁତ କରିସାରିଛି। ହେଲେ ମ୍ୟୁନିସିପାଲ କର୍ପୋରେଶନଠାରୁ ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଫିଟ୍ ପ୍ରମାଣପତ୍ର ଆଣିପାରି ନାହିଁ। ବିସିସିଆଇର ଜଣେ କର୍ମକର୍ତ୍ତାଙ୍କ ସୂଚନା ଅନୁସାରେ ସିଏସ୍‌କେର ହୋମ୍ ଗ୍ରାଉଣ୍ଡରେ ଖେଳିବା ଅଧିକାର ଛଡ଼ାଇ ନିଆଯାଉ ନାହିଁ, କିନ୍ତୁ ୩ ଷ୍ଟାଣ୍ଡ୍ ଖାଲି ପଡ଼ିବା ଆମ ପାଇଁ ଚିନ୍ତାର ବିଷୟ। କାରଣ ଏହି ତିନୋଟି ଷ୍ଟାଣ୍ଡରେ ୧୨,୦୦୦ ଦର୍ଶକଙ୍କ ବ୍ୟବସ୍ଥା ରହିଛି। ଟିଭିରେ ମ୍ୟାଚ ପ୍ରସାରଣ ବେଳେ ଏହି ତିନୋଟି ଷ୍ଟାଣ୍ଡ ଖାଲି ପଡ଼ିଥିବା ଦୃଶ୍ୟକୁ ଲୋକେ ପସନ୍ଦ କରିବେ ନାହିଁ। ଏ ସମ୍ପର୍କରେ ଟିଏନ୍‌ସିଏ ସହ ଆମେ ଆଲୋଚନା କରୁଛୁ। ହାଇଦ୍ରାବାଦ ଓ ବାଙ୍ଗାଲୋରକୁ ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍, ଏଲିମିନେଟର ଓ ଫାଇନାଲ ପାଇଁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ଚୟନ କରାଯାଇଛି।

**ସ୍ଥାନାନ୍ତର ହୋଇପାରେ ଆଇପିଏଲ ଫାଇନାଲ**

## ■ ସୁପର କପ୍ ଫୁଟବଲ, ଆଜି ପ୍ରଥମ ସେମିଫାଇନାଲ

# ଚେନ୍ନାଇ ସିଟି ବନାମ ଗୋଆ

**ଭୁବନେଶ୍ୱର, ୮।୪(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ମଙ୍ଗଳବାର ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଓ ଇଣ୍ଡିଆନ ସୁପରଲିଗ୍ ରନର୍ସଅପ୍ ଏଫସି ଗୋଆ ମଧ୍ୟରେ ମୁକାବିଲା ହେବ। ବୁଧବାର ଦ୍ୱିତୀୟ ସେମିଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଚେନ୍ନାଇନ୍ ଏଫସି ଓ ଆଟଲେଟିକୋ ଡି କୋଲକାତା(ଏଟିକେ)। ଚେନ୍ନାଇ ସିଟି ପ୍ରି-କ୍ୱାର୍ଟର ଫାଇନାଲରେ ୪-୨ ଗୋଲରେ ପୁଣେ ସିଟିକୁ ହରାଇଥିବାବେଳେ କ୍ୱାର୍ଟର ଫାଇନାଲରେ ଆଇଏସଏଲ ଚାମ୍ପିୟନ ବେଙ୍ଗାଲୁରୁ ଏଫସିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଏଫସି ଗୋଆ ପ୍ରି-କ୍ୱାର୍ଟରରେ ଇଣ୍ଡିଆନ ଆରୋଜକୁ ୩-୦ ଗୋଲରେ ହରାଇବାପରେ ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫସିକୁ ୪-୩ ଗୋଲରେ ହରାଇ ଏଠାରେ ପହଞ୍ଚିଛି। ତେଣୁ ଚେନ୍ନାଇ ସିଟି-ଏଫସି ଗୋଆ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ମ୍ୟାଚଟି କଳିଙ୍ଗ ଷ୍ଟାଡିୟମରେ ରାତି ୮ଟା ୩୦ରେ ଆରମ୍ଭ ହେବ।




ଚେନ୍ନାଇ ସିଟି ଓ ଏଫ୍‌ସି ଗୋଆର କୋଚ୍ ଓ ଅଧିନାୟକ।

ପୂର୍ବ ମ୍ୟାଚଗୁଡ଼ିକ ଭଳି ଆଗାମୀ ମ୍ୟାଚରେ ମଧ୍ୟ ଚେନ୍ନାଇ ସିଟିର ପେଡ୍ରୋ ମାନ୍‌ଜି, ନେଷ୍ଟର ଏବଂ ସାଣ୍ଡ୍ରୋ ନଜରରେ ରହିବେ। ବେଙ୍ଗାଲୁରୁ ଏଫସି ବିପକ୍ଷ କ୍ୱାର୍ଟର ଫାଇନାଲରେ ଗୋଲକିପର ମୌରୋ ବୋର୍ଜିଓ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତେଣୁ ଆକବର ନୱାସଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇ ସିଟି ସବୁ ବିଭାଗରେ ଶକ୍ତିଶାଳୀ ପ୍ରତୀୟମାନ ହୋଇଛି। ଇଟାଲିଆନ ଗୋଲକିପର ବୋର୍ଜିଓ ବେଙ୍ଗାଲୁରୁ ବିପକ୍ଷରେ ଚମତ୍କାର ଗୋଲକିପିଂ କରି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରତିପକ୍ଷ ଗୋଆ ଆକ୍ରମଣାତ୍ମକ ପ୍ରଦର୍ଶନ ପାଇଁ ବେଶ୍ ପରିଚିତ। ତେଣୁ ଏ କ୍ଷେତ୍ରରେ ଚେନ୍ନାଇ ପାଇଁ ମୌରୋଙ୍କ ଭୂମିକା ପୁଣି ଗୁରୁତ୍ୱପୂର୍ଣ୍ଣ ରହିବ। ଦକ୍ଷ ବିଦେଶୀ ଖେଳାଳିଙ୍କ ବ୍ୟତୀତ ଚେନ୍ନାଇ ଦଳରେ ଗୌରବ ବୋରା, ଏଡୱିନ ଭାନ୍ସପଲ, ତରିଫ ଅଖନ୍ଦ ଏବଂ ରିଗିନ ଏମ୍.ଙ୍କ ପରି ଦକ୍ଷ ଭାରତୀୟ ଖେଳାଳି ରହିଛନ୍ତି, ଯେଉଁମାନେକି ଗତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲେ।

ଏଫସି ଗୋଆ ଆଗାମୀ ମ୍ୟାଚକୁ ତାରକା ଖେଳାଳି ଇଡୁ ବେଡିଆଙ୍କ ବିନା ଖେଳିବ। ଗତ ଜାମସେଦପୁର ଏଫସି ବିପକ୍ଷ ମ୍ୟାଚରେ ଡବଲ୍ କାର୍ଡ ପାଇଥିବାରୁ ଏହି ସ୍ପାନିଶ ଖେଳାଳି ପରବର୍ତ୍ତୀ ମ୍ୟାଚରେ ଖେଳି ପାରିବେ ନାହିଁ। କୋଚ୍ ସର୍ଗିଓ ଲୋବେରାଙ୍କ ରଣନୀତିରେ ବେଡିଆ ଗତ ସିଜନ ସାରା ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ପ୍ରତୀୟମାନ ହୋଇଛନ୍ତି। ସେ ଆଇଏସଏଲରେ ୭ଟି ଗୋଲ ଦେଇଥିବାବେଳେ ଚଳିତ ସୁପର କପ୍‌ରେ ୨ ଥର ପ୍ରତିପକ୍ଷ ନେଟ୍ ସ୍ପର୍ଶ କରିବାରେ ସକ୍ଷମ ହୋଇଛନ୍ତି। ତେଣୁ ତାଙ୍କ ଅନୁପସ୍ଥିତି ଦଳପାଇଁ ବଡ଼ କ୍ଷତି ସଦୃଶ। ତେବେ ଗୋଆ ଦଳରେ ପର୍ଯ୍ୟାପ୍ତ ବିକଳ୍ପ ଖେଳାଳି ମହଜୁଦ ଥିବାରୁ କୋଚ୍ ଲୋବେରା ତାଙ୍କ ସ୍ଥାନରେ ଅନ୍ୟ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା ନିଶ୍ଚିତ ହୋଇଛି। ମରକ୍କୋର ଅହମଦ ଜାହୋଉ ଯଦି ଫିଟ୍ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଦଳରେ ସାମିଲ କରିବେ। ୩୦ ବର୍ଷୀୟ ଜାହୋଉ ୨୦୧୮-୧୯ ଆଇଏସଏଲ ସିଜନରେ ଅନ୍ୟତମ ଶ୍ରେଷ୍ଠ ମିଡ୍‌ଫିଲ୍ଡର ବିବେଚିତ ହୋଇଥିଲେ। ଜାମସେଦପୁର ଏଫସି ବିପକ୍ଷ କ୍ୱାର୍ଟର ଫାଇନାଲର ଦ୍ୱିତୀୟାର୍ଦ୍ଧରେ ଦଳର ରକ୍ଷଣଭାଗ ଚାପରେ ଖେଳିଥିଲା। ଏହା ଲୋବେରାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଦ୍ୱିତୀୟାର୍ଦ୍ଧରେ ଦଳ ଆଶାନୁରୂପ ଖେଳି ନ ପାରିବାରୁ ୩ଟି ଗୋଲ ବରଣ କରିଥିଲା। ପ୍ରତିପକ୍ଷ ଦଳର ୩ ଅଗ୍ରଭାଗ ଖେଳାଳି ମାନ୍‌ଜି, ନେଷ୍ଟର ଓ ସାଣ୍ଡ୍ରୋ ଦୃଢ଼ ଥିବାରୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଏଫସି ଗୋଆକୁ ରକ୍ଷଣଭାଗ ମଜଭୁତ କରିବାକୁ ହେବ। ଗୋଆ ଅଗ୍ରଭାଗର ୩ ଖେଳାଳି ଫେରାନ କୋରୋମିନାସ, ଜ୍ୟାକିଚାନ୍ଦ ସିଂ ଓ ବ୍ରେଣ୍ଡନ ଫର୍ନାଣ୍ଡିଜ୍ ସିଜନ ସାରା ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। ଚେନ୍ନାଇ ସିଟି ରକ୍ଷଣଭାଗରେ ସାମାନ୍ୟ ତ୍ରୁଟି ପାଇଲେ ଏହି ତିନି ଖେଳାଳିଙ୍କୁ ରୋକିବା ଅସମ୍ଭବ ହୋଇପଡ଼ିବ। ତେଣୁ ଆଗାମୀ ମ୍ୟାଚ ବେଶ୍ ରୋମାଞ୍ଚକ ହେବା ଆଶା।



" ଚଳିତ ଆଇପିଏଲରେ ଆମେ ଖେଳିଥିବା ୫ ମ୍ୟାଚରୁ ୪ଟିରେ ପରାଜିତ ହୋଇଥିଲେ ମଧ୍ୟ ଆମେ ଆଶଙ୍କାରେ ନାହୁଁ, ପ୍ରତିଯୋଗିତା ଆରମ୍ଭ ହୋଇଛି ମାତ୍ର ।
–ଅଜିଙ୍କ୍ୟ ରାହାନେ, ରାଜସ୍ଥାନ ରୟାଲ୍ସ ଅଧିନାୟକ



" ମୋ ପ୍ରଥମ ଆଇପିଏଲରେ ଭାରତୀୟ କଣ୍ଡିଶନରେ ଦର୍ଶକଭରା ଷ୍ଟାଡିୟମ ସହିତ ବିଭିନ୍ନ ଅନ୍ତର୍ଜାତୀୟ ଖେଳାଳିଙ୍କ ବିପକ୍ଷରେ ଖେଳିବାର ଭିନ୍ନ ଅଭିଜ୍ଞତା ହାସଲ କରିଛି ।
–ସାମ୍ କୁରାନ, ଇଂଲଣ୍ଡ କ୍ରିକେଟ ଅଲରାଉଣ୍ଡର

## ଆଜିର ମ୍ୟାଚ



ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
କୋଲକାତା ନାଇଟ୍ ରାଇଡର୍ସ

ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ରସେଲଙ୍କୁ ରୋକିବା ଲକ୍ଷ୍ୟରେ ଚେନ୍ନାଇ

ଚେନ୍ନାଇ, ୮।୪(ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣର ଏକ ମ୍ୟାଚ୍‌ରେ ମଙ୍ଗଳବାର ଦୁଇ ଶକ୍ତିଶାଳୀ ଦଳ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଓ କୋଲକାତା ନାଇଟ୍ ରାଇଡର୍ସ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ଉଭୟ ଦଳରେ କିଛି ବିଶ୍ୱସ୍ତରୀୟ ସ୍ପିନର ରହିଥିବାରୁ ମ୍ୟାଚ୍‌ରେ ବେଶ୍ ରୋମାଞ୍ଚ ଦେଖିବାକୁ ମିଳିବ ବୋଲି କ୍ରିକେଟପ୍ରେମୀ ଆଶା ରଖିଛନ୍ତି। ତେବେ ଚଳିତ ଆଇପିଏଲ୍‌ରେ ଦମ୍‌ଦାର ଫର୍ମରେ ଥିବା ୱେଷ୍ଟଇଣ୍ଡିଜ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ ଉଭୟ ଦଳ ମଧ୍ୟରେ ଫରକ ଆସିବେ। ଗତ କେତୋଟି ମ୍ୟାଚ୍‌ରେ ଅବିଶ୍ୱସନୀୟ ବ୍ୟାଟିଂ କରିଥିବା ରସେଲଙ୍କୁ ରୋକିବା ଚେନ୍ନାଇ ପାଇଁ ଏହି ମ୍ୟାଚ୍‌ରେ ବେଶ୍ କଷ୍ଟସାଧ୍ୟ ହେବ।

ପ୍ରତିଯୋଗିତାରେ ବର୍ତ୍ତମାନ ସୁଦ୍ଧା ଉଭୟ ସୁପର୍ କିଙ୍ଗ୍ସ ଓ ନାଇଟ୍ ରାଇଡର୍ସ ଦଳ ୫ଟି ଲେଖାଏ ମ୍ୟାଚ୍ ଖେଳି ୪ ବିଜୟ ସହ ୮ ପଏଣ୍ଟ ହାସଲ କରିଛନ୍ତି। ତେବେ ରନ୍‌ରେଟ୍ ଦୃଷ୍ଟିରୁ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ତାଲିକାର ପ୍ରଥମ ସ୍ଥାନ ହାସଲ କରିଛି। ମଙ୍ଗଳବାରର ମ୍ୟାଚ୍ ଜିତି ଉଭୟ ଦଳ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନକୁ ମଜଭୁତ କରିବା ଲକ୍ଷ୍ୟରେ ରହିଛନ୍ତି। ଦୁଇ ଦଳ ମଧ୍ୟ ନିଜ ନିଜର ଅନ୍ତିମ ମ୍ୟାଚ୍‌ରେ ମଧ୍ୟ ସହଜ ବିଜୟ ଲାଭ କରିଛନ୍ତି। କୋଲକାତା ରବିବାର ରାଜସ୍ଥାନ ରୟାଲ୍ସକୁ ଏବଂ ଚେନ୍ନାଇ ଶନିବାର କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ହରାଇଥିଲା। ହରଭଜନ ସିଂ, ଇମ୍ରାନ ତାହିର ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ଦଳରେ ରହିଥିବାବେଳେ କୁଲଦୀପ ଯାଦବ, ସୁନୀଲ ନାରିନ ଓ ପିୟୁଷ ଚାୱଲାଙ୍କୁ ନେଇ କୋଲକାତାର ସ୍ପିନ ବିଭାଗ ବେଶ୍ ଶକ୍ତିଶାଳୀ। ତେଣୁ କେଉଁ ଦଳର ସ୍ପିନର ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଉପରେ ଭାରି ହେଉଛନ୍ତି ତାହା ଏହି ମ୍ୟାଚ୍‌ରେ ଜଣାପଡ଼ିବ। ସେହିଭଳି ବ୍ୟାଟିଂ ବିଭାଗରେ କୋଲକାତାର ରସେଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅଭିଜ୍ଞ ହରଭଜନଙ୍କ ନେତୃତ୍ୱାଧୀନ ଚେନ୍ନାଇ ବୋଲିଂ ଲାଇନ୍‌ଅପ୍‌କୁ ସାମ୍ନା କରିବା ମଧ୍ୟ ରସେଲଙ୍କ ଲାଗି ସହଜ ହେବନାହିଁ। ଆହତ ଥିବା ଡ୍ୱେନ ବ୍ରାଭୋଙ୍କ ସ୍ଥାନରେ ଫାଫ୍ ଡୁ ପ୍ଲେସିସଙ୍କୁ ଚେନ୍ନାଇ ଏହି ମ୍ୟାଚ୍‌ରେ ଦଳରେ ସାମିଲ କରିବାର ସମ୍ଭାବନା ରହିଛି। ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମଧ୍ୟ ଗତ କିଛି ମ୍ୟାଚ୍‌ରେ ଶେଷ ଭାଗରେ ବଡ଼ ଶର୍ଟ ଖେଳିଥିବାରୁ ଏହି ମ୍ୟାଚ୍‌ରେ ମଧ୍ୟ ଦର୍ଶକ 'କ୍ୟାପଟେନ୍ କୁଲ୍'ଙ୍କ ଠାରୁ ସମାନ ଇନିଂସ ଆଶା ରଖିଛନ୍ତି।



ମହେନ୍ଦ୍ର ସିଂ ଧୋନୀ ଓ ଦୀନେଶ କାର୍ତ୍ତିକ।



ଆଇପିଏଲ୍‌ର ସୋମବାର ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ବିପକ୍ଷରେ ୭୦ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦର ଡେଭିଡ୍ ୱାର୍ନର।

## ଅମ୍ବୁଡ୍ସମ୍ୟାନଙ୍କୁ ସଫେଇ ଦେଲେ ଗାଙ୍ଗୁଲି

**ନୂଆଦିଲ୍ଲୀ, ୮।୪ (ପି.ଟି.):** ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ତଥା ଦିଲ୍ଲୀ କ୍ୟାପିଟାଲ୍ସ ଦଳର ପରାମର୍ଶଦାତା ସୌରଭ ଗାଙ୍ଗୁଲି ବିସିସିଆଇ ଅମ୍ବୁଡ୍ସମ୍ୟାନ ତଥା ଏଥିକ୍ସ ଅଫିସର ଡି.କେ. ଜୈନ କରିଥିବା ପ୍ରଶ୍ନର ଜବାବ ରଖିଛନ୍ତି। ଗାଙ୍ଗୁଲିଙ୍କ ଦ୍ୱୈତ୍ୟ ଭୂମିକା ଯୋଗୁ ସ୍ୱାର୍ଥଗତ ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି ହୋଇଥିବା ତିନିଜଣ କ୍ରିକେଟପ୍ରେମୀ ପ୍ରଶ୍ନ ଉଠାଇଥିଲେ। ସିଏବି ସଭାପତି ଏପ୍ରିଲ ୬ରେ ଏକ ଚିଠି ମାଧ୍ୟମରେ ଜଷ୍ଟିସ ଜୈନଙ୍କ ନିକଟରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦେଖାଚାହାଁ କରୁଥିବା କୌଣସି କମିଟିର ସେ ଅଂଶବିଶେଷ ନାହାନ୍ତି। ଏହାଛଡ଼ା ବର୍ତ୍ତମାନ ସେ ବିସିସିଆଇ ଆପେକ୍ସ କାଉନ୍‌ସିଲ ଅବା ଏହା କୌଣସି ପଦବୀ ଅବା କମିଟିର ସଦସ୍ୟ ନାହାନ୍ତି। ଆଇପିଏଲ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସ ସହିତ ମଧ୍ୟ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ବେଙ୍ଗଲର ୩ଜଣ କ୍ରିକେଟପ୍ରେମୀ ରଣଜିତ୍ ସିଲ୍, ଅଭିଜିତ ମୁଖାର୍ଜୀ ଓ ଭାଷଓ୍ୱତି ଶାନ୍ତୁଆ ଜଷ୍ଟିସ ଜୈନଙ୍କ ନିକଟରେ ପୃଥକ୍ ପୃଥକ୍ ଭାବେ ଗାଙ୍ଗୁଲିଙ୍କ ବିରୋଧରେ ସ୍ୱାର୍ଥଗତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଛନ୍ତି। ଗାଙ୍ଗୁଲି ବର୍ତ୍ତମାନ ସିଏବି ସଭାପତି ରହିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଭାବେ ତାଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା କୋଲକାତାରେ ଏପ୍ରିଲ ୧୨ରେ କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଏଥର ଆଇପିଏଲରେ ନିରପେକ୍ଷ କ୍ୟୁରେଟର ବ୍ୟବହାର କରାଯାଉ ନାହିଁ। ଗାଙ୍ଗୁଲି ଯେହେତୁ ସିଏବିର ସଭାପତି ରହିଛନ୍ତି ତାଙ୍କର ସ୍ଥାନୀୟ କ୍ୟୁରେଟରଙ୍କ ଉପରେ ନିୟନ୍ତ୍ରଣ ରହିବ। ସେ ତାହାର ଫାଇଦା ନେବାକୁ ଚେଷ୍ଟା କରିପାରନ୍ତି।

# ଶୀର୍ଷରେ ନାଇଟ ରାଇଡର୍ସ

ଜୟପୁର, ୮।୪

ସୁନୀଲ ନାରିନଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ କ୍ରିସ୍ ଲିନ୍‌ଙ୍କ ଅର୍ଦ୍ଧଶତକ ବଳରେ କୋଲକାତା ନାଇଟ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ରବିବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୮ ଉଇକେଟରେ ହରାଇ ଦେଇଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୪୦ ରନ ବିଜୟ ଲକ୍ଷ୍ୟକୁ ନାଇଟ ରାଇଡର୍ସ ୧୩.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଥିସହ ନାଇଟ ରାଇଡର୍ସ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଉଭୟ ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ୮ ପଏଣ୍ଟ ଲେଖାଏ ହାସଲ କରିଥିଲେ ହେଁ ରନ ହାରରେ କୋଲକାତା ଫ୍ରାଞ୍ଚାଇଜ୍ ଦଳ ଉପରେ ରହିଛି।

ନାରିନ ଓ ଲିନ୍ ଓପନିଂ ଯୋଡ଼ିରେ ୫୧ ବଲ୍‌ରୁ ୯୧ ରନ ସଂଗ୍ରହ କରି ଦଳ ବିଜୟକୁ ସହଜ କରି ଦେଇଥିଲେ। ନାରିନ ୨୫ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୪୭ ରନ ସଂଗ୍ରହ କରିଥିବାବେଳେ ଲିନ୍ ୩୨ ବଲ୍‌ରୁ ୬ ଚୌକା ଓ ୩ ଛକା ସହ ୫୦ ରନ କରିଥିଲେ। ରବିନ୍ ଉଥପ୍ପା ୨୬(୧୬ ବଲ୍, ୧ ଚୌକା, ୨ ଛକା) ଓ ଶୁବମନ ଗିଲ୍ ୬ ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଶ୍ରେୟାସ ଗୋପାଳ ୨ଟି ଯାକ ଉଇକେଟ ହାସଲ କରିଥିଲେ। ଟସ୍ ଜିତି ନାଇଟ ରାଇଡର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ମାତ୍ର ୫ ରନରେ ଆଉଟ ହେବାରୁ ରାଜସ୍ଥାନ ରୟାଲ୍ସକୁ ପ୍ରାରମ୍ଭିକ ଝଟ୍‌କା ଲାଗିଥିଲା। ଟପ୍ ଅର୍ଡରରେ ଷ୍ଟିଭେନ ସ୍ମିଥ ୫୯ ବଲ୍‌ରୁ ୭୩(୭ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ ହେଁ ଦଳ ୨୦ ଓଭରରେ ୧୩୯/୩ରେ ସୀମିତ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋସ୍ ବଟଲର ୩୪ ବଲ୍‌ରୁ ଦ୍ୱିତୀୟ ସର୍ବାଧିକ ୩୭(୫ ଚୌକା, ୧ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ବେନ୍ ଷ୍ଟୋକ୍ସ ୧୪ ବଲ୍ ଖେଳିଥିଲେ ହେଁ ମାତ୍ର ୭ ରନରେ ଅପରାଜିତ ରହିଥିଲେ। କୋଲକାତା ପକ୍ଷରୁ ହ୍ୟାରି ଗର୍ନି ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଉଇକେଟ ନେଇଥିଲେ। ଚମତ୍କାର ବୋଲିଂ ପାଇଁ ଗର୍ନି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

■ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୩୯/୩(ସ୍ମିଥ-୭୩*, ବଟଲର-୩୭, ଗର୍ନି-୨/୨୫, ପ୍ରସିଦ୍ଧ-୧/୩୫)।

■ କୋଲକାତା ନାଇଟ ରାଇଡର୍ସ ୧୩.୫ ଓଭରରେ ୧୪୦/୨(ଲିନ୍-୫୦, ନାରିନ-୪୭, ଉଥପ୍ପା-୨୬*, ଗୋପାଳ-୨/୩୫)।

## ପ୍ଲେ-ଅଫ୍ ବେଳେ ତ୍ରିକୋଣୀୟ ମହିଳା ଲିଗ୍

**ମୁମ୍ବାଇ, ୮।୪:** ମହିଳା ଆଇପିଏଲ୍ ଆୟୋଜନ ହେବା ନେଇ ଆଶା ବୃଦ୍ଧିପାଇଛି। ଗତବର୍ଷ ଏକ ମହିଳା ଟି୨୦ ମ୍ୟାଚ୍ ଆୟୋଜିତ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଏକ ତ୍ରିକୋଣୀୟ ମହିଳା ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଆଇପିଏଲ୍‌ର ପ୍ଲେ-ଅଫ୍ ତଥା ନକ୍ ଆଉଟ୍ ପର୍ଯ୍ୟାୟ ମ୍ୟାଚ୍ ବେଳେ ମହିଳା ଲିଗ୍‌ର ମୁକାବିଲା ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଏଥିଲାଗି ଚେନ୍ନାଇ, ହାଇଦ୍ରାବାଦ ଓ ବିଶାଖାପାଟଣାକୁ ଭେନ୍ୟୁ ଭାବେ ଗୁରୁତ୍ୱ ଦିଆଯାଉଛି। ପ୍ରସାରଣ ବ୍ୟବସ୍ଥାକୁ ଧ୍ୟାନରେ ରଖି ପ୍ଲେ-ଅଫ୍ ମ୍ୟାଚ୍ ଯେଉଁ ଭେନ୍ୟୁରେ ଖେଳାଯିବ ସେଠାରେ ଆଗୁଆ ମହିଳା ଲିଗ୍ ମୁକାବିଲା ଅନୁଷ୍ଠିତ ହେବ। ଆଇପିଏଲ୍ ରାତି ୮ଟାରୁ ଆରମ୍ଭ ହେଉଥିବାରୁ ମହିଳା ଲିଗ୍ ୪ଟାରୁ ଆରମ୍ଭ ହେବ। ୩ ମଧ୍ୟରୁ ୨ ଦଳ ଚେନ୍ନାଇରେ ମେ ୧୨ରେ ଖେଳାଯିବାକୁ ଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ଗ୍ରାହମ ରିଡ୍ ଭାରତୀୟ ହକିର ନୂଆ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୮।୪



ଅଷ୍ଟ୍ରେଲିଆ ଦଳର ପ୍ରାକ୍ତନ ମିଡ୍‌ଫିଲ୍ଡର ଗ୍ରାହମ ରିଡ୍‌ଙ୍କୁ ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରଠାରେ ଚାଲିଥିବା ଜାତୀୟ ଶିବିରରେ ୫୪ ବର୍ଷୀୟ ରିଡ୍ ଖୁବ୍‌ଶୀଘ୍ର ଯୋଗ ଦେବେ ବୋଲି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ମଙ୍ଗଳବାର ଏନେଇ ଘୋଷଣା କରାଯାଇଛି। ଜଣେ ଡିଫେଣ୍ଡର/ମିଡ୍‌ଫିଲ୍ଡର ଭାବେ ରେଡ୍ ଅଷ୍ଟ୍ରେଲିଆ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ବେଶ୍ ପରିଚିତ ଲାଭ କରିଥିଲେ। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ରୌପ୍ୟ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ଦଳର ସେ ସଦସ୍ୟ ମଧ୍ୟ ରହିଥିଲେ। ସେହିଭଳି ତାଙ୍କ ସମୟରେ ଅଷ୍ଟ୍ରେଲିଆ ଦଳ ଲଗାତର ଚାମ୍ପିୟନ୍ସ ଟ୍ରଫି ଜିତି ହ୍ୟାଟ୍ରିକ (୧୯୮୪, ୧୯୮୫, ୧୯୮୯ ଓ ୧୯୯୦) ଅର୍ଜନ କରିଥିଲା। ଜାତୀୟ ଦଳ ପକ୍ଷରୁ ୧୩୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ରିଡ୍ ପ୍ରଥମଥର ପାଇଁ ୨୦୦୯ରେ ଅଷ୍ଟ୍ରେଲିଆ ଦଳର ସହକାରୀ କୋଚ୍ ନିଯୁକ୍ତ ହୋଇଥିଲେ। ଏହି ସମୟରେ ସେ ମୁଖ୍ୟ କୋଚ୍ ପଦ ହାସଲ କରିବା ସହ ଦଳକୁ ଲଗାତର ୫ମ ଚାମ୍ପିୟନ୍ସ ଟ୍ରଫି (୨୦୧୨ରେ) ଟାଇଟଲ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପ୍ରଶିକ୍ଷଣ ସମୟରେ ଅଷ୍ଟ୍ରେଲିଆ ୨୦୧୪ରେ ଏକ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲା। ସେହିଭଳି ଅଣ୍ଟୱର୍ପରେ ଅନୁଷ୍ଠିତ ୱାର୍ଲ୍ଡ ଲିଗ୍ ସେମିଫାଇନାଲ୍ସ ଓ ରାୟପୁରରେ ଖେଳାଯାଇଥିବା ୱାର୍ଲ୍ଡ ଲିଗ୍ ଫାଇନାଲ୍ସରେ ମଧ୍ୟ ଅଷ୍ଟ୍ରେଲିଆ ଟାଇଟଲ ଜିତିଥିଲା। ତେବେ ୨୦୧୭ରେ ରିଡ୍ ଅଷ୍ଟ୍ରେଲିଆ ଦଳ ଛାଡ଼ି ନେଦରଲାଣ୍ଡ୍ସ କ୍ଲବ ଆମଷ୍ଟରଡାମର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଏହି କ୍ଲବ ପକ୍ଷରୁ ସେ ୧୯୯୩ ଓ ୧୯୯୪ରେ ୨ବର୍ଷ ପାଇଁ ଖେଳିଥିଲେ। ଗତବର୍ଷ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍ ରୌପ୍ୟ ବିଜୟୀ ନେଦରଲାଣ୍ଡ୍ସ ଦଳର ସେ ସହକାରୀ କୋଚ୍ ରହିଥିଲେ। 'ଗ୍ରାହମ ରିଡ୍ ଉଭୟ ଖେଳାଳି ଓ କୋଚ୍ ଭାବେ ବେଶ୍ ସଫଳ ସାବ୍ୟସ୍ତ ହୋଇଛନ୍ତି। ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ଟିମ୍ ସହ କାମ କରିସାରିଥିବାରୁ କୋଚିଂ କ୍ଷେତ୍ରରେ ତାଙ୍କର ବହୁତ ଭଲ ଅଭିଜ୍ଞତା ରହିଛି। ତେଣୁ ତାଙ୍କର ଏହି ଅଭିଜ୍ଞତାକୁ ପାଥେୟ କରି ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସଫଳ ହେବା ଆଶା କରାଯାଉଛି' ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ପ୍ରକାଶଯୋଗ୍ୟ, ଗତ ବିଶ୍ୱକପ୍‌ରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳର ମୁଖ୍ୟକୋଚ୍ ହରେନ୍ଦ୍ର ସିଂଙ୍କୁ ବାହାର କରିଦିଆଯାଇଥିଲା। ସେବେଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ରହିଆସିଥିଲା।

## ଗ୍ରୀସ୍‌ଚୁକ୍‌ଙ୍କ ସହ ଡ୍ର ରଖିଲେ ଆନନ୍ଦ



**ଶମ୍‌କିର (ଆଜରବୈଜାନ), ୮।୪ (ପି.ଟି.):** ଏଠାରେ ଚାଲିଥିବା ଶମ୍‌କିର ଚେସ୍ ଟୁର୍ନାମେଣ୍ଟର ୭ମ ରାଉଣ୍ଡରେ ଭାରତର ବିଶ୍ୱନାଥନ ଆନନ୍ଦ ରୁଷିଆର ଆଲେକ୍‌ଜାଣ୍ଡର ଗ୍ରୀସ୍‌ଚୁକ୍‌ଙ୍କ ବିପକ୍ଷ ତାଙ୍କ ଗେମ୍‌କୁ ସହଜ ଡ୍ର ରଖିଛନ୍ତି। ଅନ୍ୟପକ୍ଷରେ ନରୱେର ମାଗ୍ନସ କାର୍ଲସେନ ତାଙ୍କ ଭଲ ପ୍ରଦର୍ଶନ ଜାରି ରଖିବା ସହ ଡଚ୍ ଖେଳାଳି ଆନିଶ ଗିରିଙ୍କୁ ହରାଇ ଦେଇଛନ୍ତି। ପୂର୍ବରାଉଣ୍ଡରେ ରୁଷିଆର ସର୍ଗେ କାର୍ଜାକିନ୍‌ଙ୍କଠାରୁ ପରାସ୍ତ ହେବାପରେ ଟୁର୍ନାମେଣ୍ଟରେ ଆନନ୍ଦଙ୍କ ସମ୍ଭାବନା ପ୍ରାୟ ହଟିଯାଇଛି। କାଟେଗୋରି ୨୨ଇଭେଣ୍ଟର ଆଉ ମାତ୍ର ଦୁଇ ରାଉଣ୍ଡ ଖେଳ ବାକି ରହିଥିବାବେଳେ କାର୍ଲସେନ ୫ ପଏଣ୍ଟ ସହ ଏକକ ଅଗ୍ରଣୀ ରହିଛନ୍ତି। ୧୦ଜଣ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଟୁର୍ନାମେଣ୍ଟର ଅନ୍ୟ ଗେମ୍ ଗୁଡ଼ିକ ଡ୍ର ଭାବେ ଶେଷ ହୋଇଛି। ଟେବୁଲରେ କାର୍ଜାକିନ୍ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଗ୍ରୀସ୍‌ଚୁକ୍, ବୁଲ୍‌ଗେରିଆର ଭେସ୍‌ଲିନ୍ ଟୋପାଲୋଭ, ଆଜରବୈଜାନର ତିମୋର ରାଦଜାବୋଭ, ଚେକ୍ ରିପବ୍ଲିକର ଡେଭିଡ ନାଭାରା ଏବଂ ଚାଇନାର ଡିନ୍ ଲିରେନ୍‌ଙ୍କ ସହିତ ପ୍ରତ୍ୟେକ ୩.୫ପଏଣ୍ଟ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି। ସ୍ଥାନୀୟ ଖେଳାଳି ଶାଖ୍ରିୟାର ମାମେଦ୍ୟାରୋଭ ୨.୫ ପଏଣ୍ଟ ସହ ୯ମ ସ୍ଥାନରେ ରହିଥିବା ବେଳେ ଗିରି ଦୁଇ ପଏଣ୍ଟ ସହ ଏକାକୀ ଅନ୍ତିମ ସ୍ଥାନରେ ଅଛନ୍ତି।

# ଭାରତ-ମାଲେସିଆ ମ୍ୟାଚ ଡ୍ର

### ନଭନୀତ କୌର୍‌ଙ୍କ ଡବଲ ଗୋଲ

କୁଆଲାଲମ୍ପୁର(ମାଲେସିଆ), ୮।୪(କ୍ରୀଡ଼ା ପ୍ରତିନିଧି)

ନଭନୀତ କୌରଙ୍କ ଡବଲ ଏବଂ ନଭଜୋତ କୌର ଓ ଲାଲରେମସିଆମିଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ସୋମବାର ମାଲେସିଆ ବିପକ୍ଷ ମ୍ୟାଚକୁ ୪-୪ ଗୋଲରେ ଡ୍ର ରଖିବାକୁ ସକ୍ଷମ ହୋଇଛି। ଏକଦା ୨-୪ ଗୋଲରେ ପଛୁଆ ଥିବା ଭାରତ ନଭନୀତ ଓ ଲାଲରେମସିଆମିଙ୍କ ଗୋଲ ବଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା।

ପାଞ୍ଚ ମ୍ୟାଚ ବିଶିଷ୍ଟ ସିରିଜର ଏହି ୩ୟ ମ୍ୟାଚରେ ଭାରତ ଚମତ୍କାର ଆରମ୍ଭ କରିଥିଲା। ମାତ୍ର ପରେ ସର୍କଲ ଭିତରେ ବାରମ୍ବାର ତ୍ରୁଟି ଯୋଗୁ ପ୍ରତିପକ୍ଷ ଦଳକୁ ଅଗ୍ରଣୀ ନେବାକୁ ସୁଯୋଗ ଦେଇଥିଲା। ମ୍ୟାଚର ୧୩ତମ ମିନିଟରେ ନଭଜୋତ କୌର ପ୍ରଥମ ଗୋଲଟି ଦେଇଥିବାବେଳେ ୨୨ତମ ମିନିଟରେ ନଭନୀତଙ୍କ ଗୋଲ ବଳରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ୨୬ତମ ମିନିଟରେ ଗୁରଦୀପ କିରନଦୀପ ମାଲେସିଆ ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିବାରୁ ଭାରତର ଅଗ୍ରଣୀ ବ୍ୟବଧାନ ୨-୧କୁ ହ୍ରାସ ପାଇଥିଲା। ପରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନୁରାନି ରଶିଦ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। କେବଳ ସେତିକି ନୁହେଁ ୩୫ତମ ମିନିଟରେ ନୁରମାଇରା ଜୁଲକିଫ୍ଲି ଓ ୩୮ତମ ମିନିଟରେ ନୁରାନି ବ୍ୟକ୍ତିଗତ ଓ ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେବାରୁ ମାଲେସିଆ ୪-୨ରେ ଅଗ୍ରଣୀ ହାସଲ କରି ଥିଲା। ୪୫ତମ ମିନିଟରେ ନଭନୀତ କୌର ଏବଂ ୫୪ତମ ମିନିଟରେ ଲାଲରେମସିଆମିଙ୍କ ଗୋଲ ବଳରେ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ମ୍ୟାଚ ଡ୍ର ହୋଇଥିଲେ ହେଁ ଭାରତୀୟ ଦଳର ପ୍ରଦର୍ଶନରେ ସନ୍ତୁଷ୍ଟ ନାହାନ୍ତି କୋଚ ଜୋର୍ଡ ମାରିଜନେ। "ଏହା ଆମର ଶ୍ରେଷ୍ଠ ମ୍ୟାଚ ନ ଥିଲା। ଆମେ ଏହାକୁ ଭୁଲି ଆଗକୁ ବଢ଼ିବାକୁ ପଡ଼ିବ। ମ୍ୟାଚରେ ବଲ୍ ପୋଜେଶନ ଭଲ ହୋଇ ନ ଥିଲା ଏବଂ ଅତ୍ୟଧିକ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ଆଗାମୀ ମ୍ୟାଚରେ ଆମେ ତ୍ରୁଟିକୁ ସୁଧାରି ପଡ଼ିଆକୁ ଓହ୍ଲାଇବୁ" ବୋଲି ମାରିଜନେ ପ୍ରକାଶ କରିଛନ୍ତି। ଚଳିତ ସିରିଜର ୪ର୍ଥ ମ୍ୟାଚ ୧୦ ତାରିଖରେ ଖେଳାଯିବ। ପ୍ରକାଶ ଯୋଗ୍ୟ ଯେ, ପ୍ରଥମ ୨ଟି ମ୍ୟାଚରେ ଭାରତ ଯଥାକ୍ରମେ ୩-୦ ଓ ୫-୦ ଗୋଲରେ ବିଜୟୀ ହୋଇଥିଲା।





**ମହିଳା ହକି:** ସୋମବାର ମାଲେସିଆ ବିପକ୍ଷରେ ଗୋଲ୍‌ସ୍କୋର କରିବା ପରେ ଭାରତର ନଭନୀତ୍ କୌର୍ (ଡାହାଣ)। ବଲ୍ ପାଇଁ ମାଲେସିଆ ଖେଳାଳିଙ୍କ ସହ ଓଡ଼ିଶାର ଲିଲିମା ମିଞ୍ଜଙ୍କ ସଂଘର୍ଷ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୯/୨୦୧୯ Rayagada, Tuesday, April. 9 / 2019

## ସଂକ୍ଷେପରେ

### ରୋଡ଼ ଶୋ ବେଳେ ବାଇକ୍ ଧକ୍କାରେ ଶିଶୁ ଆହତ



ବୈପାରୀଗୁଡା,୮।୪(ଡି.ଏନ୍.ଏ):ସୋମବାର ଏଠାରେ ଏକ ପ୍ରମୁଖ ରାଜନୈତିକ ଦଳର କୋରାପୁଟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ନେଇ ରୋଡ ଶୋ ବେଳେ ବାଇକ୍ ଧକ୍କାରେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦୁଗୁଡା ପଞ୍ଚାୟତ ମାଝିଗୁଡା ଗ୍ରାମର ଦଳ ପରାଜାଙ୍କ ପୁଅ ସୁରେଶ ପରଜା (୫)। ତାଙ୍କୁ ପ୍ରଥମେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସକୁ ଯୋଗାଯୋଗ କରିବାରୁ ଏ ସଂକ୍ରାନ୍ତରେ ଏତଲା ଦେବାକୁ ଉକ୍ତ ଶିଶୁଙ୍କ ଅଭିଭାବକଙ୍କୁ କୁହାଯାଇଥିବା କହିଛି।

### ଆଦିବାସୀଙ୍କ ଗୀତରେ ଚାଲିଛି ଜୋରଦାର ପ୍ରଚାର

ଜୟପୁର ୮।୪(ନି.ପ୍ର): ନିବାଚନ ଯେତେ ପଖେଇ ଆସୁଛି ସେତେ ରାଜନୀତି ଉଷ୍ମତା ସରଗରମ ହୋଇଛି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ରାଜନୈତିକ ଦଳ ଗୀତ ମାଧ୍ୟମରେ ନିଜ ନିଜ ପ୍ରଚାର ପ୍ରସାର କରୁଛନ୍ତି। ଜୟପୁର ସହର ସହ ଆଖ ପାଖରେ ଥିବା ଷ୍ଟୁଡିଓ ଚଳଚଞ୍ଚଳ ହୋଇ ଉଠିଛି। କୋରାପୁଟ ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ସହ ନବରଙ୍ଗପୁର ଓ ମାଲକାନଗିରି ଜିଲାର ଥିବା ନିବାଚନମଣ୍ଡଳୀର ପ୍ରାର୍ଥୀମାନେ ଗୀତ ମାଧ୍ୟମରେ ନିଜ ତଥା ଦଳର ପ୍ରଚାର କରିବା ପାଇଁ ମନ ବଳାଇଛନ୍ତି। ଆଦିବାସୀଙ୍କ ସ୍ୱରକୁ ନିର୍ବାଚନ ଗୀତ ମାଧ୍ୟମରେ ପ୍ରଚାର କରୁଛନ୍ତି। ଏଥିସହ ତେଲୁଗୁ, ବଙ୍ଗାଳି, ଓଡିଆ ଗୀତ ମଧ୍ୟ ଚାହିଦା ଅନୁଯାଇ ପ୍ରସ୍ତୁତ କରି ଲୋକଙ୍କ ପାଖକୁ ଯାଉଛନ୍ତି। ୨୦୧୪ ନିର୍ବାଚନ ସମୟରେ ଏହି ଅଞ୍ଚଳର କଳାକାରମାନେ କଟକ, ଭୁବନେଶ୍ୱର ଯାଇ ପ୍ରାର୍ଥୀଙ୍କ ପାଇ ଗୀତ ରେକର୍ଡ଼ିଂ କରିବାକୁ ପଡୁଥିଲା। ବର୍ତ୍ତମାନ ଜୟପୁର, ବୋରିଗୁମ୍ମା ଅଞ୍ଚଳରେ ଥିବା ଷ୍ଟୁଡ଼ିଓରେ ଗୀତ ରେକର୍ଡ଼ିଂ କରୁଛନ୍ତି। ଏହି ନିର୍ବାଚନ ସମୟକୁ ହାତଛଡା ନ କରି କଳାକାରମାନେ ସବୁ ଦଳ ପାଇଁ ଗୀତ ଗାଇ କିଛି ରୋଜଗାର ମଧ୍ୟ କରୁଛନ୍ତି। ଏହାଦ୍ୱାରା କଳାକାର ଓ ଷ୍ଟୁଡିଓ ମାଲିକମାନେ ୨ ପଇସା ରଜୋଗାର ମଧ୍ୟ କରିଛନ୍ତି। ଗୋଟିଏ ଗୀତ ପିଛା ୩ ହଜାର ଟଙ୍କା ନେଉଥିବା ଷ୍ଟୁଡିଓ ମାଲିକ ପ୍ରଦୀପ କୁମାର ମହାରଣା ପ୍ରକାଶ କରିଛନ୍ତି।

### ପରିବାର ମିଳନ କାର୍ଯ୍ୟକ୍ରମ



ଦାମନଯୋଡ଼ି,୮।୪(ଡ଼ି.ଏନ.ଏ):କୋରାପୁଟ ଜିଲା ଦାମନଯୋଡ଼ି ଭେଜାପୁଟ ଏବଂ ମାଥଲପୁଟର ସ୍ୱୟଂସେବକ ସଂଘ ପକ୍ଷରୁ ହିନ୍ଦୁ ନବବର୍ଷ ଅବସରରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ପରିବାର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ହରିଶ ପରିଡ଼ା ମୁଖ୍ୟବକ୍ତା, ନନ୍ଦକିଶୋର ରାଉତ ଏବଂ ସିଏଚ ପ୍ରମୋଦ କୁମାର ପାତ୍ର ଅତିଥି ଭାବେ ଯୋଗ ଦେଇ ସଂସ୍କୃତି, ପରମ୍ପରା ବଜାୟ ରଖିବା ପାଇଁ କହିଥିଲେ। ବୁଦ୍ଧଦେବ ଦେ, ଅଶୋକ କୁମାର ସାହୁ, ସୁରେନ୍ଦ୍ର ପଣ୍ଡାଙ୍କ ସମେତ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଭାଗ ନେଇଥିଲେ।

## ନିର୍ବାଚନ ନେଇ ପ୍ରଶାସନର ପ୍ରସ୍ତୁତି ଶେଷ

# ୯ ଲକ୍ଷ ୪୮ ହଜାର ୬୬୨ ଭୋଟର କରିବେ ମତଦାନ

- ପୋଲିଂ ଅଧିକାରୀଙ୍କ ଲାଗି ୧୩୮୫ ଗାଡ଼ି ପ୍ରସ୍ତୁତ
- ୩୨୭ ବୁଥ୍ ସମ୍ବେଦନଶୀଳ

କୋରାପୁଟ,୮।୪(ସ୍ୱ.ପ୍ର)

ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନିମନ୍ତେ ମତଦାନ ହେବ। ଏଥିଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପୋଲିଂ ପାର୍ଟିଗୁଡିକୁ ନେବା ଆଣିବା ପାଇଁ ଗାଡିଗୁଡିକର ବ୍ୟବସ୍ଥା କରାଯାଇଛି। ସୋମବାର ସ୍ଥାନୀୟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟଠାରେ ଏହି ଗାଡିଗୁଡିକୁ ରଖାଯାଇଛି। ମଙ୍ଗଳବାର ବୁଥ ଅନୁସାରେ ପୋଲିଂ ପାର୍ଟିଗୁଡିକୁ ଏହି ଗାଡି ଜରିଆରେ ପଠାଯିବ। ଜିଲାର ଦୁର୍ଗମ ଅଞ୍ଚଳ କୋଟିଆ, ଗୋଲୁର, ଆମ୍ବାବାଲି, ଏ ଗୋଲୁର, ଶୋଭାପୁଟ, ପାଡୁଆ, ଚାଟୁଆ, ଅଲମଣ୍ଡା, ସୁଙ୍କି, ଦୁଧାରି, କାଣ୍ଟି, ବିଜାଘାଟି, ତେନ୍ତୁଳିପଦର, କୁମ୍ଭାରିପୁଟ ଆଦି ଅଞ୍ଚଳ ପାଇଁ ମଙ୍ଗଳବାର ସକାଳେ ଏହି ଗାଡିଗୁଡିକ ଜରିଆରେ ପୋଲିଂ ଦଳ ଯିବାକୁ ଥିବା ବେଳେ ଅନ୍ୟ ଦଳ ପର୍ଯ୍ୟାୟକ୍ରମେ ଯିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟଠାରେ ରଖାଯାଇଥିବା ଗାଡ଼ି।

କୋରାପୁଟ ଜିଲାର ଲକ୍ଷ୍ମୀପୁର, କୋଟପାଡ, ଜୟପୁର, କୋରାପୁଟ, ପଟ୍ଟାଙ୍ଗି ଆଦି ୫ ଟି ବିଧାସଭା ଆସନ ନିମନ୍ତେ ସମୁଦାୟ ୧୧୪୧ ଟି ବୁଥ ରହିଛି। ୭ ହଜାର ୬୩୦ ଜଣ ପୋଲିଂ ଅଧିକାରୀ ନିୟୋଜିତ କରାଯାଇଛି। ସେମାନଙ୍କୁ ବୁଥକୁ ନେବା ଆଣିବା ପାଇଁ ୧୪୧ ଟି ବସ, ୨୨ଟି ଟ୍ରକ, ୨୦୨ ଟି ମିନି ବସ, ୧୧ ଟି ପିକଅପ ଭ୍ୟାନ, ଜିପ ,କମାଣ୍ଡର, ବୋଲୋରୋ, କାର ଆଦି ୮୭୨ ଟି, ୧୩୭ ଟି ମୋଟର ସାଇକେଲ ଏପରିକି ମୋଟ ୧୩୮୫ ଟି ଗାଡି ପ୍ରସ୍ତୁତ କରାଯାଇଛି। ସେହିପରି ପ୍ରତି ବୁଥରେ ବିଦ୍ୟୁତ, ପାନୀୟଜଳ ବ୍ୟବସ୍ଥା କରାଯାଇଛି। ଜିଲାର ମୋଟ ୧୧୪୧ ଟି ବୁଥ ମଧ୍ୟରୁ ୩୨୭ ବୁଥ ସମ୍ବେଦନଶୀଳ। ୧୧୪୧ ବୁଥରେ ମୋଟ ୯ ଲକ୍ଷ ୪୮ ହଜାର ୬୬୨ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେଥିରୁ ଲକ୍ଷ୍ମୀପୁର ବିଧାନସଭାମଣ୍ଡଳୀରେ ଥିବା ମୋଟ ୧ ଲକ୍ଷ ୬୮ ହଜାର ୭୩୪ ଭୋଟରଙ୍କ ପାଇଁ ୨୨୩ ବୁଥ, କୋଟପାଡ ବିଧାନସଭା ଆସନରେ ଥିବା ୧ଲକ୍ଷ ୯୯ ହଜାର ୫୧୧ ଜଣ ଭୋଟରଙ୍କ ପାଇଁ ୨୪୩ ବୁଥ, ଜୟପୁର ବିଧାନସଭା ଆସନରେ ଥିବା ୨ ଲକ୍ଷ ୫ ହଜାର ୯୪୪ ଭୋଟରଙ୍କ ନିମନ୍ତେ ୨୩୫ ବୁଥ, କୋରାପୁଟ ବିଧାନସଭା ଆସନରେ ଥିବା ସମୁଦାୟ ୧ ଲକ୍ଷ ୮୬ ହଜାର ୨୨୫ ଜଣ ଭୋଟରଙ୍କ ନିମନ୍ତେ ୨୦୪ ଟି ବୁଥ, ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ମୋଟ ୧ ଲକ୍ଷ ୮୮ ହଜାର ୨୪୮ ଭୋଟରଙ୍କ ନିମନ୍ତେ ୨୩୬ ଟି ବୁଥ ରହିଛି। ଜିଲାର ସମସ୍ତ ଅଞ୍ଚଳରେ ବ୍ୟାପକ ପୋଲିସ, ଏସଓଜି, କୋବ୍ରା, ବିଏସଏଫ, କେନ୍ଦ୍ର ଅର୍ଧସାମରିକ ବଳ ମୃତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ହାତିବାରି ସରପଞ୍ଚ କଂଗ୍ରେସ ଛାଡ଼ି ଭାଜପାରେ

ପଟ୍ଟାଙ୍ଗି,୮।୪ (ଡି.ଏନ.ଏ)

ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇଥିବା ବେଳେ ଦଳ ଅଦଳବଦଳ କାର୍ଯ୍ୟ ମଧ୍ୟ ଜାରି ରହିଛି। ସୋମବାର ନନ୍ଦପୁର ବ୍ଲକ ହାତିବାରି ପଞ୍ଚାୟତ ସରପଞ୍ଚ ସମରାଜ ପାଙ୍ଗି ନିଜ ସମର୍ଥକ ସୁବାସ ପାଙ୍ଗିଙ୍କ ସମେତ ବେନିଙ୍ଗଗୁଡା ଗ୍ରାମର ସୁରେନ୍ଦ୍ର ପାଙ୍ଗି , ନୁଆଁପୁଟ ଗ୍ରାମର ଭୀମସେନ ଖିଲ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ କୁନ୍ଦୁଲି ହାଟ ପଦାରେ ରହୁଥିବା ଭାଜପା ଏମ୍‌ପି ପ୍ରାର୍ଥୀ ଜୟରାମ ପାଙ୍ଗି ଙ୍କ ବାସଭବନରେ ପହଞ୍ଚି ଆଲୋଚନା କରିଥିଲେ। ପରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ପାଙ୍ଗିଙ୍କ ନିତି ଆଦର୍ଶ କୁ ଆପଣାଇ ଆମେ କଂଗ୍ରେସ ଦଳ ଛାଡି ଭାଜପାରେ ଯୋଗଦାନ କରିଥିବା ସରପଞ୍ଚ ସମରାଜ ଗଣମାଧମକୁ କହିଛନ୍ତି। ଏହି ସମୟରେ ପାଙ୍ଗି ସମସ୍ତଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।



ଜୟରାମ ପାଙ୍ଗିଙ୍କ ସହ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ସରପଞ୍ଚ ଓ ଅନ୍ୟମାନେ।

## ସୁବାଇ ହାଟରେ ୩ ପ୍ରମୁଖ ଦଳର ପ୍ରଚାର



ବିଜେଡ଼ିର ପ୍ରଚାର ସଭାରେ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସେମିଳିଗୁଡା, ୮।୪(ସ୍ୱ.ସ୍ୱ.)

ସେମିଳିଗୁଡା ବ୍ଲକ ସୁବାଇ ହାଟରେ ସୋମବାର ୩ ପ୍ରମୁଖ ଦଳ ପ୍ରଚାର କରିଛନ୍ତି। ହାତଯୋଡି ଭୋଟ ମାଗୁଛନ୍ତି ଭୋଟରଙ୍କୁ। ଏନେଇ ଢେମସା ନାଚଗୀତରେ ଦୁଲୁକୁଛି ସୁବାଇ ହାଟ। ଭୋଟରକୁ ମନାଇବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। କିଏ କହୁଛି ସରକାର ଯେଉଁଦିନ ଗଢା ହେବ ସେହିଦିନ ଚାଷୀ ଋଣ ଛାଡ ହୋଇଯିବ। ଆଉ କିଏ କହୁଛି ଯେଉଁ ଯେଉଁ ଗ୍ରାମରେ ବିକାଶ ନାହିଁ ରାସ୍ତା, ବିଦ୍ୟୁତ୍, ସ୍କୁଲ ନାହିଁ ସରକାର ହେବାର ପ୍ରଥମ ଦିନରୁ ହିଁ କାର୍ଯ୍ୟ ଆରମ୍ଭ ହେବ। ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରୀତମ ପାଢୀ, କଂଗ୍ରେସର ରାମଚନ୍ଦ୍ର କାଡାମ, ଭାଜପାର ରାମଚନ୍ଦ୍ର ପାଙ୍ଗୀ, ସ୍ୱାଧୀନର ଚୈତନ୍ୟ ନନ୍ଦିବାଲି ଓ କୃଷ୍ଣ ଜାନି ପ୍ରଚାର ଚଳାଇଛନ୍ତି।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟରରୁ ଚୋରି

ବୈପାରୀଗୁଡା,୮।୪ (ଡି.ଏନ୍.ଏ)

ସ୍ଥାନୀୟ ବ୍ଲକ କଲୋନି କ୍ୱାର୍ଟରରେ ରହୁଥିବା ରାମଗିରୀ ଓ ପେନ୍ଦାପଡା ପଞ୍ଚାୟତ ନିର୍ବାହି ଅଧିକାରୀ ମୋହନ ଖରାଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରୁ ୫୦ ହଜାର ଟଙ୍କା ଓ ୫୦ ହଜାର ଟଙ୍କାର ଏକ ହାର ଚୋରି କରି ନେଇଛନ୍ତି। ମୋହନ ଗତ ୭ ତାରିଖ ରାତିରେ ପେନ୍ଦାପଡାରେ ରହି ୮ ତାରିଖ ସକାଳେ କ୍ୱାର୍ଟରକୁ ଫେରିଥିଲେ। କ୍ୱାର୍ଟରର ସାମନାପଟ କବାଟକୁ କେହି ଦୁର୍ବୃତ୍ତ ଭାଙ୍ଗି ଘରେ ଥିବା ଆଲମାରୀ ତାଡ଼ି ଟଙ୍କା ଓ ସୁନା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଚୋରି ହୋଇଥିବା ଟଙ୍କା ପେନ୍ଦାପଡା ପଞ୍ଚାୟତର ସରକାରୀ ଟଙ୍କା ଏବଂ ହାରଟି ତାଙ୍କ ପତ୍ନୀଙ୍କ ବୋଲି ଉଲ୍ଲେଖ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆଜି ପ୍ରଚାର ଶେଷ, ନେତାଙ୍କ ଅନ୍ଧାରିବିଜେ ଆରମ୍ଭ

ଜୟପୁର ୮।୪(ନି.ପ୍ର)

ଆସନ୍ତା ୧୧ ତାରିଖରେ ସାଧାରଣ ନିର୍ବାଚନ ନେଇ ଭୋଟ ଗ୍ରହଣ ହେବ। ତେଣୁ ସବୁ ରାଜନୈତିକ ଦଳ ଜୋରସୋରରେ ପ୍ରଚାର ଚଲାଇଛନ୍ତି। ନିର୍ବାଚନ କମିଶନଙ୍କ ନିୟମ ଅନୁଯାଇ ମଙ୍ଗଳବାର ସନ୍ଧ୍ୟା ୬ ଠାରେ ପ୍ରଚାର ଶେଷ ହେବ। ସମସ୍ତ ପ୍ରାର୍ଥୀ ମଙ୍ଗଳବାର ପ୍ରଚାର ଶେଷ କରିବେ। ପରେ ନେତାଙ୍କ ଅନ୍ଧାର ବିଜେ ଆରମ୍ଭ ହେବ। ଭୋଜି, ଭାତ, ନାଚ ,ଗୀତ, ଷ୍ଟାର ପ୍ରଚାର, ନେତା, ଅଭିନେତାଙ୍କ ପ୍ରଚାର, ରୋଡ ଶୋ ଶେଷ ହୋଇଛି। ବର୍ତ୍ତମାନ ନେତାମାନେ ଅନ୍ଧାର ବିଜେ କରିବେ। ଭୋଟରଙ୍କ ପାଖକୁ ଯାଇ ଶାଢୀ, ଟଙ୍କା, ଗିଫ୍ଟ, ବଣ୍ଟନ କରି ନିଜ ସପକ୍ଷରେ ଭୋଟ ନେବା ପାଇ ଲାଗି ପଡିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ନେଇ ପୋଲିସ ପ୍ରସାଶନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆସନ୍ତା ୧୧ ତାରିଖ ସକାଳ ୭ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ଜୟପୁର ନିର୍ବାଚନ ମଣ୍ଡଳୀର ଜୟପୁର ପୌରପାଳିକା, ଜୟପୁରର ବ୍ଲକ ସହ ବୋରିଗୁମ୍ମା ବ୍ଲକର ୧୯ଟି ପଞ୍ଚାୟତରେ ଭୋଟଗ୍ରହଣ ହେବ। ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୧ ହଜାର ୪୦ ଜଣ ଭୋଟର ମତଦାନ କରିବା ପାଇଁ ୨୩୫ଟି ମତଦାନ କେନ୍ଦ୍ର କରାଯାଇଛି। ଏହି ଭୋଟ କେନ୍ଦ୍ରରେ ୨୮୭ଟି ଇଭିଏମ ଓ ୩୦୫ଟି ଭିଭିପିଏଟି ରଖାଯାଇଛି। ୨୩୫ଟି ମତଦାନ କେନ୍ଦ୍ର ମଧ୍ୟରୁ ୪୦ଟି କେନ୍ଦ୍ର ସମ୍ବେଦନଶୀଳ ରହିଛି। ପ୍ରତ୍ୟେକ ବୁଥରେ ୬ଜଣ କର୍ମଚାରୀ ନିୟୋଜିତ ହେବେ। ସମସ୍ତ ବୁଥରେ ମୋଟର ୧୩୯୨ ପୋଲିଂ ଅଧିକାରୀ ଭାଗ ନେବେ। ଜୟପୁର ନିର୍ବାଚନମଣ୍ଡଳୀରେ ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ତ୍ରିମୁଖି ଲଢେଇ ଦେଖିବାକୁ ମିଳିଛି।

## ବୈପାରୀଗୁଡ଼ା ବ୍ଲକରେ ୩୪ ସମ୍ବେଦନଶୀଳ ବୁଥ୍

ବୈପାରୀଗୁଡା,୮।୪ (ଡି.ଏନ୍.ଏ)

ସାଧାରଣ ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ବୈପାରୀଗୁଡା ବ୍ଲକରେ ସମୁଦାୟ ୨୦ ଟି ପଞ୍ଚାୟତ ମଧ୍ୟରୁ ୯ ଟି ପଞ୍ଚାୟତ ନବରଙ୍ଗପୁର ଲୋକସଭା ତଥା କୋଟପାଡ ବିଧାନସଭା ମଣ୍ଡଳିରେ ରହିଛି। ଅବଶିଷ୍ଟ ୧୧ଟି ପଞ୍ଚାୟତ କୋରାପୁଟ ଲୋକସଭା ତଥା କୋରାପୁଟ ବିଧାନସଭା ମଣ୍ଡଳିରେ ରହିଛି। କୋଟପାଡ ନିର୍ବାଚନ ମଣ୍ଡଳିରେ ବ୍ଲକରେ ୩୧ ହଜାର ୭୯୩ ଭୋଟର ରହିଛନ୍ତି। ଏଠାରେ ୩୯ ଟି ମତଦାନ କେନ୍ଦ୍ର ଖୋଲାଯିବ। ସେହିପରି କୋରାପୁଟ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୪୧ ହଜାର ୯୭୯ ରହିଛି। ଏଥିଲାଗି ମତଦାନ କେନ୍ଦ୍ର ରହିଛି ୪୯। ମାଓବାଦୀଙ୍କ କାର୍ଯ୍ୟକଳାପକୁ ଆଧାର କରି ପୋଲିସ ପକ୍ଷରୁ ଉଭୟ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୪ ଟି ବୁଥ ସମ୍ବେଦନଶୀଳ ଘୋଷଣା କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ , ଗତ ସାଧାରଣ ନିର୍ବାଚନ ବେଳେ ମାଓବାଦୀମାନେ ଯେପରି ବିରୋଧ କରୁଥିଲେ ,ଚଳିତ ନିର୍ବାଚନରେ ସେପରି ପରିଲକ୍ଷିତ ହେଉନାହିଁ। ଗତ ସାଧାରଣ ନିର୍ବାଚନ ବେଳେ ବୈପାରୀଗୁଡା ବ୍ଲକ ରାମଗିରି ପଞ୍ଚାୟତ ପୂଜାରୀପୁଟ ବୁଥ୍ କେନ୍ଦ୍ରରେ ସସସ୍ତ୍ର ମାଓବାଦୀ ଧଶେଇ ପସି ପୋଲିଂ କର୍ମଚାରୀ ମାନଙ୍କୁ ଭୟଭୀତ କରି ଭୋଟ୍ ବାକ୍ସ ଲୁଟି ନେଇଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ସ୍ୱାମୀ ଅଟକ

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଜୟପୁର ୮।୪(ନି.ପ୍ର)

ଜୟପୁର ସଦର ଥାନା ଅନ୍ତର୍ଗତ ଦାମାପୁଟ ଆମ୍ବତୋଟାରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ରାଜ ପରଜା (୨୫)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୮ ବର୍ଷ ତଳେ ରାଜ ଦାମାପୁଟର ରାମ ଦାସ ପରଜାଙ୍କୁ ବିବାହ କରିଥିଲେ। ରାମ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସୋମବାର ଦାମାପୁଟ ନିକଟରେ ଥିବା ଆମ୍ବ ଗଛରେ ରାଜଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ରାଜ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ରାଜର ବାପା ରାମ ମୁଦୁଲି ଏହା ହତ୍ୟା ଘଟଣା ବୋଲି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସ୍ୱାମୀ ରାମ ଦାସ କୁ ଅଟକ ରଖିଛି। ସ୍ୱାମୀ ଘରେ ରଖିଥିବା ୫ ଶହ ଟଙ୍କା ନେଇ ମହିଳା ଜଣକ ମଦ୍ୟ ପାନ କରି ଥିବାରୁ ଭୟରେ ସେ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ମୃତଦେହ ବ୍ୟାବଚ୍ଛେଦ କରି ତଦନ୍ତଚଳାଇଛି।

## ବନ୍ଧଘାଟଗୁଡ଼ାରେ ଜଳସଙ୍କଟ, ଟ୍ୟାଙ୍କରରେ ପାଣି ଯୋଗାଣ


ଜୟପୁର, ୮।୪(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁରର ସହରର ୭ ନଂ ୱାର୍ଡ଼ର ହାଟପଦା ନିକଟସ୍ଥ ବନ୍ଧଘାଟଗୁଡ଼ାରେ ଜଳସଙ୍କଟ ଦେଖାଦେଇଛି। ଫଳରେ ୱାର୍ଡ଼ବାସୀ ପାଣି ପାଇଁ ତ୍ରାହିତ୍ରାହି ହେଉଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୫ ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଛି।

ଜୟପୁର ସହରରେ ରହିଛି ତିନିଟି ପାଣି ଟାଙ୍କି। ମୋଟର ଦ୍ୱାରା ହାତୀଶାଳ ବିଶୋଧନ କେନ୍ଦ୍ରରୁ ପାଣି ଯୋଗାଣ ହୋଇଥାଏ। ସହରର ସମସ୍ତ ଅଞ୍ଚଳରେ ପାଇପ ଯୋଗେ ଜଳ ଯୋଗାଣ କରାଯାଉଛି। କିନ୍ତୁ ୭ ନମ୍ବର ୱାର୍ଡର ବନ୍ଧଘାଟଗୁଡାକୁ ପାଇପ ପାଣି ପହଞ୍ଚି ପାରୁନାହିଁ। ଏହି ଅଞ୍ଚଳରେ ବସବାସ କରୁଥିବା ୮୦ରୁ ଊର୍ଦ୍ଧ୍ୱ ପରିବାର ଲାଗି ୪ଟି ନଳକୂପ ରହିଛି। ହେଲେ ସବୁଥିରୁ ଲୁହାଟିଆ ଓ ମାଟିଗନ୍ଧ ପାଣି ବାହାରୁଛି। ଯାହା ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଲୋକେ ପାଣି ପାଇଁ ହଇରାଣ ହେଉଥିଲେ। ବର୍ତ୍ତମାନ ଜନସ୍ୱାସ୍ଥ୍ୟ ବିଭାଗ ଏହି ଅଞ୍ଚଳର ୪ଟି ସ୍ଥାନରେ ୧ ହଜାର ଲିଟର କ୍ଷମତା ବିଶିଷ୍ଟ ପ୍ଲାଷ୍ଟିକ ଟାଙ୍କି ବସାଇଛନ୍ତି। ଏଥିସହ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଛି।



ମହିଳାମାନେ ଟ୍ୟାଙ୍କରରୁ ପାଣି ସଂଗ୍ରହ କରୁଛନ୍ତି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ